Daily Edition:
RNI No.ODIODI/2010/33791

ସୋମବାର, ୧୭ ଜାନୁଆରୀ, ୨୦୨୨
ଭାଗ ୧୨, ସଂଖ୍ୟା ୧୪୮

Monday, 17 January - 2022
Volume XII, Issue No 148

୮ ପୃଷ୍ଠା, ମୂଲ୍ୟ : ୨ ଟଙ୍କା

ଆଜିର ତିଥି :
ସମ୍ବତ ୨୦୭୮
ମକର ୪, ପୂର୍ଣ୍ଣିମା

www.srutinews.com

ସତ୍ୟ ପଥେ ଧାମହି

ଶ୍ରୁତି
SRUTI

ସତ୍ୟନିଷ୍ଠ ସୃଜନଶୀଳ ଖବରକାଗଜ

## ଗିନିଜ ବୁକ୍ ଅଫ୍ ୱାର୍ଲଡ ରେକର୍ଡ ସ୍ଥାନ ପାଇଲେ

# ଦିବ୍ୟାଙ୍ଗ କମଳାକାନ୍ତ



ଭୁବନେଶ୍ୱର, ୧୬ /୧(ଶ୍ରୁ.ମି.) : ଓଡ଼ିଶା ପାଇଁ ଖୁସି ଖବର ଆଣିଲେ ଦିବ୍ୟାଙ୍ଗ କମଳାକାନ୍ତ ନାୟକ । ହ୍ୱିଲ୍-ଚେୟାରରେ ସର୍ବାଧିକ ଦୂରତା ଅତିକ୍ରମ କରି ଗିନିଜ୍ ବୁକ୍ ଅଫ୍ ୱାର୍ଲଡ୍ ରେକର୍ଡରେ ସେ ସ୍ଥାନ ପାଇଛନ୍ତି । ପର୍ତ୍ତୁଗାଲର ମାରିଓ ତ୍ରିନିଦାଦ ୧୮୨.୪ କିମି ଦୂରତା ଅତିକ୍ରମ କରି ଗିନିଜ୍ ବୁକ୍‌ରେ ସ୍ଥାନ ଅଧିକାର କରିଥିଲେ । ପୁରୀ ଜିଲ୍ଲାର ଦିବ୍ୟାଙ୍ଗ କମଳାକାନ୍ତ ନାୟକ (୨୮) ତାଙ୍କ ରେକର୍ଡ ଭାଙ୍ଗିବାରେ ସଫଳ ହୋଇଛନ୍ତି । କମଳାକାନ୍ତ ହ୍ୱିଲ୍-ଚେୟାରରେ ୧୮୩.୫୪ କିଲୋମିଟର ଅତିକ୍ରମ କରିସାରିଛନ୍ତି ।

# କରୋନା ଟିକାକରଣ ଅଭିଯାନକୁ ବର୍ଷେ ପୂରିଲା

## ଅଭିଯାନରେ ସାମିଲ ପ୍ରତ୍ୟେକ ବ୍ୟକ୍ତିଙ୍କ କାରଣରୁ ଆମର ଜୀବନ ଜୀବିକା ସୁରକ୍ଷିତ ହୋଇପାରିଛି : ମୋଦୀ



ନୂଆଦିଲ୍ଲୀ, ୧୬/୧(ଏଜେନ୍ସି) : ଦେଶରେ କରୋନା ଟିକାକରଣକୁ ଆଜି ଏକ ବର୍ଷ ପୁରିଯାଇଛି । କରୋନା ବିରୋଧରେ ୧୫୦ କୋଟି ଟିକାକରଣ ଇତିମଧ୍ୟରେ ପୁରା ହୋଇଛି ଓ ୧୫ରୁ ୧୮ ବର୍ଷ ବୟସ କିଶୋର ମାନଙ୍କୁ ମଧ୍ୟ ଟିକାକରଣ ଆରମ୍ଭ ହୋଇଯାଇଛି । ଇତିମଧ୍ୟରେ କରୋନାର ବୁଷ୍ଟର ଡୋଜ ମଧ୍ୟ ଆରମ୍ଭ ହୋଇଯାଇଛି । ଦେଶରେ ଓମିକ୍ରନ ଭାରିଆଣ୍ଟ ପାଦଥାପିଥିବା ସହ କରୋନାର ତୃତୀୟ ଲହରରେ ପୁଣିଥରେ ସଂକ୍ରମଣ ଉପରମୁହାଁ ହୋଇଥିବା ବେଳେ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ସାଙ୍ଗରେ ନେଇ କରୋନା ବିରୁଦ୍ଧ ଅଭିଯାନକୁ ଯେପରି ଭାବେ ଦୀପ ଜାଳିବା, ଘଣ୍ଟା ଥାଳି ବାଡେଇବାରୁ ଆରମ୍ଭ କରିଥିଲେ ପୁଣିଥରେ ତୃତୀୟ ଲହରକୁ ସାମ୍ନା କରିବାରେ ସେ ସମସ୍ତଙ୍କୁ ସାଙ୍ଗରେ ନେବା ପାଇଁ ଚେଷ୍ଟା କରିଛନ୍ତି । ବିଶେଷ କରି କରୋନାର ପ୍ରଥମ ଲହରରୁ ନିଜ ଜୀବନକୁ ବିପନ୍ନ କରି ଆଗଧାଡିର କରୋନା ଯୋଦ୍ଧା ବା ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନଙ୍କର ଅବଦାନକୁ ପ୍ରଧାନମନ୍ତ୍ରୀ ସର୍ବଦା ବେଶ ସମ୍ମାନ ଦେଇଥାନ୍ତି । ଏହି ସ୍ୱାସ୍ଥ୍ୟକର୍ମୀମାନଙ୍କ ନିରନ୍ତର ପ୍ରଚେଷ୍ଟା ବିନା ଦେଶ ୧୫୦ କୋଟି ଡୋଜର ଟିକାକରଣର ଏତେବଡ ଉପଲବ୍ଧି ହାସଲ କରିପାରି ନଥାନ୍ତା । ରବିବାର ୧୬ ଜାନୁଆରୀରେ ଦେଶରେ କରୋନାର ଟିକାକରଣକୁ ଏକ ବର୍ଷ ପୁରି ଯାଇଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ଟିକାକରଣ ଅଭିଯାନରେ ସାମିଲ ଥିବା ଏହି ଫ୍ରଣ୍ଟଲାଇନ ୱାରିଅର ମାନଙ୍କୁ ଉଦ୍ଦେଶ୍ୟରେ ଟ୍ୱିଟ କରି ଲେଖିଛନ୍ତି 'ଟିକାକରଣ ଅଭିଯାନ ସହ ସମ୍ପୃକ୍ତ ପ୍ରତ୍ୟେକ ବ୍ୟକ୍ତିଙ୍କୁ ମୁଁ ସାଲ୍ୟୁଟ କରୁଛି' । ବିଶ୍ୱର ସର୍ବବୃହତ ଏହି ଟିକାକରଣ ଅଭିଯାନ ଦେଶକୁ କରୋନା ବିରୁଦ୍ଧରେ ଲଢିବାକୁ ସାମର୍ଥ ଶକ୍ତି ଦେଇଛି । ଏହା ଆମର ଜୀବନ ଓ ଜୀବିକାକୁ ବଞ୍ଚାଇବାରେ ବେଶ ସହଯୋଗ ହୋଇପାରିଛି ।

## ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବର୍ମିଂହାମ୍ ୨୦୨୨ କମନ୍ ୱେଲଥ୍ ଗେମ୍ସ ରାଣୀଙ୍କ ବ୍ୟାଟନ୍ ରିଲେକୁ କଲେ ସ୍ୱାଗତ




ଭୁବନେଶ୍ୱର, ୧୬/୧(ଶ୍ରୁ.ମି.) : ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବର୍ମିଂହାମ୍ ୨୦୨୨ କମନ୍ ୱେଲଥ୍ ଗେମ୍ସ ରାଣୀଙ୍କ ବ୍ୟାଟନ୍ ରିଲେକୁ କଲେ ସ୍ୱାଗତ କରିଛନ୍ତି ।

ସେ ଓଡ଼ିଶାକୁ ଏହାକୁ ସ୍ୱାଗତ କରି କହିଛନ୍ତି କମନ୍‌ୱେଲଥ୍ ଗେମ୍ସର ସର୍ବୋତମ ପରମ୍ପରା ମଧ୍ୟରୁ ରାଣୀଙ୍କ ବ୍ୟାଟନ୍ ରିଲେ ଅନ୍ୟତମ ଏବଂ ଏହା ଓଡ଼ିଶା ପାଇଁ ଏକ ଗୌରବର ବିଷୟ ।

## ୧୮ରେ ପ୍ରଧାନମନ୍ତ୍ରୀ ମୋଦୀ ବାରାଣସୀରେ ବିଜେପି କର୍ମୀଙ୍କ ସହ ଭେଟିବେ

ବାରାଣସୀ, ୧୬/୧(ଏଜେନ୍ସି) : ବିଧାନସଭା ନିର୍ବାଚନର ପ୍ରସ୍ତୁତି ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜାନୁଆରୀ ୧୮ରେ ବାରାଣସୀ ଜିଲ୍ଲାର ବିଜେପି କର୍ମୀଙ୍କ ସହ ଏକ ଭର୍ଚୁଆଲ କଥାବାର୍ତା କରିବେ । ପ୍ରଧାନମନ୍ତ୍ରୀ ମୋଦୀଙ୍କ ଭର୍ଚୁଆଲ ସଂଳାପକୁ ନେଇ ଦଳର କର୍ମୀଙ୍କ ମଧ୍ୟରେ ଅହେତୁକ ଉତ୍ସାହ ରହିଛି । ସଂଳାପରେ ଅଧିକରୁ ଅଧି ଶ୍ରମିକଙ୍କୁ ନିୟୋଜିତ କରିବା ପାଇଁ ଜିଲ୍ଲା ଏବଂ ମହାନଗର ନିଗମ ପ୍ରସ୍ତୁତି ଆରମ୍ଭ କରିଛି । ଦଳର ରାଜ୍ୟ ୟୁନିଟ୍ କର୍ମଚାରୀମାନଙ୍କୁ ଅଫିସିଆଲ ଟ୍ୱିଟର ହ୍ୟାଣ୍ଡେଲରେ ସୂଚନା ବାଂଟି ନମୋ ଆପ୍ ମାଧ୍ୟମରେ ସେମାନଙ୍କ ମତାମତ ଦେବାକୁ କହିଛନ୍ତି ।

## ବ୍ରହ୍ମଗିରି ବିଧାୟକ ଲଲିତେନ୍ଦୁ ବିଦ୍ୟାଧର କରୋନା ସଂକ୍ରମିତ

ଭୁବନେଶ୍ୱର, ୧୬/୧(ଶ୍ରୁ.ମି.) : ବ୍ରହ୍ମଗିରିର ବିଜେପି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର କରୋନା ସଂକ୍ରମିତ ହୋଇଛନ୍ତି । ସେ ନିଜେ ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ସେ ଭଲ ଅଛନ୍ତି । ହେଲେ ତାଙ୍କ ସହ ସମ୍ପର୍କରେ ଆସିଥିବା ଲୋକ ମାନେ ନିଜକୁ ଆଇସୋଲେଟ କରିବା ସହ ଯଦି ଆବଶ୍ୟକ ହୁଏ ତେବେ ଟେଷ୍ଟ କରାଇ ନେବାକୁ ସେ ଅନୁରୋଧ କରିଛନ୍ତି ।

## ଭାରତ ରତ୍ନ ଲତା ମଙ୍ଗେସକରଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର


### ତାଙ୍କୁ ଦେଖାକରିବାକୁ କରାଯାଇଛି ସମ୍ପୂର୍ଣ୍ଣ ନିଷେଧ



ମୁମ୍ବାଇ, ୧୬/୧(ଏଜେନ୍ସି) : ଭାରତ ରତ୍ନ ଲତା ମଂଗେସକରଙ୍କ ସ୍ୱାସ୍ଥ୍ୟବସ୍ଥା ମୁମ୍ବାଇର ବ୍ରିଚ କେଣ୍ଡି ହସ୍ପିଟାଲରେ ଏବେ ବି ସ୍ଥିର ରହିଛି । ହସ୍ପିଟାଲ ମେନେଜମେଂଟ ତରଫରୁ ତାଙ୍କୁ ଦେଖା କରିବା ପାଇଁ ପୁରା ମାତ୍ରାରେ ପ୍ରତିବନ୍ଧକ ଲଗାଯାଇଛି । ଗତ ଶନିବାରଠାରୁ ଲତା ମଂଗେକର ବ୍ରିଚ କେଣ୍ଡି ହସ୍ପିଟାଲରେ କରୋନା ଓ ନିମୋନିଆ କାରଣରୁ ଭର୍ତି ହୋଇଛନ୍ତି, ତାଙ୍କର ଆଇସିୟୁରେ ଚିକିତ୍ସା ଜାରି ରହିଛି ।

ସ୍ୱାସ୍ଥ୍ୟ ମନ୍ତ୍ରୀ ରାଜେଶ ଟୋପେ ହସ୍ପିଟାଲ ମେନେଜମେଂଟକୁ ଲତା ମଂଗେସକରଙ୍କ ସ୍ୱାସ୍ଥ୍ୟ ବିଷୟରେ ବୁଲେଟିନ ସବୁଦିନ ଦେବା ପାଇଁ ନିର୍ଦ୍ଦେଶଦେଇଛନ୍ତି । ସେ କହିଛନ୍ତି ଯେ, ଲତା ଦିଦିଙ୍କ ସ୍ୱାସ୍ଥ୍ୟ ବିଷୟରେ ସେ ସର୍ବଦା ଖବର ନେଉଛନ୍ତି ।

## ବିହାରରେ ସେନାର ଏକ ତାଲିମ ଶିବିରରେ ଓଡ଼ିଶାର ପର୍ଶୁରାମ ଶବର ଶହୀଦ ହୋଇଥିବା ଜାଣି ଦୁଃଖ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର. ୧୬ /୧(ଶ୍ରୁ.ମି.) : ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିହାରରେ ସେନାର ଏକ ତାଲିମ ଶିବିରରେ ଓଡ଼ିଶାର ପର୍ଶୁରାମ ଶବର ଶହୀଦ ହୋଇଥିବା ଜାଣି ଦୁଃଖ ପ୍ରକାଶ କରିଛନ୍ତି ।

ସେ ଟ୍ୱିଟ କରି କହିଛନ୍ତି ଯେ - ବିହାରରେ ସେନାର ଏକ ତାଲିମ ଶିବିରରେ ଘଟିଥିବା ଅଘଟଣରେ ଶହୀଦ ୩ଜଣ ଯବାନଙ୍କ ମଧ୍ୟରେ ଓଡ଼ିଶାର ପର୍ଶୁରାମ ଶବର ଶହୀଦ ହୋଇଥିବା ବିଷୟରେ ଜାଣି ମୁଁ ଦୁଃଖିତ । ଶହୀଦ ଯବାନଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ମୋର ସମବେଦନା ଜଣାଉଛି ।

## ବିହାରର ନାଳନ୍ଦାରେ ମୃତକଙ୍କ ସଂଖ୍ୟା ୧୧, ସୋହସରାୟ ଥାନା ଅଧିକାରୀ ସସ୍‌ପେଣ୍ଡ

### ପରିଜନଙ୍କ କହିବା କଥା ବିଷାକ୍ତ ମଦ୍ୟପାନ ଯୋଗୁଁ ହୋଇଛି ମୃତ୍ୟୁ

ପାଟନା, ୧୬/୧(ଏଜେନ୍ସି) : ବିହାରର ନାଳନ୍ଦାରେ ସଂଦିଗ୍ଧ ପରିସ୍ଥିତିରେ ମୃତକଙ୍କ ସଂଖ୍ୟା ବୃଦ୍ଧି ପାଇ ୧୧ରେ ପହଂଚିଛି । ବିଷାକ୍ତ ମଦ୍ୟପାନ କରିବା ଯୋଗୁଁ ମୃତ୍ୟୁ ଘଟିଛି ବୋଲି ସମ୍ପର୍କୀୟ ମାନେ ଅଭିଯୋଗ କରିଛନ୍ତି । ଏହି ଘଟଣାଟି ଜିଲ୍ଲାର ସୋହସରାୟ ପୋଲିସ ଷ୍ଟେସନର ଛୋଟି ପାହାଡ଼ି ଏବଂ ପାହାଡ଼ ତଳି ମହଲାର ଅଟେ । ଜିଲ୍ଲାର ଆଇଜି ସୋହସରାୟ ପୁଲିସ ଥାନା ଅଧ୍ୟକ୍ଷ ସୁରେଶ ପ୍ରସାଦକୁ ନିଲମ୍ବିତ କରିଛନ୍ତି ।



# ଗୋଟିଏ ଦିନରେ ୧୧୧୭୭ କରୋନା ଆକ୍ରାନ୍ତ ଚିହ୍ନଟ

## ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୧୨୨୭୩୫




ଭୁବନେଶ୍ୱର, ୧୬/୧(ଶ୍ରୁ.ମି.) : ରାଜ୍ୟରେ ଗୋଟିଏ ଦିନରେ ୧୧୧୭୭ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୧୨୨୭୩୫ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୧୦୧୬ ଓ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୫୫ ହଜାର ୬୧୫ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୬୯୭୬୩ ରହିଛି ।

ଆଜି ଚିହ୍ନଟ ହୋଇଥିବା ୧୧୧୭୭ ଜଣଙ୍କ ମଧ୍ୟରୁ ୬୪୭୯ ଜଣ ସଂଗରୋଧରୁ ହୋଇଥିବା ବେଳେ ୪୬୯୮ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।

ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧାରୁ ସବୁଠାରୁ ଅଧିକ ୩୪୨୪ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।

ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୧୩୨, ବାଲେଶ୍ୱର ଜିଲ୍ଲାରୁ ୩୪୨ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଜିଲ୍ଲାରୁ ୧୨୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାରୁ ୯୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାରୁ ୩୧୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୭୧ , କଟକରୁ ୮୨୯ ସଂକ୍ରମିତ ହୋଇଛନ୍ତି । ଦେବଗଡ ଜିଲ୍ଲାରୁ ୨୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୬୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତି ଜିଲ୍ଲାରୁ ୭୩, ଗଂଜାମ ଜିଲ୍ଲାରେ ୧୦୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୧୬୪, ଯାଜପୁରରୁ ୧୭୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୧୯୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଜିଲ୍ଲାରୁ ୧୭୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କନ୍ଧମାଳ ଜିଲ୍ଲାରୁ ୪୭ ,କେନ୍ଦ୍ରାପଡ଼ା ଜିଲ୍ଲାରୁ ୭୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେନ୍ଦୁଝରରୁ ୬୯ , ଖୋର୍ଦ୍ଧାରୁ ୩୪୨୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରୁ ୧୫୨ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୪୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜ ଜିଲ୍ଲାରୁ ୨୭୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ୧୫୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୟାଗଡ ଜିଲ୍ଲାରୁ ୧୫୯ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନୂଆପଡା ଜିଲ୍ଲାରୁ ୭୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ପୁରୀ ଜିଲ୍ଲାରୁ ୧୪୧ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାୟଗଡ଼ା ଜିଲ୍ଲାରୁ ୧୮୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସମ୍ବଲପୁରରୁ ୩୭୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସୋନପୁର ଜିଲ୍ଲାରୁ ୨୩୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୁନ୍ଦରଗଡ଼ରୁ ୨୧୩୬, ଷ୍ଟେଟ୍ ପୁଲରୁ ୭୩୭ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## କାଳିମେଳା ବସଷ୍ଟାଣ୍ଡରୁ ଶିଶୁ ଶ୍ରମିକ ଉଦ୍ଧାର

ମାଲକାନଗିରି ୧ ୬/୧(ଶ୍ରୁ.ମି.) : ମାଲକାନଗିରି ଜିଲ୍ଲା କାଳିମେଳା ସଦର୍ ମହକୁମା ସ୍ଥିତ ବସ୍ ଷ୍ଟାଣ୍ଡ ପରିସରରୁ ଗତ କାଲି ରାତି ୯ ଟା ସମୟରେ ହାଇଦ୍ରାବାଦ ଯାଉଥିବା ଗୁପ୍ତା ନା ମକ ଏକ ଘରୋଇ ବସ ରୁ କାଳିମେଳା ଚାଇଲ୍ଡ ଲାଇନ ଟିମ୍ ଚଡାଉ କରି ଶିଶୁ ଶ୍ରମିକ ମାନଙ୍କୁ ଉଦ୍ଧାର କରିଛି !ଉଦ୍ଧାର ଶ୍ରମିକ ମାନଙ୍କ ମଧ୍ୟରେ ମୋଟ ୧ ୧ ଜଣ ରହିଥିବା ବେଳେ ସେମାନଙ୍କ ମଧ୍ୟରୁ ପ୍ରାୟ ୬ ରୁ ୭ ଜଣ ୧ ୮ ବର୍ଷରୁ କମ୍ ନାବାଳିକା ଝିଅ ରହିଥିବା ଦେଖିବାକୁ ମିଳିଛି ! ଏମାନଙ୍କୁ ଜଣେ ଦଲାଲ ଟଙ୍କା ପ୍ରଲୋଭନ ଦେଖାଇ ବାଙ୍ଗାଲୋର ଅଂଚଳରେ ଥିବା ଏକ କମ୍ପାନୀ ରେ କାମ ଦେବା କହି ବସ୍ ଯୋଗେ ନେଇଯାଉ ଥିବା ଉଦ୍ଧାର ହୋଇଥିବା ଝିଅ ମାନେ ପ୍ରକାଶ କରିଛନ୍ତି !କିନ୍ତୁ ସେମାନଙ୍କୁ କିଏ ନେଉଥିଲା ସେ ନେଇ ଝିଅ ମାନେ କିଛି ଜାଣି ନ ଥିବା ପ୍ରକାଶ କରିଛନ୍ତି ! ତେବେ ଉଦ୍ଧାର ହୋଇଥିବା ଝିଅମାନେ କାଳିମେଳା ଥାନା ଅଂଚଳର ହୋଇଥିବା ଜଣା ପଡିଛି କାଳିମେଳା ବସ ଷ୍ଟାଣ୍ଡ ରେ ବସ ଭିତରେ ଏହି ଝିଅ ମାନେ ବସିଥିବା ବେଳେ କାଳିମେଳା ଚାଇଲ୍ଡ ଲାଇନ ର ମୁଖ୍ୟ କେ ମିଶାଇଲ ରାଜୁ ଏବଂ ଅନ୍ୟ ଟିମ୍ କର୍ମଚାରୀ ମାନେ ପହଂଚି ଝିଅ ମାନଙ୍କୁ ଉଦ୍ଧାର କରି ଥିଲେ ପରେ ଚାଇଲ୍ଡ ଲାଇନ ଦ୍ୱାରା ସ୍ଥାନୀୟ ଥାନାକୁ ଜଣାଇବା ପରେ ପୋଲିସ ଟିମ ପହଁଚି ତଦନ୍ତ ଆରମ୍ଭ କରିଛି ଏବଂ ଉଦ୍ଧାର ନାବାଳିକା ମାନଙ୍କୁ ଜିଲ୍ଲା ଶିଶୁ ସୁରକ୍ଷା ସମିତିରେ ହାଜର କରାଯିବ ବୋଲି ଚାଇଲଡ ଲାଇନ ପକ୍ଷରୁ ସୂଚନା ମିଳିଛି !

## କେନ୍ଦ୍ରୀୟ ସ୍ୱାସ୍ଥ୍ୟ ମନ୍ତ୍ରୀ ଟୀକାକରଣର ଏକ ବର୍ଷ ପୂର୍ତ୍ତିରେ ସ୍ମାରକ ଡାକ ଟିକେଟ ଜାରି କଲେ





ନୂଆଦିଲ୍ଲୀ, ୧୬/୧(ଏଜେନ୍ସି) : କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ମନସୁଖ ମାଣ୍ଡଭିଆ ରବିବାର ଦିନ କରୋନା ଟୀକାକରଣ ଅଭିଯାନର ଏକ ବର୍ଷ ପୂରଣ ହେବା ଉପରେ ସ୍ମାରକ ଡାକ ଟିକେଟ ଜାରି କରିଛନ୍ତି ।

ଏହି ଅବସରରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ତାଙ୍କ ସମ୍ବୋଧନରେ କହିଛନ୍ତି ଯେ, ଆଜି ଆମ ପାଇଁ ଏକ ଗରୁତ୍ୱପୂର୍ଣ୍ଣ ଦିନ କାରଣ ଆମେ ଟୀକାକରଣ ଅଭିଯାନର ଏକ ବର୍ଷ ପୂରଣ କରିଛୁ । ଆଜି ଟୀକାକରଣ କାର୍ଯ୍ୟକ୍ରମର ବାର୍ଷିକୀ ଅବସରରେ ଆଇସିଏମଆର ଏବଂ ଭାରତ ବାୟୋଟେକ୍ ଦ୍ୱାରା ବିକଶିତ ସ୍ୱଦେଶୀ ଟୀକା ଉପରେ ଏକ ଡାକ ଷ୍ଟାମ୍ପ ଜାରି କରାଯାଇଛି, ଯାହା ଆତ୍ମନିର୍ଭରଶୀଳ ଭାରତ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱପ୍ନକୁ ସାକାର କରୁଛି । ଏହି ଅବସରରେ ସେ ସମସ୍ତ ବୈଜ୍ଞାନିକ ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଧନ୍ୟବାଦ ଜଣାଉଛନ୍ତି ।


ସେ କହିଛନ୍ତି ଯେ, ଆମର ଟୀକାକରଣ ଅଭିଯାନର ସଫଳତା ଦ୍ୱାରା ବିଶ୍ୱ ଆଶ୍ଚର୍ଯ୍ୟ ହୋଇଯାଇଛି । ଆମେ ୧୫୬ କୋଟିରୁ ଅଧିକ ଡୋଜ ଦେଇଛୁ । ୧୮ ବର୍ଷରୁ ଅଧିକ ଜନସଂଖ୍ୟାର ୯୩ ପ୍ରତିଶତ ଲୋକଙ୍କୁ ପ୍ରଥମ ଡୋଜରେ ଟୀକାକରଣ କରାଯାଇଛି ଏବଂ ୭୦ ପ୍ରତିଶତ ଜନସଂଖ୍ୟାକୁ ଉଭୟ ଟୀକା ଦିଆଯାଇଛି ।

## ରାଜଧାନୀରେ ୨୪ ଘଣ୍ଟାରେ ୧୩୨୧ ପଜିଟିଭ୍

ଭୁବନେଶ୍ୱର, ୧୬/୧(ଶ୍ରୁ.ମି.) : ରାଜଧାନୀରେ କରୋନା ସଂକ୍ରମଣ ବଢି ବଢି ଚାଲିଛି । ଭୁବନେଶ୍ୱର ମହାନଗର ନିଗମ(ବିଏମସି) ଅଂଚଳରୁ ରବିବାର ଆଉ ୧୩୨୧ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୩୧ ଜଣ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଥିବା ବେଳେ ୧୨୯୦ ଜଣ ଲୋକାଲ କେସ୍ ରହିଛନ୍ତି । ଏଥିସହ ୨୪ ଘଂଟାରେ ଆଉ ୫୧୦ ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ବିଏମସି ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି ।



# ଶ୍ରୀରାମ ଚରିତ ମାନସ



ଗୋସ୍ୱାମୀ ତୁଳସୀଦାସଙ୍କ ରଚିତ ଶ୍ରୀରାମଚରିତ ମାନସ କେବଳ ଏକ ଧାର୍ମିକ ଗ୍ରନ୍ଥ ନୁହେଁ । ସାମାଜିକ ଜୀବନ ଉପରେ ଏହାର ଗଭୀର ପ୍ରଭାବ ସମଗ୍ର ବିଶ୍ୱରେ ସ୍ୱୀକୃତ । ମାନସର ମର୍ମଜ୍ଞ ବିଦ୍ୱାନ, କେନ୍ଦ୍ରାପଡା ଅଭୟା ସଂସ୍କୃତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ, ସ୍ୱର୍ଗତ ପଣ୍ଡିତ ବାଞ୍ଛାନିଧି ଦାଶଙ୍କ ଦ୍ୱାରା ଲୋକପ୍ରିୟ ନବାକ୍ଷରୀ ଛନ୍ଦରେ ହୋଇଥିବା ଏହାର ଭାବଗର୍ଭିକ ଅନୁବାଦ 'ଶ୍ରୁତି'ରେ ସଂପୂର୍ଣ୍ଣ ପ୍ରକାଶିତ ହେବା ପରେ ଆମ ପାଠକମାନଙ୍କ ଅନୁରୋଧରେ ପୁନଃ ପ୍ରକାଶିତ ହେଉଛି । ପୂର୍ବପରି ଏହା ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା ।



**ଯହ ଇତିହାସ ସକଲ ଜଗ ଜାନୀ ।**
**ତାତେ ମୈଂ ସଂକ୍ଷେପ ବଖାନୀ ॥**
ଶିବଙ୍କ ଦ୍ରୋହ ଯେ କରଇ ।
ଅବଶ୍ୟ ତା ଫଳ ସେ ପାଇ ॥
ଜଗେତ ଜାଣନ୍ତି ସକଳେ ।
ତାହା ଭାଗ୍ୟରେ ଯାହା ଫଳେ ॥
ଅତି ଗର୍ବରେ ସେହି ଗତି ॥
ପାଇଲେ ଦକ୍ଷ ପ୍ରଜାପତି ॥
ସେ ଇତିହାସ ଅଛି ଯାହା ।
ସାରା ସଂସାର ଜାଣେ ତାହା ॥
ଏଣୁ ମୁଁ ବିସ୍ତାର ନ କରି ।
ଅତି ସଂକ୍ଷେପେ ଦେଲି ସାରି ॥
**ସତୀଁ ମରମତ ହରିସନ ବରୁ ମାଗା ।**
**ଜନମ ଜନମ ସିବ ପଦ ଅନୁରାଗା ॥**
**ତେହି କାରନ ହିମଗିରି ଗୃହ ଜାଇ ।**
**ଜନମୀଂ ପାରବତୀ ତନୁ ପାଇ ॥**
ଯୋଗ ଅଗ୍ନିରେ ଯେତେବେଳେ ।
ସତୀନିଜକୁ ବିସର୍ଜିଲେ ॥
ସେ କାଳେ ଶ୍ରୀ ହରିଙ୍କୁ ଏହି ।
ବର ମାଗିଲେ ନତ ହୋଇ ॥
ହେ ଭଗବାନ ହେ ଶ୍ରୀ ହରି ।
ଦୀନ ଜନଙ୍କ ଦୁଃଖ ହାରି ॥
ତୁମ୍ଭେ ତ କରୁଣା ସାଗର ।
ଏ ବର ମୋତେ ଦାନ କର ॥

ଜନମେ ଜନମେ ଯେପରି ।
ମୁଁ ହୁଏ ଶିବଙ୍କ କିଂକରୀ ॥
ତାହାଙ୍କ ପଦେ ମୋର ପ୍ରୀତି ।
ସର୍ବଦା ଲଭିଥାଉ ସ୍ଥିତି ॥
ଏଇଥିପାଇଁ ମହାସତୀ ।
ଏଡାଇ ସକଳ ବିପତ୍ତି ॥
ହିମାଳୟର ଗୃହେ ଯାଇ ।
ଶ୍ରୀ ପାରବତୀ ତନୁପାଇ ॥
ଜନ୍ମ ହୋଇଲେ ମାତ୍ତବାନୀ ।
ପର୍ବତ କନ୍ୟା ରୂପ ଘେନି ॥
**ଜବ ତେଂ ଉମା ସୈଲ ଗୃହ ଜାଇଁ ॥**
**ସକଲ ସିଦ୍ଧି ସଂପତି ତହଂ ଛାଇଁ ॥**
**ଜହଁ ତହଁ ମୁନିନ୍ହ ସୁଆଶ୍ରମ କୀନ୍ହେ ।**
**ଉଚିତ ବାସ ହିମ ଭୂଧର ଦୀନ୍ହେ ॥**

ପର୍ବତ ଗୃହେ ଉମା ଯେବେ ।
ଜନ୍ମ ଲଭିଲେ କନ୍ୟା ଭାବେ ॥
ସେ ଦିନୁ ତହିଁ ସର୍ବସିଦ୍ଧି ।
ସର୍ବ ସଂପଦ ହେଲା ବୃଦ୍ଧି ॥
ତପସ୍ୱୀ ମୁନିଙ୍କ ମଣ୍ଡଳି ।
ବିଭିନ୍ନ ସ୍ଥାନୁ ତହିଁ ମିଳି ॥
ରଚିଲେ ଉତ୍ତମ ଆଶ୍ରମ ।
ଜପିଲେ ଶିବ ଗୁଣଧାମ ॥
ପର୍ବତ ରାଜ ତହିଁ ଆସି ।
ତପସ୍ୱୀ ଗଣଙ୍କୁ ପ୍ରଶଂସି ॥
ଉଚିତ ସ୍ଥାନ ତାଙ୍କୁ ଦେଲେ ।
ଅତି ଆଦରେ ରଖାଇଲେ ॥

❖❖❖... କ୍ରମଶଃ

# ପୁରୀରେ ରାଜ୍ୟଗୋଷ୍ଠୀ କ୍ରୀଡା ମଶାଲକୁ ସ୍ୱାଗତ




ପୁରୀ, ୧୬/୧(ଶ୍ରୁ.ମି.) : ବର୍ମିଂହୋମରେ ହେବାକୁ ଥିବା ରାଜ୍ୟଗୋଷ୍ଠୀ କ୍ରୀଡା ପରିପ୍ରେକ୍ଷୀରେ କୁଇନ ବାଟନ ରିଲେ ମଶାଲକୁ ପୁରୀରେ ପ୍ରଶାସନ ତରଫରୁ ସ୍ୱାଗତ କରାଯାଇଥିବାବେଳେ ମେଡିକାଲ ଛକରୁ ଜିଲ୍ଲା ପ୍ରଶାସନ ତରଫରୁ ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ ସାହୁଙ୍କ ସମେତ ଅନେକ ଅଧିକାରୀ, ଜିଲ୍ଲା ଖେଳା ଅଧିକାରୀ ଓ ଅନ୍ୟାନ୍ୟ ଖେଳ ସଂଗଠନ ତରଫରୁ ମଶାଲକୁ ସ୍ୱାଗତ କରାଯାଇଥିବା ସହ ଉକ୍ତ ମଶାଲକୁ ବ୍ଲୁ-ଫ୍ଲାଗ ବିଚ୍‌କୁ ନିଆଯାଇଥିଲା। ଉକ୍ତ ମଶାଲ କୋଣାର୍କ ଦେଇ ଭୁବନେଶ୍ୱର ଯାଇଥିବା ଜଣାପଡିଛି।

# ଜିଲାରେ ୬୯ଜଣ କରୋନା ସଂକ୍ରମିତ ଚିହ୍ନଟ

ଢେଙ୍କାନାଳ, ୧୬।୧(ଶ୍ରୁ.ମି.) : ଜିଲ୍ଲାରେ ୧୧୪୨ ଜଣଙ୍କ ସ୍ୱାବ ଟେଷ୍ଟିଂ ମଧ୍ୟରୁ ୬୯ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ଜଣାଯାଇଛି ଏବଂ ୨୮ ଜଣ ଚିକିତ୍ସାଧିନ ପରେ ସୁସ୍ଥ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩୩ଜଣ ଘରୋଇ ସଂଗରୋଧରେ ଥିବାବେଳେ ୩୬ଜଣ ଅନ୍ୟ ଚିକିତ୍ସାଳୟରୁ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରୁ ଢେଙ୍କାନାଳ ପୌରାଂଚଳରୁ ୧୦ ଜଣ୍ ଚିହ୍ନଟ ହୋଇଛନ୍ତି । ଏହି ଆକ୍ରାନ୍ତଙ୍କ ମଧ୍ୟରୁ କୁଞ୍ଜକାନ୍ତରୁ ୨ ଜଣ, ଦକ୍ଷିଣକାଳୀରୁ ୩ ଜଣ,ଦେଉଳସାହି,ମୀନା ବଜାର, ଷ୍ଟେସନ ବଜାର, ଶ୍ୟାମାଚରଣପୁର ଏବଂ ଆନନ୍ଦ ନଗରରୁ ଜଣେ ଲେଖାଏଁ, ଭୁବନ ବ୍ଲକରୁ ୨ ଜଣଙ୍କ ମଧ୍ୟରୁ ବଡ ମୁକ୍ତାପଶି ଓ କୁମୁରିସିଙ୍ଗାରୁ ଜଣେ ଲେଖାଏଁ, ଭୁବନ ଏନଏସିରୁ ୬ ଜଣ ଏବଂ ସଦର ବ୍ଲକରୁ ୩ ଜଣଙ୍କ ମଧ୍ୟରୁ କୁରୁମଟାଙ୍ଗର, କଙ୍କଡାହାଡ ଓ ଗୋବିନ୍ଦପୁରରୁ ଜଣେ ଲେଖାଏଁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ଗଁନ୍ଦିଆ ବ୍ଲକରୁ ଚିହ୍ନଟ ୪ ଜଣଙ୍କ ମଧ୍ୟରୁ କରମୁଳ, ପୋରୁହଖୋଜ, ବାଇସିଂହା ଏବଂ ଅନ୍ନପୁରରୁ ଜଣେ ଲେଖାଏଁ, ହିନ୍ଦୋଳ ବ୍ଲକରୁ ୮ ଜଣଙ୍କ ମଧ୍ୟରୁ ବାଉଁଶପୋଖରୀ, ଖାଲପାଳ, ରଞ୍ଜାଗୋଳ, ନୂଆହିନ୍ଦୋଳ, ଖଜୁରିଆକଟା, କାରନ୍ଦା ଓ ଠଙ୍ଗାରୁ ଜଣେ ଲେଖାଏଁ, ହିନ୍ଦୋଳ ଏନଏସିର ନୂଆପାଣିରୁ ଜଣେ, କାମାକ୍ଷାନଗର ବ୍ଲକର କମଗରାରୁ ଜଣେ ଲେଖାଏଁ ଚିହ୍ନଟ ହୋଇଛନ୍ତି ।

# ରାସ୍ତାକଡରେ ବାଇଶି ପାହାଚ ବ୍ରାହ୍ମଣ !

## ସ୍ଥାୟୀ ପିଣ୍ଡି ପାଇଁ ଅଖିଳ ଭାରତ ହିନ୍ଦୁ ମହାସଭାର ଦାବି ନଚେତ ଆନ୍ଦୋଳନ ହେବ

ପୁରୀ, ୧୬/୧(ଶ୍ରୁ.ମି.) : କାହିଁ କେଉଁ କାଳରୁ ମନ୍ଦିର ପ୍ରତିଷ୍ଠା ଦିନରୁ ବାଇଶି ପାହାଚରେ ବ୍ରାହ୍ମଣମାନେ ବସି ଭକ୍ତ ତଥା ସାଧାରଣ ଲୋକଙ୍କର ପିତୃ ପୁରୁଷଙ୍କ ପାଇଁ ଶ୍ରାଦ୍ଧ କରିବା ସହ ଦାନ, ଦକ୍ଷିଣା ମଧ୍ୟ ଗ୍ରହଣ କରି ନିଜର ଗୁଜୁରାଣ ମେଣ୍ଟାଇ ପରିବାର ଚଳାଇ ଆସୁଥିଲାବେଳେ କୋଭିଡ ଆରମ୍ଭରୁ ୨୦୧୯ରୁ ମନ୍ଦିର ବନ୍ଦ ଓ ବିଶେଷ କରି ମନ୍ଦିର ସୌନ୍ଦର୍ଯ୍ୟକରଣ ପାଇଁ କାମ ଯୋଗୁ ବାଇଶି ପାହାଚରେ ଶ୍ରାଦ୍ଧ ପକାଇବା ନିଷେଧ କଲା ଶ୍ରୀମନ୍ଦିର ପ୍ରଶାସନ। ତେଣୁ ସେମାନେ ମନ୍ଦିର ଚାରିପଟେ ଏଣେତେଣେ ବସି ଖରାରେ ଶ୍ରାଦ୍ଧ ପକାଉଥିବାବେଳେ ସେମାନଙ୍କୁ ମନ୍ଦିର ପ୍ରଶାସନ ଉପଯୁକ୍ତ ସ୍ଥାନରେ ରାସ୍ତାକଡରେ ମନ୍ଦିର ପାଚେରୀ ପାଖରେ ବସି ଶ୍ରାଦ୍ଧ କରୁଥିବା ଦେଖିବାକୁ ମିଳୁଥିବାବେଳେ ଅଖିଳ ଭାରତ ହିନ୍ଦୁ ମହାସଭାରେ ଏହାକୁ ଘୋର ବିରୋଧ କରିବା ସହ ଏହା ବ୍ରାହ୍ମଣମାନଙ୍କ ପାଇଁ ଅପମାନ ଓ ବ୍ରାହ୍ମଣ ସମାଜ ପ୍ରତି ଘୃଣାଭାବ। ତେଣୁ ଯଥାଶୀଘ୍ର ସେମାନଙ୍କୁ ଶୀଘ୍ର ଥଇଥାନ କରାଯାଉ ନଚେତ ହିନ୍ଦୁ ମହାସଭା ତିବ୍ର ଆନ୍ଦୋଳନ କରିବ ବୋଲି କର୍ମକର୍ତ୍ତା ସୂର୍ଯ୍ୟରଥଙ୍କ ଠାରୁ ପ୍ରକାଶ। ବାଇଶି ପାହାଚ ଶ୍ରାଦ୍ଧ କରିବା ପାଇଁ ବ୍ରାହ୍ମଣମାନେ ମନ୍ଦିର ଠାରୁ ପଞ୍ଜିକରଣ କରି କିଛି ଅର୍ଥ ରସିଦ ଜରିଆରେ ମଧ୍ୟ ଦେଉଥିଲେ। ହିନ୍ଦୁ ଓ ସନାତନ ଧର୍ମ ପରମ୍ପରାରେ ଶ୍ରୀମନ୍ଦିର ତଥା ପାଖରେ ଶ୍ରାଦ୍ଧ ଦେଲେ ପୁଣ୍ୟ ହେବା ସହ ପିତୃ ପୁରୁଷମାନେ ଶାନ୍ତି ହୁଅନ୍ତି।

# ମହେଶ୍ୱରପୁରରେ ମାଘେ ପରବ ପାଳିତ



ଚମ୍ପୁଆ, ୧୫।୧(ଶ୍ରୁ.ମି.) : ଚମ୍ପୁଆ ବ୍ଲକ ଅନ୍ତର୍ଗତ ମହେଶ୍ୱରପୁର ଗ୍ରାମରେ ଆଦିବାସୀ କୋହ୍ଲ ସଂପ୍ରଦାୟର ମାଘେ ପରବ ଆନନ୍ଦ ଉଲ୍ଲାସ ସହିତ ପାଳିତ ହୋଇଯାଇଛି। ମାଘ ମାସ ଏକ ପବିତ୍ର ମାସ ଭାବେ ବିଶ୍ୱାସ କରୁଥିବା ଏହି ସଂପ୍ରଦାୟ ନିଜ ଘରଦ୍ୱାରକୁ ଲିପାପୋଛାକରି ଏହା ପାଳନ କରୁଥିବା ବେଳେ ବିଶେଷ ଭାବରେ ମାଟି ମାକୁ ପୂଜା କରାଯାଇଥାଏ। ସଂପ୍ରଦାୟକ ବିଶ୍ୱାସ ଅନୁସାରେ ଏହି ଦିନ ମା ମାଟିର ପୂଜା କରି ଯାହା ମନସ୍କାମନା କରାଯାଏ ତାହା ପୂରଣ ହୋଇଥାଏ। ଏହି ଅବସରରେ ଆଦିବାସୀ ମାନେ ଗୁହାଳଘରେ ସଂଙ୍ଗ ଦଙ୍ଗାଙ୍କୁ ପୂଜା କରିଥାନ୍ତି। ଏହି ପୂଜାରେ ଆଦିବାସୀ ମାନେ ଜଳଦେବତା.ବାୟୁ ଦେବତା, ସୂର୍ଯ୍ୟଦେବତା ଓ ପ୍ରକୃତିକୁ ଆବାହନ କରିଥାନ୍ତି। ଏହି ପୂଜା ପାଇଁ ନୂଆଁ କୂଲା, ଚଲା ,ହାଣ୍ଡି, ବିରି ଚାଉଳ ଆଦି ବ୍ୟବହାରତ କରିଥାନ୍ତି। କୃଷି କାର୍ଯ୍ୟ ଭଲହେବା, ଗୃହପାଳିତ ପଶୁ ମାନଙ୍କର ସୁରକ୍ଷା, ମହାମାରୀ ନହେବା, ଚାଷ ଉପେଯାଗୀ ବର୍ଷାହେବା ଆଦି ପାଇଁ ଏହି ପୂଜା କରାଯାଇଥାଏ। ପୂଜା ଶାଳରେ ପୂଜା ଦେହୁରୀ ବିରଂଚି ମହାନ୍ତଙ୍କ ଦ୍ୱାରା ପୂଜାକାର୍ଯ୍ୟ ଶେଷ ପରେ ସଂପ୍ରଦାୟିକ ଲୋକ ମାନଙ୍କ ଦ୍ୱାରା ମାଦଳ , ନାଗରା, ଝାଂଜି, ବଂଶୀ, ହାରମୋନିୟମ ଓ କେନ୍ଦରା ଆଦି ବଜାଇ ଆଖଡା ଶାଳରେ ଭାଇଚାରାର ସଂପର୍କ ବୃଦ୍ଧି ପାଇଁ ମିଳିତ ନୃତ୍ୟ ଓ ସଂପ୍ରଦାୟିକ ଗିତ ଗାନ କରିଥିଲେ।

# ବ୍ୟାସନଗରର ଯୋଡାବର ସେପ୍ଟେଜ୍ ଟ୍ରିଟ୍ମେଂଟ ପ୍ଲାଣ୍ଟ ନିର୍ମାଣ କାର୍ଯ୍ୟର ସମୀକ୍ଷା

ଯାଜପୁର, ୧୬/୧(ଶ୍ରୁ.ମି.) : ଯାଜପୁର ଜିଲ୍ଲାର ବ୍ୟାସନଗର ପୌରାଂଚଳ ଅର୍ନ୍ତଗତ ଯୋଡାବର ସ୍ଥିତ ଏମ୍.ସି.ସି ପ୍ଲାଂଟ ପରିସରରେ ୨ କୋଟି ୭୧ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣାଧିନ ସେପ୍ଟେଜ୍ ଟ୍ରିଟ୍ମେଂଟ ପ୍ଲାଂଟର ନିର୍ମାଣ କାର୍ଯ୍ୟକୁ ଆଜି ଶନିବାର ପୂର୍ବାହ୍ନରେ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ତଥା ବ୍ୟାସନଗର ପୌରପାଳିକାର ପ୍ରଶାସକ ସନ୍ତୋଷ କୁମାର ମିଶ୍ର ଅନୁଧ୍ୟାନ କରିଥିଲେ। ପ୍ଲାଣ୍ଟର କାର୍ଯ୍ୟ ସମୀକ୍ଷା କରିଥିଲେ। ଶ୍ରୀ ମିଶ୍ରଙ୍କ ଉପସ୍ଥିତିରେ ଆଜି ଏହି ପ୍ଲାଣ୍ଟର ପରୀକ୍ଷାମୂଳକ ଋଳନା (ଟ୍ରାୟଲ ରନ୍) କରାଯାଇଥିଲା। ଏହି ସେପ୍ଟେଜ୍ ଟ୍ରିଟ୍ମେଂଟ ପ୍ଲାଂଟର ଅବଶିଷ୍ଟ ନିର୍ମାଣ କାର୍ଯ୍ୟକୁ ଯଥା ସମୟରେ ଅର୍ଥାତ ଆସନ୍ତା ମାର୍ଚ୍ଚ ୩୧ ତାରିଖ ପୂର୍ବରୁ ସଂପୂର୍ଣ୍ଣ କରିବାକୁ ଶ୍ରୀ ମିଶ୍ର ସଂପୃକ୍ତ ଠିକାଦାର ଓ ଉପସ୍ଥିତ ଏଫ୍.ଏସ.ଏସ.ଏମ୍ର କୋର୍ଡିନେଟର ଓମପ୍ରକାଶ ରଥଙ୍କୁ ପରାମର୍ଶ ଦେଇଥିଲେ। ଏହି ପ୍ଲାଣ୍ଟ ନିର୍ମାଣ ଫଳରେ ବ୍ୟାସନଗର ପୌରାଞ୍ଚଳ ସମେତ ଆଖପାଖ ଅଞ୍ଚଳର ପାଇଖାନାରୁ ନିଷ୍କାଷିତ ଆବର୍ଜନା ପାଣିକୁ ବାହାରେ ନ ।ଳି ଉକ୍ତ ପ୍ଲାଣ୍ଟର କୋଟିଏ ଜାଗାରେ ରଖି ବୈଜ୍ଞାନିକ ଉପାୟରେ ଖତ ପ୍ରସ୍ତୁତ କରାଯିବା ସଂଗେ ସଂଗେ ଅବଶିଷ୍ଟ ବିଶୋଧିତ ଜଳକୁ କୃଷି ଉଦ୍ଦେଶ୍ୟରେ ପୁନଃ ବ୍ୟବହାର ଉପଯୋଗୀ କରାଯାଇପାରିବ। ଆଜିର ଏହି ସମୀକ୍ଷା କାର୍ଯ୍ୟକ୍ରମରେ ପୌରପାଳିକାର ନିର୍ବାହୀ ଅଧିକାରୀ ଅଶୋକ କୁମାର ରାଉତ, ପୌର ଯନ୍ତ୍ରୀ ଅଜୟ କୁମାର ପରିଡ଼ା, ସହାୟକ ଯନ୍ତ୍ରୀ ବିଜୟକେତନ ମହାପାତ୍ର, କନିଷ୍ଠ ଯନ୍ତ୍ରୀ ନୀଳମାଧବ ନନ୍ଦ, ବରିଷ୍ଠ ପୌର କର୍ମଋରୀ କିଶୋର କୁମାର ରାଉତ, ରଂଜିତ କୁମାର ମିଶ୍ର, ଶ୍ରଦ୍ଧାନନ୍ଦ ମିଶ୍ର, ରୁଦ୍ରମଣି ମୁଖୀ, ଅମ୍ରି କୁମାର ପୁରୋହିତ, କାହ୍ନୁଚରଣ ବାରିକ, ପରିମଳ ନୀରିକ୍ଷକ ମାଣିକ ରଂଜନ ନାୟକ, ଶଶିକାନ୍ତ ଘଡେଇ, ଅଜୟ କୁମାର ପଣ୍ଡା, ସତ୍ୟପ୍ରିୟ ବାଇ, ସୌମ୍ୟରଂଜନ ଗୁରୁ, ଶୋଭାଶ୍ରୀ ରତ୍ନପ୍ରଭା ସାମଲ, ପ୍ରଜ୍ଞାପରମିତା ଚକ୍ରବର୍ତୀ, ରିଚିସ୍ମିତା ମହାନ୍ତି, ଦେବସ୍ମିତ ଦାସ, ମଞ୍ଜୁଶ୍ରୀ ନାୟକ ଉପସ୍ଥିତ ଥିଲେ।

# ଭେଙ୍ଗରାଜପୁର ପଞ୍ଚାୟତରେ ନିର୍ବାଚନ ପାଇଁ ବିଜେପିର ପ୍ରସ୍ତୁତି ବୈଠକ



ପଦ୍ମପୁର, ୧୬।୧(ଶ୍ରୁ.ମି.) : ପଦ୍ମପୁର ଉପଖଣ୍ଡ ଭେଙ୍ଗରାଜପୁର ଗ୍ରାମ ପଞ୍ଚାୟତସ୍ତରୀୟ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ବିଜେପି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ରେଲଗାଁ (ଛତ୍ର ବେହେରା) ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଜେପି ନେତା ପିତବାସ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ କୋଭିଡ କଟକଣା ନିୟମ ଅନୁସାରେ ପାଳନ ସହ ଅନୁଷ୍ଠିତ ବୈଠକରେ ପଦ୍ମପୁର ବିଧାୟକ ତଥା ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶ୍ରୀ ପ୍ରଦୀପ କୁମାର ପୁରୋହିତ ମୂଖ୍ୟ ଅତିଥି ଭାବେ ଯୋଗଦେଇ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଦଳୀୟ ପ୍ରାର୍ଥୀ ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ ସଦସ୍ୟ ପଦ ପାଇଁ ଅଞ୍ଚଳ ର୍ନିବାଚନ ରେ ଲୋକ ଙ୍କ ବିକାଶ ଏବଂ ଲୋକପ୍ରିୟ ବ୍ୟକ୍ତିଙ୍କୁ ନିର୍ବାଚନରେ ଲଢ଼ିବା ପାଇଁ ଦଳୀୟ ପ୍ରାର୍ଥୀ ଭାବେ ମନୋନୀତ କରାଯାଇଥିଲା। ସରପଞ୍ଚ ପ୍ରାର୍ଥୀ ପାଇଁ ସୁଦାମ ସେଠୀ, ସମିତି ସଭ୍ୟା ଗୌରୀ ନାଏକ ଓ ଜୋନ୍‌ନଂ ଜିଲ୍ଲା ପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରତାପ ସିଂ ବରିହାଙ୍କୁ ଘୋଷଣା କରିଥିଲେ। ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଉଦ୍ୟମ କରିବାକୁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ବରଗଡ଼ ଜିଲ୍ଲା ଉପସଭାପତି ସରୋଜ ସାମଲ, ପାଇକମାଲ ମଣ୍ଡଳ ସଭାପତି କୈଳାସ ଦିଶିରି, କୃଷକ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ଶ୍ରୀ ଗୋବର୍ଦ୍ଧନ ଅଗ୍ରୱାଲ ପ୍ରମୁଖ ମଞ୍ଚାସିନ ଥିଲେ। ଏଥିରେ କାଶିନାଥ ସେଠ, ବିପିନ ପ୍ରଧାନ, ତୁଷ ବିଶି, ସେବାରାମ ସା, ଇକ୍ଷା ସାହୁ, ରବିନ୍ଦ୍ର ସାହୁ, ହାଡୁ ପଣ୍ଡା, ବିରଞ୍ଚି ସାହୁ, ନୀଳାମ୍ବର ରଣା, ବନମାଳୀ ପଟେଲ, କମଳ ରଣା, କୁଳ ସେଠ, ଫୁଲମତୀ ମିଶ୍ର, ଶୋଭାଗିନୀ ଯୋଷୀ, ସୁମିତ୍ରା ବିଶି, ଭୋଜରାଜ ସାହୁ, କୁନୁ ସାହୁ, ଲମ୍ବୋଦର ସାହୁ, ଡୋଲାମଣି ସାହୁ, ଟିକେଶ୍ୱର ସାହୁ, ଦୃବାଦଳ ବରିହା, ଗୌତମ ବରିହା, ରଜନୀ ପ୍ରଧାନ, ବ୍ରହ୍ମ ସୁନା, ଦେବାର୍ଚନ ପଟେଲ, କିଶୋର ଦଣ୍ଡସେନା, ବେଦବ୍ୟାସ ସାହୁଙ୍କ ସମେତ ଅଞ୍ଚଳର ଶତାଧିକ ବିଜେପି କର୍ମକର୍ତ୍ତା ସଦସ୍ୟ ଥିଲେ। ଶେଷରେ ପଞ୍ଚାୟତ ବିଜେପି ଉପସଭାପତି ତହସିଲ ରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ତେଜେଶ୍ୱରଙ୍କ ଆନ୍ଧ୍ର ପ୍ରଦେଶ ରାଜ୍ୟପାଳଙ୍କୁ ନିବେଦନ ପରେ

# ଆନ୍ଧ୍ରରୁ କେନ୍ଦ୍ରାପଡ଼ା ଫେରିଲା ଯୁବକଙ୍କ ମୃତଦେହ




କେନ୍ଦ୍ରାପଡ଼ା, ୧୬/୦୧(ଶ୍ରୁ.ମି.): ଗତ ଜାନୁଆରୀ ୧୪ ତାରିଖ (ଶୁକ୍ରବାର) ସନ୍ଧ୍ୟା ୭:୩୦ ସମୟରେ ଆନ୍ଧ୍ର ପ୍ରଦେଶ ରାଜ୍ୟର ପ୍ରକାଶମ ଜିଲ୍ଲାର ଓଙ୍ଗୋଲ ସହରର ଜାତୀୟ ରାଜପଥ(NH) ଉପରେ ଏକ ମୋଟର ସାଇକେଲରେ ଯାଉଥିବା ସମୟରେ ଦ୍ରୁତ ବେଗରେ ଆସୁଥିବା ଏକ ଅଜଣା କାର ଧକ୍କାରେ କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ ମେହେନ୍ଦିନଗର ପଞ୍ଚାୟତ ବାହାକଣ୍ଡିଆ ଗାଁର ଅଚ୍ୟୁତାନନ୍ଦ ପରିଡ଼ାଙ୍କ ପୁତ୍ର ପ୍ରଶାନ୍ତ ପରିଡ଼ା (ଚିକୁନା)(୨୯),ଙ୍କୁ ଗୁରୁତର ଭାବେ ବିଜୟୱାଡା ସରକାରୀ ନୂତନ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଜାନୁଆରୀ ୧୫ ତାରିଖ (ଶନିବାର) ସକାଳ ପ୍ରାୟ ୯ ଟା ସମୟରେ ଚିକୁନା ଶେଷ ନିଶ୍ୱାସ ତ୍ୟାଗ କରିଥିଲେ! ତାଙ୍କ ସହ ଦୁର୍ଘଟଣାର ଆହତ ଥିବା ସେହି ଗାଁର ଅନ୍ୟ ଜଣେ ଯୁବକ ରାଜକିଶୋର ଦାସ ଚିକିତ୍ସା ପରେ ଡାକ୍ତରଖାନାରୁ ଫେରିଛନ୍ତି! ଚିକୁନା ପ୍ରଥମେ ବିଜୟୱାଡାର ଏକ ଶିକ୍ଷାନୁଷ୍ଠାନରେ କାମ କରୁଥିଲେ ଓ ଗତ କିଛି ଦିନ ପୂର୍ବରୁ ସେଠାରୁ ପ୍ରାୟ ୧୫୦ କିମି ଦୂର ଆନ୍ଧ୍ର ପ୍ରଦେଶ ରାଜ୍ୟ ପ୍ରକାଶମ ଜିଲ୍ଲାର ଓଙ୍ଗୋଲ ସହରର ଗ୍ରୀନ ଭ୍ୟାଲି ଶିଳ୍ପାଞ୍ଚଳରେ ଶ୍ରୀ ସତ୍ୟ ନାରାୟାଣ ପଲି ପ୍ୟାକ ନାମକ ଏକ ପ୍ୟାକେଜିଙ୍ଗ ଶିଳ୍ପରେ କାମ କରିବାକୁ ଯାଇଥିଲେ! ମୃତ୍ୟୁ ଖବର ପାଇବା ପରେ ନିଜ ଗାଁ ବାହାକଣ୍ଡିଆର ପୁଅ ତଥା ରାଜ୍ୟ ଖଦୀ ଓ ଗ୍ରାମୋଦ୍ୟୋଗ ବୋର୍ଡ଼ର ପୂର୍ବତନ ସଭାପତି ତେଜେଶ୍ୱର ପରିଡ଼ା ତୁରନ୍ତ ଆନ୍ଧ୍ର ପ୍ରଦେଶର ମାନ୍ୟବର ରାଜ୍ୟପାଳ ତଥା ଓଡ଼ିଶାର ପୂର୍ବତନ ମନ୍ତ୍ରୀ ଓ ବରିଷ୍ଠ ନେତା ଶ୍ରୀଯୁକ୍ତ ବିଶ୍ୱଭୂଷଣ ହରିଚନ୍ଦନ ଓ ତାଙ୍କର ପୁଅ ତଥା ରାଜ୍ୟ ବିଜେପି ସାଧାରଣ ସମ୍ପାଦକ ଶ୍ରୀଯୁକ୍ତ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଏବିଷୟରେ ଜଣାଇ ଏହି ଘଟଣାରେ ହସ୍ତକ୍ଷେପ କରି ସମସ୍ତ ପ୍ରକାରର ସହଯୋଗ ପାଇଁ ନିବେଦନ କରିଥିଲେ! ଏହା ପରେ ଗତକାଲି ଦିନ ତମାମ ଆନ୍ଧ୍ର ପ୍ରଦେଶ ରାଜ୍ୟପାଳଙ୍କ ବରିଷ୍ଠ ଅଧିକାରୀମାନେ ପ୍ରକାଶମ ଜିଲ୍ଲା ପୋଲିସ, ବିଜୟୱାଡ଼ା ସରାକାରୀ ହସ୍ପିଟାଲ, ଚିକୁନା କାର୍ଯ୍ୟ କରୁଥିବା ଶିଳ୍ପ ସଂସ୍ଥା, ରେଡ଼କ୍ରସ କର୍ତ୍ତୃପକ୍ଷ ଇତ୍ୟାଦିଙ୍କ ସହ ସଂଯୋଜନା କରି ପୋଲିସରେ ଏତଲା ଦାୟାର, ପୋଲିସର ଘଟଣାସ୍ଥଳ ପରିଦର୍ଶନ କରି ପ୍ରାଥମିକ ତଦନ୍ତ, ବିଜୟୱାଡ଼ାକୁ ସ୍ୱତନ୍ତ୍ର ଭାବେ ଜଣେ ପୋଲିସ ସବ ଇନ୍ସପେକ୍ଟରଙ୍କୁ ପଠାଇବା, ତୁରନ୍ତ ସନ୍ଧ୍ୟା ପୂର୍ବରୁ ପୋଷ୍ଟମର୍ଟମ କାର୍ଯ୍ୟ କରାଇବା ସହ ସେଠାରୁ ପ୍ରାୟ ୯୦୦ କିମି ଦୂର କେନ୍ଦ୍ରାପଡ଼ା ସ୍ଥିତ ଗାଁକୁ ସମ୍ପୂର୍ଣ୍ଣ ମାଗଣାରେ ଆମ୍ବୁଲାନ୍ସ ଯୋଗେ ମୃତ ଶରୀରକୁ ପଠାଇବାର ବ୍ୟବସ୍ଥା କରାଇଥିଲେ! ଆନ୍ଧ୍ର ପ୍ରଦେଶ ରାଜ୍ୟପାଳଙ୍କ କାର୍ଯ୍ୟାଳୟ ଗତକାଲି ପ୍ରତି ଘଣ୍ଟାରେ ଏ ବିଷୟରେ ତେଜେଶ୍ୱର ପରିଡ଼ାଙ୍କ ସହ ଯୋଗାଯୋଗ ସହ ସଂଯୋଜନା କରିଥିଲେ! ଗତକାଲି ରାତି ୮ ଟାରେ ବିଜୟୱାଡ଼ାରୁ ଆମ୍ବୁଲାନ୍ସ ବାହାରି ଆଜି ପ୍ରାୟ ଦିନ ୨ ଟାରେ ନିଜ ଗାଁରେ ପହଞ୍ଚିଛି! ଗାଁ ତଥା ସମଗ୍ର ଅଞ୍ଚଳରେ ସମସ୍ତଙ୍କର ଅତି ପ୍ରିୟ, ପରୋପକାରୀ ଓ ମେଳାପୀ ଯୁବକ ପ୍ରଶାନ୍ତ ପରିଡ଼ା (ଚିକୁନା)ର ସମ୍ମାନାର୍ଥେ ଚଣ୍ଡିଖୋଲ - ପରାଦ୍ୱୀପ ଏକ୍ସପ୍ରେସ ହାଇଓ୍ୱେର ଛଘରିଆ ଛକଠାରୁ ଏକ ଶୋଭାଯାତ୍ରା କଳପଡ଼ା ବଜାର, ବାହାକଣ୍ଡିଆ ଲୁଣା ସେତୁ ବାଟ ଦେଇ ସମଗ୍ର ଗାଁ ପରିକ୍ରମା କରିବା ଓ ଅଂଚଳବାସୀ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇବା ପରେ ଲୁଣା ନଦୀକୂଳରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି! ଏହି ଦୁଃଖଦ ଘଟଣା ଆଖପାଖ ଅଞ୍ଚଳରେ ଗତ ଦୁଇ ଦିନ ଧରି ଗଭୀର ଶୋକ ଖେଳାଇ ଦେଇଛି ! ଗ୍ରାମବାସୀ ଓ ଅଞ୍ଚଳବାସୀଙ୍କ ତରଫରୁ ପୂର୍ବତନ ଖଦୀ ଓ ଗ୍ରମୋଦ୍ୟୋଗ ବୋର୍ଡ଼ ସଭାପତି ତେଜେଶ୍ୱର ପରିଡ଼ା। ଟେଲିଫୋନ ଯୋଗେ କଥା ହୋଇ ମାନ୍ୟବର ଆନ୍ଧ୍ର ପ୍ରଦେଶ ରାଜ୍ୟପାଳ ଶ୍ରୀଯୁକ୍ତ ବିଶ୍ୱଭୂଷଣ ହରିଚନ୍ଦନ ଓ ତାଙ୍କର ପୁଅ ତଥା ବରିଷ୍ଠ ନେତା ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଏହି ସହଯୋଗ ପାଇଁ ଗଭୀର କୃତଜ୍ଞତା ଜ୍ଞାପନ କରିଛନ୍ତି !

# ଲିଟିଲ୍ ଷ୍ଟାର ଗ୍ରୁପ୍ ପକ୍ଷରୁ ଶିଶୁ ଓ ଯୁବ ମହୋତ୍ସବ




ନିମାପଡ଼ା, ୧୬/୦୧(ଶ୍ରୁ.ମି.) : ଶିଶୁ ବିକାଶ ଅନୁଷ୍ଠାନ ଲିଟିଲ୍ ଷ୍ଟାର ଗ୍ରୁପ୍ ପକ୍ଷରୁ ୧୯ତମ ଶିଶୁ ଓ ଯୁବ ମହୋତ୍ସବ ଆଜି ପାଟପୁରସ୍ଥିତ ବାବା ଲୋକନାଥଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଅଛି । ଗ୍ରୁପ୍‌ର ସଂପାଦକ ସୁମନ୍ତ ମହାରଣାଙ୍କ ସଂଯୋଜନାରେ ବିଶିଷ୍ଟ କବି ନୀଳମଣି ଚାନ୍ଦ, ଅଭିନେତା ଅଙ୍କିତ ମହାପାତ୍ର, କଣ୍ଠଶିଳ୍ପୀ ଲୋପିତା ବେହେରା, ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ଼ଧାରୀ ଶିଶୁ ଶିଳ୍ପୀ ଡି. ସାଇ ଶ୍ରେୟାଂଶି, ବାନରସେନାର ସଂପାଦକ ପ୍ରକାଶ ଚନ୍ଦ୍ର ଖଟୋଇ, ଗ୍ରୁପ୍‌ର ଉପଦେଷ୍ଟା ଡଃ ପ୍ରଣବ ସ୍ୱାଇଁ, ଡଃ ରବିନ୍ଦ୍ରନାଥ ପାଢ଼ୀ ପ୍ରମୁଖ ଯୋଗଦେଇ ପିଲାମାନଙ୍କୁ ସୁନାଗରିକ ହେବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ପିଲାମାନଙ୍କ ମଧ୍ୟରେ ଅନୁଷ୍ଠିତ ସାଂସ୍କୃତିକ ଓ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିବା ବେଳେ କବି ନୀଳମଣି ଚାନ୍ଦ, ଅଭିନେତା ଅଙ୍କିତ, କଣ୍ଠଶିଳ୍ପୀ ଲୋପିତା ଓ ଶିଶୁ ଶିଳ୍ପୀ ଶ୍ରେୟାଂଶିଙ୍କୁ ଗ୍ରୁପ୍ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଗ୍ରୁପ୍‌ର ଶିଶୁ ସାହିତ୍ୟ ପତ୍ରିକା 'ମୋ ଆଶା'ର ଶୀତ ସଂଖ୍ୟା ଉନ୍ମୋଚନ ହୋଇଥିବା ବେଳେ ଗ୍ରୁପ୍ ପକ୍ଷରୁ ଅଜୟ ମିଶ୍ର, ସୁବ୍ରତ ମହାନ୍ତି, ସୌଭାଗିନୀ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଋଳନାରେ ସହଯୋଗ କରିଥିଲେ ।

# ଚନ୍ଦ୍ରଶେଖର ମହାଦେବଙ୍କ କ୍ଷୀରାଭିଷେକ ଉତ୍ସବ



ଚମ୍ପୁଆ, ୧୫।୧(ଶ୍ରୁ.ମି.) : ଚମ୍ପୁଆ ସଦରମହକୁମାରେ ଥିବା ଚନ୍ଦ୍ରଶେଖର ମହାଦେବ ମନ୍ଦିରରେ ମହାପ୍ରଭୁ ଚନ୍ଦ୍ର ଶେଖରଙ୍କ କ୍ଷୀରାଭିଷେକ ଉତ୍ସବ ଜଥା ରିତିନିତି ଅନୁସାରେ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର କମିଟି ପକ୍ଷରୁ ଅନୁଷ୍ଠିତ ଏହି ଉତ୍ସବ ସକାଳ ୮ଘଟିକାରୁ ଆରମ୍ଭ କରାଯାଇ ଦିନ ୧ଟା ରେ ଶେଷ କରାଯାଇଥିଲା। ପୌଷ ମାସ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ (ରବିବାର) ଦିନ ସ୍ଥାନିୟ ଅଂଚଳର ବହୁଶ୍ରଦ୍ଧାଳୁ କୋଭିଡ କଟକଣା ଅନୁସାରେ ଚନ୍ଦ୍ରଶେଖରଙ୍କ ଉପରେ ଶୁଦ୍ଧ ଗାଇ କ୍ଷୀର ଢାଳି ଏହା ପାଳନକରିଥିଲେ। ପୂଜକ ଅନିଲ ମିଶ୍ରଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିବା ବେଳେ କମିଟି ସଦସ୍ୟ ଅଭୟ ଦାସ, ଅମିତାଭ ପ୍ରଧାନ ପ୍ରମୁଖ ସହେଯାଗ୍ କରିଥିଲେ।

# ବିଦ୍ୟୁତ ସମ୍ପର୍କରେ ଝାରବନ୍ଧଲି ଗ୍ରାମରେ ଯୁବକ ମୃତ

ବଲାଙ୍ଗିର, ୧୬/୧(ଶ୍ରୁ.ମି.) : ବଲାଙ୍ଗିର ଲୋଇସିଙ୍ଗା ଥାନା ଅନ୍ତର୍ଗତ ଝାର ଝରବନ୍ଧଲୀ ଗ୍ରାମରେ ଟେଷ୍ଟ ହାଉସରେ କାମ କରୁଥିବା ଏକ ମଙ୍ଗଲୁ ଭୋଇ ନାମକ ୨୨ ବର୍ଷୀୟ ଯୁବକ ଟେଷ୍ଟ ଖୋଜୁଥିବା ବେଳେ ବିଦ୍ୟୁତ ସମ୍ପର୍କରେ ଆସି ତଳେ ପଡିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ହସ୍ପିଟାଲକୁ ଆସୁଥିବାବେଳେ ବାଟରେ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା। ଟେଷ୍ଟ ହାଉସ ମାଲିକ ଘଟଣାକୁ ଋପି ଦେବାକୁ ଉଦ୍ୟମ କରିଥିଲେ। ଗ୍ରାମବାସୀଙ୍କ ଋପ ଫଳରେ ଶବକୁ ପୋଷ୍ଟମର୍ଟମ କରିବାକୁ ପଠାଇ ପୁଲିସରେ କେସ କରାଯାଇଛି। ପୋଷ୍ଟମର୍ଟମ ପରେ ଲୋଇସିଙ୍ଗା ପୁଲିସ ପରିବାରକୁ ହସ୍ତାନ୍ତର କରିଛି। ପୋଲିସ ଏସମ୍ପର୍କରେ ଏକ ମକଦ୍ଦମା ରୁଜୁ କରି ତଦନ୍ତ ଜାରି ରଖିଛି।

# କଟକ ନଗର ୬ ନମ୍ବର ୱାର୍ଡ କଂଗ୍ରେସ କର୍ମୀ ସମ୍ମିଳନୀ



କଟକ, ୧୬/୧ (ଶ୍ରୁମି.) କଟକ ନଗର ୬ ନମ୍ବର ୱାର୍ଡ କଂଗ୍ରେସ କମିଟିର ଏକ କର୍ମୀ ସମ୍ମିଳନୀ ସ୍ଥାନୀୟ ସେଲଟର ଛକ ସ୍ଥିତ ବିଧାୟକଙ୍କ ଆବାସିକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ୱାର୍ଡ କଂଗ୍ରେସର ବରିଷ୍ଠ ନେତ୍ରୀ ତଥା ନଗର ମହିଳା କଂଗ୍ରେସ ସଭାନେତ୍ରୀ ଶୈଳବାଳା ଜେନା ଅଧ୍ୟକ୍ଷତା କରିଥିଲେ । ବୈଠକରେ ମୁଖ୍ୟ ଅତିଥି ଭାବେ ବାରବାଟୀ - କଟକ ବିଧାୟକ ଇଂ ମହମ୍ମଦ ମୋକିମ୍ ଯୋଗଦେଇ ସ୍ଥାନୀୟ ସମସ୍ୟାକୁ ନେଇ ଆଗାମୀ ପୌର ନିର୍ବାଚନରେ ପ୍ରାର୍ଥୀମାନେ ସାଧାରଣ ଲୋକଙ୍କ ସହିତ ମିଶି କାମ କରିବାକୁ ପରାମର୍ଶ ଦେଇଥିଲେ । ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା ଯୋଗଦେଇ ଆଗାମୀ ପୌର ନିର୍ବାଚନ ପାଇଁ ଯୋରଦାର ସାଙ୍ଗଠନିକ ପ୍ରସ୍ତୁତି ହେବାକୁ କର୍ମୀମାନଙ୍କୁ ଆହ୍ୱାନ ଜଣାଇଥିଲେ । ୱାର୍ଡ ସଭାପତି ରାଜେନ୍ଦ୍ର ପ୍ରସାଦ ଦାସ ଧନ୍ୟବାଦ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗିରିଜା ପଟ୍ଟନାୟକ, ଶୁଭେନ୍ଦୁ ରାଉତରାୟ, ଶୁବାଶିଷ ମିଶ୍ର, ଯତୀନ୍ଦ୍ର ଦାସ, କେଶବ ପଣ୍ଡା, ସୋମ ରଞ୍ଜନ ପଟ୍ଟନାୟକ, ଅଭୟ ଲେଙ୍କା, ସୁରେନ୍ଦ୍ର କୁମାର ସାହୁ,ପ୍ରକାଶ ପଣ୍ଡା, ଅମରେନ୍ଦ୍ର ଦାସ, ଜୟଦେବ ନାୟକ, ଶ୍ରୀକାନ୍ତ ପରିଡ଼ା, ସରୋଜ ଲେଙ୍କା, ରଞ୍ଜନ ପଣ୍ଡା,ପୁଷ୍ପା ପଣ୍ଡା, ବନଲତା କାନୁନଗୋ, ରାଧାରାଣୀ ସାହୁ, ଶୁଭଲକ୍ଷ୍ମୀ ବିଶ୍ୱାଳ, ଅଞ୍ଜଳି ମହାପାତ୍ର, ନମିତା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ ।

# କଟକ ନଗର (ଜିଲ୍ଲା) କଂଗ୍ରେସ ନବ ନିଯୁକ୍ତ କମିଟି ଘୋଷଣା

କଟକ, ୧୫/୧ (ଶ୍ରୁମି.) ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାପତିଙ୍କ ଅନୁମୋଦନ କ୍ରମେ କଟକ ନଗର (ଜିଲ୍ଲା) କଂଗ୍ରେସ କମିଟି ସଭାପତି ଗିରିବାଳା ବେହେରା ଆଜି ନଗର କଂଗ୍ରେସ କର୍ମକର୍ତ୍ତା ମାନଙ୍କର ନାମ ଘୋଷଣା କରିଛନ୍ତି । ନବ ଗଠିତ କମିଟିର ଉପସଭାପତି ଭାବେ ଚାରୁଲତା ସାହୁ, ମଜୀଦ ଖାନ, ତୃପ୍ତି ଦାସ, ସନ୍ତୋଷ କୁମାର ଭୋଳ, ନିତ୍ୟାନନ୍ଦ ରାଉତରାୟ, ସନ୍ତୋଷ କୁମାର ଲେଙ୍କା, ସ୍ନେହଲତା ଚୌଧୁରୀ, ହିମାଂଶୁ ରାଉତ, ଜିତେନ୍ଦ୍ର ଶତପଥୀ, ଗୋଲେଖ କାନୁନଗୋ, ସାଧାରଣ ସମ୍ପାଦକ ଭାବେ ଅଶ୍ୱିନୀ ମହାରଣା, ନମିତା ମଞ୍ଜରୀ ସାହୁ, ଅଜିତ କୁମାର ବେହେରା, ବିଶ୍ୱ କଲ୍ୟାଣୀ କର, ଏନ ନୀଳାଦ୍ରି ରାଓ, ମାନସ ରଞ୍ଜନ ପରିଡା, ଲିଜାରାଣୀ ରାଉତ, ଗୌରୀ ଦାସ, ଧୀରେନ୍ଦ୍ର ଶେଠୀ, ମଧୁସୂଦନ ମଲ୍ଲିକ, ରାଜେନ୍ଦ୍ର କୁମାର ପଣ୍ଡା, ଜନ ଆଶୁତୋଷ ଦାସ, ହରେକୃଷ୍ଣ ବେହେରା, ସେକ ଜାଫର ଆଲାମ ବକ୍ସ, ସେହନାଜ ହୁସେନ, ଇର୍ସାଦ ଖାନ, କୋଷାଧ୍ୟକ୍ଷ ଭାବେ ଶରତ ଚନ୍ଦ୍ର ଶେଠୀ ଓ ସଂପାଦକ ଭାବେ ସୋମ ରଞ୍ଜନ ପଟ୍ଟନାୟକ, ରାମାକାନ୍ତ ପ୍ରଧାନ,ଗାୟତ୍ରୀ ମଲ୍ଲ, ମଞ୍ଜୁଲତା ଗରୁଡ, ଜଗନ୍ନାଥ ବେହେରା,ପିଙ୍କି ସିଂ,ସେକ ଜାବେଦ ହୁସେନ, ଉତ୍ତମ ଦେ, ସଞ୍ଜୟ କୁମାର ଦାସ, ପ୍ରଶାନ୍ତ କୁମାର ମହାନ୍ତି, ତିଳୋତ୍ତମା ପ୍ରଧାନ, ଅମୂଲ୍ୟ ବେହେରା, ସୁଧୀର କୁମାର ଦାସ, ସାଗର ବେଉରା, ଜୟ ନାରାୟଣ ତ୍ରିପାଠୀ, ମୁକେଶ ସୋନି, କିରଣବାଳା ମହାନ୍ତି, ରବୀନ୍ଦ୍ର ସାହୁ, ସଞ୍ଜୟ କୁମାର ବେହେରା, କିଶୋର କୁମାର ରାଉତ ନୂତନ ଭାବେ ନିଯୁକ୍ତି ହୋଇଛନ୍ତି ।

## ଗଞ୍ଜାମ ଜିଲ୍ଲାରେ ଧାନସଂଗ୍ରହ ପ୍ରକ୍ରିୟା ଚାଲିଛି

# ଜିଲ୍ଲାପାଳ ଜୁମ ଭିସି ମାଧ୍ୟମରେ ସମସ୍ତ ବ୍ଲକର ସମୀକ୍ଷା

ବ୍ରହ୍ମପୁର, ୧୬।୧ (ଶ୍ରୁ.ମି) : ଗଞ୍ଜାମ ଜିଲ୍ଲାରେ ଧନସଂଗ୍ରହ ପ୍ରକ୍ରିୟା ଚାଲିଛି । ଏହି କାର୍ଯ୍ୟର ସଠିକ ପରିଚାଳନା ଦିଗରେ ଗତକାଲି ରାତିରେ ଗଞ୍ଜାମ ଜିଲ୍ଲାପାଳ ଜିୟ ଅମୃତା କୁଲାଙ୍ଗେ ଜୁମ ଭିସି ମାଧ୍ୟମରେ ସମସ୍ତ ବ୍ଲକର ସମୀକ୍ଷା କରିଥିଲେ । ଯେଉଁ ବ୍ଲକ ଗୁଡିକର ଧାନ ସଂଗ୍ରହ ପ୍ରକ୍ରିୟା ଧିମେଇ ଯାଇଛି ସେଗୁଡିକ ପ୍ରତିଦେଖା ଯାଉଥିବା ଅସୁବିଧା ଗୁଡିକ ଉପ-ଜିଲ୍ଲାପାଳ ଏବଂ ତହସିଲଦାର ସ୍ତରରେ ମିଳିତ ବୈଠକକରି ସମସ୍ୟାର ସମାଧାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛିୟ ଚାଷିଗଣଙ୍କର ଯେପରି କୌଣସି ଅସୁବିଧା ହେବନାହିଁ ସେଥିପ୍ରତି ଦୃଷ୍ଟି ଦେବାକୁ ଗୁରୁତ୍ୱ ଦିଆଯାଇଛିୟ ଜିଲ୍ଲାର ୨୨ ଗୋଟି ବ୍ଲକର ୪୬୯ ଧାନ ସଂଗ୍ରହ କେନ୍ଦ୍ର (ପିପିସି) ଦ୍ୱାରା ଧାନକ୍ରୟ ନିମନ୍ତେ ସ୍ଥିର ହୋଇଛି । ତନ୍ମଧ୍ୟରୁ ଗତକାଲି ୧୫,ଜାନୁଆରୀ ସୁଦ୍ଧା ୩୯୧ ପି ପି ସି ଧାନ ସଂଗ୍ରହ କାର୍ଯ୍ୟ ଆରମ୍ଭ କରିଛନ୍ତି । ବଳକା ୭୮ ପି ପି ସି ଖୁବଶୀଘ୍ର ଧାନ ସଂଗ୍ରହ କାର୍ଯ୍ୟ ଆରମ୍ଭ କରିବେୟ ଜିଲ୍ଲାର ସମୁଦାୟ ୧୨୨୮୨୦ ପଞ୍ଜୀକୃତ କୃଷକଙ୍କ ଧାନ ସଂଗ୍ରହ ହେବ । ଜିଲ୍ଲାର ୩୬୭ ପେକ୍ସ,୧୦୧ ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଗୋଟିଏ ପାଣି ପଞ୍ଚାୟତ ଦ୍ୱାରା ଧାନ ସଂଗ୍ରହ ହେବାର ବ୍ୟବସ୍ଥା ହୋଇଛି ।୧୫ ଜାନୁଆରୀ ସୁଦ୍ଧା ୪ ଲକ୍ଷ୍ୟ ୬ ହଜାର ୯୦ କ୍ୱିଣ୍ଟାଲ ଧାନ ସଂଗ୍ରହ ହୋଇଛି । ବୈଠକରେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପୁଷ୍ପଓ ମୁଣ୍ଡା ଜିଲ୍ଲାର କେଉଁ ବ୍ଲକରେ କେତେ ଧାନ ସଂଗ୍ରହ ହୋଇଛି ସେହି ତଥ୍ୟ ଉପସ୍ଥାପନ କରି ଧାନ ସଂଗ୍ରହ ପ୍ରକ୍ରିୟାରେ କଣ ସବୁ ଅସୁବିଧା ରହୁଛି ତାହା ଜଣାଇ ଥିଲେ । ସମସ୍ତ ସମସ୍ୟାର ସମାଧାନ କରିବାକୁ ଜିଲ୍ଲାପାଳ ଶ୍ରୀ କୁଲାଙ୍ଗେ ନିର୍ଦ୍ଦେଶ ଦେଇ ଟୋକେନ୍ ବାହାରିବା ପରେ ଧାନ ସଂଗ୍ରହ ଦିଗରେ ବିଳମ୍ବ ନ କରିବାକୁ କହିଥିଲେ । ଧାନ ସମଗ୍ର ପରେ ଚାଷିମାନଙ୍କ ଜମା ଖାତାକୁ ୪୮ଘଣ୍ଟା ମଧ୍ୟରେ କିପରି ଟଙ୍କା ଜମା ହେବ ସେ ଦିଗରେ ପଦକ୍ଷେପ ନେବାକୁ ଜଣାଇଥିଲେ । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଲିନା କୁମାରୀ ଖେସ, ସମସ୍ତ ଉପଜିଲ୍ଲାପାଳ, ତହସିଲଦାର, ଡ଼ି.ଆର.ସି.ଏସ , ଏ.ଆର.ସି.ଏସ , ଯୋଗାଣ ବିଭାଗର ଅଧିକାରୀଗଣ ଉପସ୍ଥିତ ଥିଲେ ।

# ମଙ୍ଗଲୁ ଚରଣଙ୍କ ବିୟୋଗରେ ଓଡିଶା ସାଂସ୍କୃତିକ ସମାଜ ପକ୍ଷରୁ ଶୋକସଭା




ସମ୍ବଲପୁର, ୧୬/୧ (ଶ୍ରୁ.ମି) : ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ ବାରଡୁଙ୍ଗୁରୀ ଗ୍ରାମର ମହାନ୍ ସାରସ୍ୱତ ସାହିତ୍ୟ ସାଧକ ତଥା ପ୍ରସିଦ୍ଧ ସମ୍ବଲପୁରୀ ଫିଲ୍ମ ଭୂଖାର ରଚୟିତା ଡକ୍ଟର ମଙ୍ଗଲୁ ଚରଣ ବିଶ୍ୱାଳଙ୍କ ବିୟୋଗରେ ଓଡିଶା ସାଂସ୍କୃତିକ ସମାଜ ଓ ସମ୍ବଲପୁରୀ ଭାଷା ସଂସ୍କୃତି ପରିଷଦ ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ଓଡିଶା ସାଂସ୍କୃତିକ ସମାଜର ଉପ ସଭାପତି ଅଶୋକ ପ୍ରଧାନଙ୍କ ଅଧ୍ୟକ୍ଷତା ଏବଂ ଡକ୍ଟର ଗୌରୀ ଦାଶ ପ୍ରଧାନଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସଭାରେ ସମ୍ବଲପୁରୀ ଭାଷା ସଂସ୍କୃତି ପରିଷଦର ସଭାପତି ସରୋଜ ଦାଶଙ୍କ ସମେତ ସମ୍ବଲପୁର ସହରର ବିଭିନ୍ନ ଅନୁଷ୍ଠାନର ପ୍ରତିନିଧି ମାନେ ଯୋଗଦେଇ ମଙ୍ଗଲୁ ଚରଣ ବିଶ୍ୱାଳଙ୍କ ସ୍ମୃତି ଚାରଣ ପୂର୍ବକ ଓଡିଆ ତଥା ସମ୍ବଲପୁରୀ ଭାଷା ପ୍ରତି ତାଙ୍କର ଅବଦାନ ଅବିସ୍ମରଣୀୟ ବୋଲି ମତ ବ୍ୟକ୍ତ କରିଥିଲେ ।

# ନବରଙ୍ଗପୁର ଜିଲ୍ଲା କଂଗ୍ରେସ କମିଟି ର ଗୁରୁତ୍ୱପୂର୍ଣ୍ଣ ନିର୍ବାଚନ ବୈଠକ ସ୍ଥାନୀୟ ମଣ୍ଡପଠାରେ ଅନୁଷ୍ଠିତ



ନବରଙ୍ଗପୁର, ୧୬।୧ (ଶ୍ରୁମି.) : ଜିଲ୍ଲା କଂଗ୍ରେସ କମିଟି ସଭାପତି ମୁନା ତ୍ରିପାଠୀ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଦୁଇ ପୂର୍ବତନ ବିଧାୟକ ତଥା ପିସିସିର ଉପସଭାପତି ସଦନ ନାୟକ, ଏବଂ ଡ଼ା ବୁ ଗାଁ ପୂର୍ବତନ ବିଧାୟକ ଭୁଜବଳ ମାଝୀ ଏବଂ ୧୦ ଜଣ ସଦସ୍ୟ ଯୋଗଦେଇଥିଲେ ଦଳୀୟ ଶୃଙ୍ଖଳା ଓ ଜିତିପରୁଥିବା ପ୍ରଥୀ ଏବଂ ପ୍ରଚାର ଓ ପ୍ରସାର ନିମନ୍ତେ ଅଗ୍ରଣୀ ଥିବା ପ୍ରଥିଙ୍କ ପାଇଁ ଟିକଟ ଚୟନ ହୋଇଥିଲା । ନିୟମ ଅନୁଯାଇ ୫୦ପ୍ରତିଶତ ମହିଳାଙ୍କୁ ନିର୍ବାଚନ ସଂରକ୍ଷଣ ନିୟମ ଅନୁସାରେ ମନୋନୀତ କରାଯାଇଛି । ଜିଲ୍ଲା ନିର୍ବାଚନ କମିଟି ରେ ସର୍ବାଗ୍ରେ ସୁବାଷ ଚନ୍ଦ୍ର ଶୁର,ଖେମ୍ ରାଜ ବାଘ, ଦିଲିପ କୁମାର ବେହେରା, ଦ୍ୟାରିକ ମହାପାତ୍ର, ରାଜେଶ ଜାନି, ନଗର ସଭାପତି ଭୀମ ହରିଜନ, ତାଜ୍ ଇମ୍ରନ ସାରିଫ, ମତିଲାଲ ହଂସ, ପ୍ରଦିପ କୁମାର ସାହୁ, ଯୋଗ ଦେଇ ଆସିଥିବା ଦରଖାସ୍ତ ଉପରେ ଆଲାଚନା କରିଥିଲେ । ୨୬ ଗୋଟି ଜିଲ୍ଲା ପରିଷଦ ଜନ୍ ରୁ ୨୬ ଜଣ ପ୍ରାଥୀ ଜିଲ୍ଲା ନିର୍ବାଚନ କମିଟି ଦ୍ୟାର ମନୋନୀତ ହୋଇ ରାଜ୍ୟ କଂଗ୍ରେସ କମିଟି ନିକଟକୁ ମନୋନୀତ ନିମନ୍ତେ ପଠାଯାଇଥିବା କହିଛନ୍ତି ଜିଲ୍ଲା ସଭାପତି ମୁନା ତ୍ରିପାଠୀ । ସେହିଭଳି ଦୁଇ ଗୋଟି ଜନ୍‌ରେ ଦୁଇଜଣ ପ୍ରାଥ ଦରଖାସ୍ତ ଦେଇଥିବା ହେତୁ ପିସିସିକୁ ଚୁଡାନ୍ତ ନିମନ୍ତେ ପଠାଯାଇଥିବା କହିଛନ୍ତି । ନିର୍ବାଚନ ଆଚରଣ ବିଧି ଓ ଦଳୀୟ ନିର୍ବାଚନ ଉପରେ ମଧ ଆଲାଚନା ହୋଇଥିଲା । ଏହି କମିଟି ବୈଠକରେ ଅନ୍ୟମାନଙ୍କ ମଧର ଅବଦୁଲ ଫିରଜ୍, ବୃନ୍ଦାବନ ତ୍ରିପାଠୀ, ପ୍ରହଲ୍ଲାଦ ହିଆଲ, ପି ନାଗ ରତ୍ନମ, ମଣି ଗୀତା ରାଣୀ ସମାରଥ, ଦିଲୀପ ପ୍ରଧାନି, ଶ୍ରୀକାନ୍ତ ମିଶ୍ର, ଆକବର, ଡି ସାଇ ରାଜୁ, କୃଷ୍ଣ ମାଝି, ମହେଶ୍ୱର ଭୋତ୍ରା, ପ୍ରମୁଖ ଯୋଗ ଦେଇଥିଲେ ।

# ନୀଳଗିରି ସହରର ସୌନ୍ଦର୍ଯ୍ୟ କରଣ ପାଇଁ ପ୍ରଶାସନ ପକ୍ଷରୁ ଉଚ୍ଛେଦ ପ୍ରକ୍ରିୟା ଜାରି

ନୀଳଗିରି , ୧୬/୧ (ଶ୍ରୁ.ମି) : ନୀଳଗିରି ସହର ଟି ଗୁମୁଟୀ ମୟ ସହର ଭାବେ ଏକ ଦା ବେଶ ଜଣାଶୁଣା ଥିଲା । ନୀଳଗିରିର ବିଭିନ୍ନ ଅଞ୍ଚଳର ଖୁଚୁରା ବ୍ୟବସାୟୀମାନେ, ଗୁମୁଟି ମାନ ବସାଇ, ସେଥିରୁ ସେମାନଙ୍କର ଗୁଜୁରାଣ ମେଣ୍ଟାଉଥିଲେ । ତେବେ ନୀଳଗିରି ସହରର ସୌନ୍ଦର୍ଯ୍ୟ କରଣ ପାଇଁ, ନୀଳଗିରି ପ୍ରଶାସନ ପକ୍ଷରୁ ନୀଳଗିରି ଦୁର୍ଗା ମଣ୍ଡପ ଛକଠାରୁ ଲକ୍ଷ୍ମୀ ସାଗର ବାଇପାସ୍ ଛକ ପର୍ଯ୍ୟନ୍ତ, ରାସ୍ତାର ଉଭର ପାଖ ଦୋକାନ ଘର ଗୁଡ଼ିକର ଉଚ୍ଛେଦ ପ୍ରକ୍ରିୟା, ନୀଳଗିରି ପ୍ରଶାସନ ପକ୍ଷରୁ ଜାରି ରହିଛି । ଏଠାରେ ସୂଚନା ଯୋଗ୍ୟ, ଏ ସଂପର୍କ ରେ ପୂର୍ବରୁ ବହୁ ବାର୍ ଖୁଚୁରା ବ୍ୟବସାୟୀ ସଂଘ ଓ ପ୍ରଶାସନ ମଧ ରେ ଆଲୋଚନା ହୋଇଥିଲା । ପରବର୍ତ୍ତୀ ସମୟରେ ଏହି ସ୍ଥାନରେ ଦୁଇ ମହଲା ବିଶିଷ୍ଟ ଦୋକାନ ଗୃହ ନିର୍ମାଣ କରି, ବ୍ୟବସାୟୀ ମାନଙ୍କୁ ଦେବା ପାଇଁ ସ୍ଥିର ହେବା ପରେ, ପ୍ରଶାସନ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିଛି । ତେବେ ଆଜି ପ୍ରାୟ ଅନେକ ଖୁଚୁରା ବ୍ୟବସାୟୀ, ନିଜ ନିଜର ଗୁମୁ ଟି ଗୁଡ଼ିକ ଉଠାଇ ନେବା ସହିତ, ଅସ୍ଥାୟୀ ଘର ଗୁଡ଼ିକୁ ଭାଙ୍ଗି ଇଟା ଏବଂ ଆସବାବପତ୍ର ଉଠାଇ ନେଉଥିବା ଦେଖିବାକୁ ମିଳିଛି । କାଁ ଭାଁ ଅଳ୍ପ କିଛି ଦୋକାନ ଗୃହ ଗୁଡ଼ିକୁ ପ୍ରଶାସନ ପକ୍ଷରୁ ଭାଙ୍ଗି ଦିଆ ଯାଇଛି । କିଛି ମାସ ମଧ ରେ ଏହି ସ୍ଥାନରେ ଦୋକାନ ଗୃହ ଗୁଡ଼ିକ ନିର୍ମାଣ ହୋଇ ଗଲେ, ବ୍ୟବସାୟୀ ମାନେ ନିରାପଦରେ ଘର ମଧରେ ବ୍ୟବସାୟ କରି ପାରିବେ ବୋଲି , ସାଧାରଣରେ ଚର୍ଚ୍ଚା ହେଉଛି । ଅନ୍ୟପକ୍ଷରେ ନୀଳଗିରି ଉପଖଣ୍ଡ ପ୍ରଶାସନର ସମୟପଯୋଗି ପଦକ୍ଷେପକୁ ସାଧାରଣ ରେ ପ୍ରଶଂସା କରା ଯାଇଛି ।

# ଆଜି ଅନୁଗୋଳ ଜିଲ୍ଲାରୁ ୧୩୨ ଜଣ ପଜିଟିଭ ଚିହ୍ନଟ

## ପଜିଟିଭ ସଂଖ୍ୟା ୪୫୨୩୬ରେ ପହଞ୍ଚିଲା ; ସୁସ୍ଥ ହେଲେ ୭ ଜଣ

ଅନୁଗୋଳ ୧୬।୧ (ଶ୍ରୁମି.) : ଆଜି ଅନୁଗୋଳ ଜିଲ୍ଲାରେ ୧୩୨ ଜଣ ନୂଆ କରୋନା ପଜିଟିଭ ଚିହ୍ନଟ ହୋଇଥିବାର ଜଣାପଡ଼ିଛି । ଜିଲ୍ଲା ମଧ୍ୟରୁ ଚିହ୍ନଟ ହୋଇଥିବା ଆକ୍ରାନ୍ତଙ୍କ ମଧ୍ୟରେ ତାଳଚେର ବ୍ଲକ ଅଞ୍ଚଳରୁ ୨୩ ଜଣ (୧୩ ଜଣ ପୁରୁଷ ଓ ୧୦ ଜଣମହିଳା), ବଣ୍ଟଁରପାଳ ବ୍ଲକ ଅଞ୍ଚଳରୁ ୩୮ ଜଣ (୨୧ ଜଣ ପୁରୁଷ ଓ ୧୭ ଜଣ ମହିଳା), ଅନୁଗୋଳ ପୌରାଞ୍ଚଳରୁ ୨୫ ଜଣ (୧୫ ଜଣ ପୁରୁଷ ଓ ୧୦ ଜଣ ମହିଳା), ତାଳଚେର ପୌରାଞ୍ଚଳରୁ ୧୩ ଜଣ (୯ ଜଣ ପୁରୁଷ ଓ ୪ ଜଣ ମହିଳା), ଛେଣ୍ଡିପଦା ବ୍ଲକ ଅଞ୍ଚଳରୁ ୧୬ ଜଣ (୧୧ଜଣ ପୁରୁଷ ଓ ୫ ଜଣ ମହିଳା), ପାଲଲହଡ଼ା ବ୍ଲକ ଅଞ୍ଚଳରୁ ୭ ଜଣ (୫ ଜଣ ପୁରୁଷ ଓ ୨ ଜଣ ମହିଳା), ଅନୁଗୋଳ ବ୍ଲକ ଅଞ୍ଚଳରୁ ୫ ଜଣ (୩ ଜଣ ପୁରୁଷ ଓ ୨ ଜଣ ମହିଳା), ଆଠମଲ୍ଲିକ ବିଜ୍ଞାପିତ ଅଞ୍ଚଳ ପରିଷଦରୁ ୨ ଜଣ (୨ଜଣ ପୁରୁଷ ) ଓ ଆଠମଲ୍ଲିକ ବ୍ଲକ ଅଞ୍ଚଳରୁ ୩ ଜଣ (୨ ଜଣ ପୁରୁଷ ଓ ୧ ଜଣ ମହିଳା) ଅଛନ୍ତି । ଲକ୍ଷଣଯୁକ୍ତ ଆକ୍ରାନ୍ତଙ୍କୁ ନିଜ ଘରେ ଆଇସୋଲେସନ ରେ ରଖାଯାଇ ନିରୀକ୍ଷଣ କରାଯାଉଛି ବୋଲି ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରକାଶ କରିଛନ୍ତି । ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ୩୯୯ ଜଣ ମୃତ୍ୟୁବରଣ କଲେଣି । ଆଜି ସୁଦ୍ଧା ୧୫ ଲକ୍ଷ ୩୬ ହଜାର ୫୧୨ଜଣଙ୍କୁ ଟିକା ଦିଆଗଲାଣି । ୧୫ ରୁ ୧୮ବର୍ଷ ବୟସ ପିଲା ୬୨୫ ଜଣ ଟୀକା ନେଇଥିବାବେଳେ ପିକ୍ୟୁସନ ଡ଼ୋଜ ୨୮୯ ଜଣ ନେଇଛନ୍ତି ।

# ଗୋଲାମୁଣ୍ଡା ବ୍ଲକ ପରିସରରେ ଥିବା ନିର୍ମିତ ଶୌଚାଳୟ କାମକୁ ଆସୁନି ; ଭାଙ୍ଗି ନଷ୍ଟ ହେବାକୁ ବସିଲାଣି



ଗୋଲାମୁଣ୍ଡା ୧୬।୧(ଶ୍ରୁ.ମି) : ଗୋଲାମୁଣ୍ଡା ବ୍ଲକ କାର୍ଯ୍ୟାଳୟ ପରିସରରେ ଜନସାଧାରଣ ଙ୍କ ଶୌଚ ନିମନ୍ତେ ପୁରୁଷ ଓ ମହିଳା ଙ୍କ ପାଇଁ ଅଲଗା ଅଲଗା ପାଇଖାନା ତିଆରି ହୋଇଛି । ଦୈନନ୍ଦିନ ବ୍ଲକ କାର୍ଯ୍ୟାଳୟ କୁ ଆସୁଥିବା ଜନ ସାଧାରଣ ଏଣେ ତେଣେ ମଇଳା ନକରି ସୁବିଧାରେ ଶୌଚ ହୋଇ ପାରିବେ ସେ ନେଇ ତିଆରି ହୋଇଥିଲା ହେଲେ ନିର୍ମାଣ ର ଅଳ୍ପ ଦିନ ପରେ ଭାଙ୍ଗି ନଷ୍ଟ ହେବାକୁ ବସିଲାଣି । ପୁରୁଷ ଓ ମହିଳା ମାନଙ୍କ ପାଇଁ ଅଲଗା ଅଲଗା କୋଠରୀ ମଧ୍ୟ ନିର୍ମାଣ କରାଯାଇଛି । ହେଲେ ଘର ନିର୍ମାଣ ପରେ ପାଣି ପାଇଁ ଆଜିଯାଏ ଶୌଚାଳୟରେ ବ୍ୟବସ୍ଥା କରାଯାଇ ପାରିଲା ନାହିଁ । ପାଣି କଥା ଛାଡ଼ନ୍ତୁ ନିର୍ମାଣ ର କିଛି ଦିନ ପରେ ଅଳିଆ ଆବର୍ଜନା ସାଙ୍ଗକୁ ଭାଙ୍ଗି ରୁଚି ଚୁରମାର ହେବା ସହ ଦୁର୍ଗନ୍ଧ ରେ ଲୋକଙ୍କ ବ୍ୟବହାର ଉପଯୋଗୀ ହେଇପାରୁନାହିଁ । ବ୍ୟବସ୍ଥା ଠିକ ଢ଼ଙ୍ଗରେ ନଥିବାରୁ ଯିଏବି ଶୌଚ ହେବାକୁ ଚାହୁଁଛି ଯାଇ ପାରୁନି । ଫଳରେ କିଛି ଲୋକ ଶୌଚାଳୟ ବାହାରେ ମଧ୍ୟ ଶୌଚ ହେଉଛନ୍ତି । ଅନ୍ୟପଟେ ବ୍ଲକ କାର୍ଯ୍ୟାଳୟ କୁ ଅଭିଯୋଗ ଆପତ୍ତି ନେଇ ଆସୁଥିବା ମହିଳା ମାନେ ମଧ୍ୟ ନାନା ଅସୁବିଧା ର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି । ଏହି ଅବ୍ୟବସ୍ଥାକୁ ନେଇ ଜନସାଧାରଣ ବ୍ଲକ ପ୍ରଶାସନକୁ ଦୋଷାରୋପ କରୁଛନ୍ତି । ହଜାର ହଜାର ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ପାଇଖାନା କି କାମରେ ଲାଗୁଛି ବୋଲି ଜନସାଧାରଣ ପ୍ରଶ୍ନ ଉଠାଇଛନ୍ତି । ରଙ୍ଗ ବେରଙ୍ଗର ଶୌଚାଳୟ ହୋଇଛି ହେଲେ ଲୋକଙ୍କ ସେବାରେ ଲାଗୁନି ଏଥି ପ୍ରତି ତୁରନ୍ତ ଦୃଷ୍ଟି ଦେବା ଜରୁରୀ ହୋଇପଡିଛି ।

# ଜୁଆ ଆଡ୍ଡାରେ ପୁଲିସ ଚଢ଼ାଉ;୬ ଜୁଆଡ଼ି ଗିରଫ

ଅନୁଗୋଳ ୧୬।୧ (ଶ୍ରୁମି.) : ଅନୁଗୋଳ ସହର ଓ ଏହାର ଉପକଣ୍ଠରେ ମାତିଛନ୍ତି ଜୁଆଡ଼ି । ପୁଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ଅସାମାଜିକ ଜୁଆ ଖେଳରେ ମାତିଛନ୍ତି । ଶୁକ୍ରବାର ସନ୍ଧ୍ୟାରେ ସଦର ଥାନା ପୁଲିସ ଏକ ଜୁଆଡ଼ି ଗ୍ୟାଙ୍ଗକୁ କାବୁ କରିଛି । ୧୫ରୁ ଅଧିକ ଜୁଆଡ଼ି ଶରଧାପୁରଠାରେ ଜୁଆ ଖେଳରେ ମାତିଥିବା ବେଳେ ପୁଲିସ ଚଢ଼ାଉ କରି ୬ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଅନୁଗୋଳ ସହର ମଦନମୋହନପଡ଼ାର ଜ୍ଞାନରଞ୍ଜନ ପୃଷ୍ଟି, କଣିହାଁ ଥାନା ଇଲାକା ଦୁର୍ଗାପୁର ଗ୍ରାରମ ଶିଶଇର ନାଏକ, କୋଲିୟରୀ ଥାନା ଇଲାକା ଜଗନ୍ନାଥପୁର ଗ୍ରାମର ରୁଚିର ନାହାକ, ଢ଼ଅଁରା ଗ୍ରାମର ମାନସ ବିଶ୍ୱାଳ, କଣିହାଁ ଥାନା ସାନ୍ତରାବନ୍ଧ ଗ୍ରାମର ନିରଞ୍ଜନ ସାହୁ ଓ ହେମସୁରପଡ଼ାର ଧରଣୀ ଦାସ ବୋଲି ଜଣାପଡ଼ିଛି । ପୁଲିସ ସେମାନଙ୍କଠାରୁ ଦୁଇ ମୁଠା ତାସ୍, ୧୦ ହଜାର ୭୪୦ ଟଙ୍କା, ୬ଟି ମୋବାଇଲ ଫୋନ୍, ୨ଟି ବାଇକ ଓ ଗୋଟିଏ ଏକ୍ସୟୁଭି କାର ଜବତ କରିଛି । ପ୍ରାପ୍ତ ସୂଚନା ମୁତାବକ, ଶୁକ୍ରବାର ସନ୍ଧ୍ୟାରେ ଶରଧାପୁର ନିକଟ ତଥା ଆଦର୍ଶ ଇଞ୍ଜିନିୟରିଂ କଲେଜ ପଛପାଖ ପଡ଼ିଆରେ କିଛି ଯୁବକ ଜୁଆ ଖେଳୁଥିବା ପୁଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା । ସଦର ଥାନାର ଏଏସ୍‌ଆଇ ସଞ୍ଜୟ କୁମାର ସାହୁ ସଦଳବଳ ଚଢ଼ାଉ କରିଥିଲେ । ପୁଲିସକୁ ଦେଖି ଜୁଆଡ଼ି ଛତ୍ରଭଙ୍ଗ ଦେଇଥିଲେ । ତେବେ ପୁଲିସ ସେମାନଙ୍କ ମଧ୍ୟରୁ ଉପରୋକ୍ତ ୬ ଜଣଙ୍କୁ କାବୁ କରିଥିଲା । ସମସ୍ତ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି ।

## କାୟାକଳ୍ପ ଟିମ୍‌ର ବଳରାମପ୍ରସାଦ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

ଅନୁଗୋଳ ୧୬।୧ (ଶ୍ରୁ.ମି) : ବଣ୍ଟଁରପାଳ ବ୍ଲକ ବଳରାମପ୍ରସାଦ ସ୍ଥିତ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରକୁ ଶନିବାର ପୂର୍ବାହ୍ନରେ କାୟାକଳ୍ପ ଟିମ୍ ପରିଦର୍ଶନ କରିଛନ୍ତି । ଟିମ୍‌ରେ ଜିଲା ସ୍ୱାସ୍ଥ୍ୟ ବିଭାଗର ଏଡ଼ିପିଏଚ୍‌ଓ (ଭିବିଡ଼ି) ଡ଼ା.ପୂର୍ଣ୍ଣିମା ଉଦ୍‌ଗାତା, ମାଇକ୍ରୋ ବାୟୋଲୋଜିଷ୍ଟ ଡ଼ା. ସୁଶ୍ରୀଶାନ୍ତ ତ୍ରିପାଠୀ, ଡ଼ିଏମ୍‌ଆରସିଏଚ୍ ସୂର୍ଯ୍ୟପ୍ରତାପ ମହାମାନସିଂ, ସହ ପରିଚାଳକ ବ୍ରତିନ୍ କୁମାର ପ୍ରଧାନ ପ୍ରମୁଖ ସାମିଲ ଥିଲେ ।

# ବହୁ ସମସ୍ୟା ଘେରରେ ସାପ୍ତାହିକ ଶନିବାର ହାଟ



ତାଳଚେର, ୧୬/୧ (ଶ୍ରୁ.ମି): ତାଳଚେର ଅଙ୍ଗାରୁଆ ସ୍ଥିତ ସାପ୍ତାହିକ ଶନିବାର ହାଟ ବିପର୍ଯ୍ୟସ୍ତ ଅବସ୍ଥାରେ ପଡ଼ି ରହିଛି । ପ୍ରତି ଶନିବାର ଏଠାରେ ଏକ ସାପ୍ତାହିକ ହାଟ ବସି ଆସୁଥିବା ବେଳେ ତାଳଚେର ଏବଂ କଣିହାଁ ଅଂଚଳର ହଜାର ହଜାର ବ୍ୟବସାୟୀ, ଖାଉଟି ଏହି ହାଟ ଉପରେ ନିର୍ଭର କରି ଆସୁଛନ୍ତି । ତେବେ ଏହି ହାଟ ତାଳଚେର ଆରଏମସି ନିୟନ୍ତ୍ରଣାଧୀନ ରହିଛି । ଏଠାରେ ହାଟ ଦିନ ବହୁ ପରିମାଣର ରାଜସ୍ୱ ସରକାରଙ୍କ ରାଜକୋଷକୁ ଯାଉଛି, ସତ କିନ୍ତୁ ତାହା ତୁଳନାରେ ହାଟରେ ସୁବ୍ୟବସ୍ଥା କହିଲେ କିଛି ନାହିଁ । ଏତେବଡ଼ ତଥା ପୁରୁଣା ହାଟର ବିପର୍ଯ୍ୟସ୍ତ ବ୍ୟବସ୍ଥାକୁ ସୁଧାରିବାକୁ ସତେ ଯେପରି କାହାର ଆନ୍ତରିକତା ନାହିଁ । ପାନୀୟ ଜଳ,ରାସ୍ତାଘାଟ,ପିଣ୍ଡି ସର୍ବୋପରି ସୁରକ୍ଷା ବ୍ୟବସ୍ଥା ପ୍ରତି ଆଦୌ ଧ୍ୟାନ ଦିଆ ଯାଉନଥିବାର ଅଭିଯୋଗ କରିଛନ୍ତି ବହୁ ବ୍ୟବସାୟୀ ଏବଂ ହାଟ ଉପରେ ନିର୍ଭରଶୀଳ ସ୍ଥାନୀୟ ଜନସାଧାରଣ । ହାଟରେ ସ୍ଥାପିତ ନଳକୂଅ ଭାଙ୍ଗିରୁଜି ଯାଇଥିବା ବେଳେ ତୃଷାର୍ତ୍ତଙ୍କୁ ମୁନ୍ଦିଏ ବିଶୁଦ୍ଧ ପାଣି ମଧ ମିଳି ପାରୁନାହିଁ କିଛି ହାଟ ବେପାରୀ ଅଭିଯୋଗ କରିଛନ୍ତି । ସେଭଳି ନିକଟରେ ହୋଇଥିବା ଲଗାଣ ବର୍ଷା ଯୋଗୁଁ ହାଟ ମଧକୁ ଯାଇଥିବା ରାସ୍ତାଘାଟରେ ପାଣି ଜମି ରହି ମଧ ଆହୁରି କଦର୍ଯ୍ୟ ହୋଇପଡ଼ିଛି । ସରକାରଙ୍କ ପକ୍ଷରୁ ଅନେକ ଜନକଲ୍ୟାଣ କାର୍ଯ୍ୟରେ ବିପୁଳ ଅର୍ଥ ଖର୍ଚ୍ଚ କରାଯାଉଥିବା ବେଳେ ଏହି ସାପ୍ତାହିକ ହାଟ ପ୍ରତି କେବେ ପ୍ରଶାସନର ଦୃଷ୍ଟି ପଡ଼ିବ ସେ ନେଇ ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି ।

# ଦୁଇ ମାସ ହେଲା ଟ୍ରାନ୍ସଫର୍ମର ଅଚଳ; ଅନ୍ଧାରରେ ୪ ଗ୍ରାମର ଅଧିବାସୀ

ଅନୁଗୋଳ ୧୬।୧ (ଶ୍ରୁମି.) : ମାସ ହେଲା ଅଚଳ ହୋଇପଡ଼ିଛି ବିଦ୍ୟୁତ ଟ୍ରାନ୍ସଫର୍ମର । ଯାହା ଫଳରେ କିଆକଟା ପଞ୍ଚାୟତର ୪ ଗ୍ରାମର ଅଧିବାସୀ ଅନ୍ଧାରରେ ରହିବା ସହ ହନ୍ତସନ୍ତ ହେଉଛନ୍ତି । ଟାଟା ପାୱାର ଆସିବା ପରେ ବିଦ୍ୟୁତ ସମସ୍ୟାର ତ୍ୱରିତ ସମାଧାନ ହୋଇପାରିବ ବୋଲି ଲୋକମାନେ ଆଶା ବାନ୍ଧିଥିଲେ । ହେଲେ ସମସ୍ୟା ସୁଧୁରିବା ପରିବର୍ତ୍ତେ ଅଧିକରୁ ଅଧିକ ଜଟିଳ ହୋଇପଡୁଥିବାରୁ ଅସନ୍ତୋଷ ବଢ଼ିବାରେ ଲାଗିଛି । ଆଠମଲ୍ଲିକ ବ୍ଲକ୍‌ର କିଆକଟା ପଞ୍ଚାୟତର ଥାଟମୁଣ୍ଡା ଗ୍ରାମରେ ୧୬ କେଭିଏର ଟ୍ରାନ୍ସଫର୍ମର ୨ ମାସ ପୂର୍ବେ ପୋଡ଼ି ଯାଇଥିଲା । ଏ ସମ୍ପର୍କରେ ଗ୍ରାମବାସୀ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କୁ ଅବଗତ କରଇବା ସହ ନୂଆ ଟ୍ରାନ୍ସଫର୍ମର ବସାଇବାକୁ ନିବେଦନ କରିଥିଲେ । ହେଲେ ଅଦ୍ୟାବିଧି ନୂଆ ଟ୍ରାନ୍ସଫର୍ମର ବସିପାରିନି । ଯାହା ଫଳରେ ବିଦ୍ୟୁତ ସେବା ନପାଇ ଲୋକମାନେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ସେହିପରି ଅଏଡ଼ା ପଞ୍ଚାୟତର କୁନ୍ଦପୁର ଗ୍ରାମ, ନଅଗାଁ ପଞ୍ଚାୟତର ହରିହରପୁର ଗ୍ରାମ ୨୫ କେଭିଏ ମାଧପୁର ପଞ୍ଚାୟତର କୁନ୍ଦନାଳୀ ଗ୍ରାମରେ ୧୬ କେଭିଏ, ଲୁହାସିଂହା ପଞ୍ଚାୟତର ଲୁହାସିଂହା ନୂଆସାହିରେ ବସିଥିବା ୬୩ କେଭିଏ ଟ୍ରାନ୍ସଫର୍ମର ପୋଡ଼ି ଯାଇଛି । ତେବେ ଲୁହାସିଂହାକୁ କାମଚଳା ହିସାବରେ ଏକ ୧୦୦ କେଭିଏର ଟ୍ରାନ୍ସଫର୍ମର ଲଗାଯାଇଥିବା ବେଳେ ଅନ୍ୟ ୪ଟି ଗ୍ରାମ ଅନ୍ଧାରରେ ରହିଛି । ଯାହା ଫଳରେ ବିଦ୍ୟୁତ୍ ସେବା ପାଇନପାରି ଲୋକମାନେ ହନ୍ତସ୍ତ ହେଉଛନ୍ତି । ଏବେ ଅନ୍‌ଲାଇନ୍‌ରେ ପାଠପଢ଼ା ଚାଲିଥିବା ବେଳେ ବିଦ୍ୟୁତ୍ ନଥିବାରୁ ପିଲାମାନେ ପାଠପଢ଼ାରୁ ବଞ୍ଚିତ ହେଉଛନ୍ତି । ପାଣି ପମ୍ପ ଚାଲୁନଥିବାରୁ ପାଣଇ ପାଇଁ ଲୋକମାନେ ଦହଗଞ୍ଜ ହେଉଛନ୍ତି । ବିଦ୍ୟୁତ୍ ଉପରେ ନିର୍ଭର କରି ହେଉଥିବା ସମସ୍ତ କାମ ଠପ୍, ହୋଇଯାଇଥିବାରୁ ଜୀବନଯାତ୍ରା ସ୍ୱାଭାବିକ ହୋଇପାରୁନି । ଯାହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି ।

# ଢିଙ୍କିଆରେ ପୋଲିସର ଦମନଲୀଳା ବିରୋଧରେ ଜନଶକ୍ତି ପାର୍ଟି ପକ୍ଷରୁ ରାଜ୍ୟପାଳଙ୍କୁ ସ୍ମାରକପତ୍ର



କେନ୍ଦ୍ରାପଡ଼ା, ୧୬।୧ (ଶ୍ରୁ.ମି) : ଜଗତସିଂହପୁର ଜିଲ୍ଲାର ଢିଙ୍କିଆ ଠାରେ ପୋଲିସର ଦମନଲୀଳା ବିରୋଧରେ ଜନଶକ୍ତି ପାର୍ଟି ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି । ପାର୍ଟିର ରାଜ୍ୟ ସଭାପତି ବରିଷ୍ଠ ଆଇନଜୀବୀ ପ୍ରଦୀପ କୁମାର ଦାଶଙ୍କ ନେତୃତ୍ୱରେ ପ୍ରଚାର କମିଟି ଅଧ୍ୟକ୍ଷ ପ୍ରଫେସର ସୂର୍ଯ୍ୟମଣୀ ପଣ୍ଡା, ସଂଖ୍ୟାଲଘୁ ସେଲ ରାଜ୍ୟ ସ୨ଭାପତି ସେକ ଅମିରୁଦ୍ଦିନ, ସେବାଦଳ ପ୍ରମୁଖ ଅଶୋକ ରାଉତ, ରାଜ୍ୟ ଦଳିତ ସେଲ ସଂପାଦକ ବିବେକ ନାୟକ, ପଛୁଆ ବର୍ଗ ନେତା ଅମର ବିଶ୍ୱାଳ , ଦିଲ୍ଲୀପ ଜେନା, ଶରତ ସାହୁ, ଦେବାଶିଷ ଦାସ, ନାରାୟଣ ମଲ୍ଲିକ, ବନମାଳି ମଲ୍ଲିକ ପ୍ରମୁଖ ଏହି ଦାବିପତ୍ର ପ୍ରଦାନ କରିଥିଲେ । ଜଗତସିଂପୁର ଜିଲ୍ଲା ଅନ୍ତର୍ଗତ ଏରସମା ବ୍ଲକର ଢିଙ୍କିଆ ପଂଚାୟତରେ ଜେଏସଡବ୍ଲୁ ପ୍ରକଳ୍ପ ପାଇଁ ପାଚେରୀ ନିର୍ମାଣ ବେଳେ ଗଣତାନ୍ତ୍ରୀକ ଉପାୟରେ ଆନ୍ଦୋଳନରତ ଆନ୍ଦୋଳନକାରୀଙ୍କୁ ପୋଲିସର ଦମନଲୀଳା ଘଟଣାକୁ ପାର୍ଟି ଦୃଢ ନିନ୍ଦା କରିଛି । ଏଥିସହିତ ପୋଲିସ ଆନ୍ଦୋଳନକାରୀଙ୍କ ଉପରେ ଅମାନୁଷିକ ଭାବେ ଲାଠି ଚାର୍ଜ କରିବା ଏବଂ ଡାକ୍ତରଖାନାରେ ଚିକିତ୍ସା କରାଇବା ପରିବର୍ତ୍ତେ ଆନ୍ଦୋଳନକାରୀଙ୍କ ନାମରେ ମିଥ୍ୟା ମକଦ୍ଦମା ଦାୟର କରିବା ଘଟଣାର ପ୍ରତିବାଦରେ ଜନଶକ୍ତି ପାର୍ଟି ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇ ଏହି ଘଟଣାର ବିଚାର ବିଭାଗୀୟ ତଦନ୍ତ କରାଯିବାକୁ ଦାବି କରାଯାଇଛି । ସଭ୍ୟ ସମାଜରେ ପୋଲିସର ଆନ୍ଦୋଳନକାରୀଙ୍କ ପ୍ରତି ଏଭଳି ଜୁଲମକୁ ଦୃଢ ଭାବରେ ନିନ୍ଦା କରିଛି ଜନଶକ୍ତି ପାର୍ଟି ।

## ନୀତିଶ୍ଲୋକ

ତେଷାଂ ଜ୍ଞାନୀ ନିତ୍ୟଯୁକ୍ତ ଏକଭକ୍ତିର୍ବିଶିଷ୍ୟତେ ।
ପ୍ରିୟୋ ହି ଜ୍ଞାନିନୋଽତ୍ୟର୍ଥମହଂ ସ ଚ ମମ ପ୍ରିୟଃ ॥

ସେହି ଚାରିପ୍ରକାର ଭକ୍ତଙ୍କ ମଧ୍ୟରୁ ମୋ'ଠାରେ ନିତ୍ୟଯୁକ୍ତ ଅନନ୍ୟ ଭକ୍ତିସମ୍ପନ୍ନ ଜ୍ଞାନୀ ଅର୍ଥାତ୍ ପ୍ରେମୀଭକ୍ତ ଶ୍ରେଷ୍ଠ; କାରଣ ଜ୍ଞାନୀଭକ୍ତଙ୍କର ମୁଁ ଅତି ପ୍ରିୟ ଏବଂ ସେ ମଧ୍ୟ ମୋର ଅତି ପ୍ରିୟ ।

# ପାକିସ୍ତାନର ଆତଙ୍କୀ ଚେହେରା ପୁଣି ଥରେ ଉଜାଗର

ଏକଦା ସମଗ୍ର ମୁସଲିମ ଜଗତର ଖଲିଫା ହେବାକୁ ସ୍ୱପ୍ନ ଦେଖୁଥିବା ପାକିସ୍ତାନ ଏବେ ଦୁର୍ଭାଗ୍ୟବଶତଃ ବିଶ୍ୱରେ ଏକ ଭିକାରୀ ଦେଶ ରୂପେ ପରିଚିତ । ଏହାର ବୈଦେଶିକ ମୁଦ୍ରା ଭଣ୍ଡାର ଶୂନ୍ୟ ପ୍ରାୟ । ଏହାକୁ ଆଇଏମଏଫ ଠାରୁ ଆରମ୍ଭ କରି କୌଣସି ଦେଶ କରଜ ଦେବାକୁ ବି ରାଜି ନୁହଁନ୍ତି । କେବଳ ଚୀନ ଏହାକୁ ଋଣ ଦେଇ ଏହା ବିନିମୟରେ ଏହି ଦେଶର ସମ୍ପତ୍ତିକୁ ହାତେଇ ଚାଲିଛି । ଏଫଏଟିଏଫରେ ଧୂଷର ବା ଗ୍ରେ ଲିଷ୍ଟରେ ଥିବାରୁ ଏଠାରେ କେହି ପୁଞ୍ଜିନିବେଶ କରିବା ପାଇଁ ମଧ୍ୟ ନାରାଜ । ଧୂଷର ଲିଷ୍ଟକୁ ଯିବା ପାକିସ୍ତାନର କର୍ମ ଦୋଷ । ହିଜବୁଲ ମୁଜାହିଦ୍ଦିନ, ଲସ୍କର-ଇ-ତୋଇବା, ହରକତ-ଉଲ-ଅନସାର ଭଳି ବହୁ ସଂଖ୍ୟକ ଆତଙ୍କବାଦୀ ଗୋଷ୍ଠୀକୁ ପାଳି ପୋଷି ବଡ କରିଥିବା ପାକିସ୍ତାନ ଆତଙ୍କବାଦର ଅନ୍ତୁଡିଶାଳ ଭାବରେ ଦୁନିଆରେ ଜଣାଶୁଣା । ଆମେରିକାର ୯/୧୧ ଘଟଣା ପରେ ଆମେରିକା ସମେତ ସମଗ୍ର ବିଶ୍ୱ ଆତଙ୍କବାଦ ବିରୋଧରେ କଠୋର ଆଭିମୁଖ୍ୟ ପୋଷଣ କରିଆସିଛି । ୯/୧୧ ଘଟଣାର ମୁଖ୍ୟ ଆସାମୀ ଓସାମା ବିନ ଲାଡେନ ଆମେରିକାର ସୈନ୍ୟ ମହକୁମା ଆବୋଟାବାଦ ନିକଟରୁ ଧରାପଡିବା ପରଠାରୁ ପାକିସ୍ତାନ ସମଗ୍ର ପୃଥିବୀର ଆଖିରେ ଏକ ଅବିଶ୍ୱାସୀ ରାଷ୍ଟ୍ର । ଅନ୍ୟକଥାତ ଛଡାଯାଉ ପାକିସ୍ତାନରେ ଅନ୍ୟ କୌଣସି ଦେଶର କ୍ରିକେଟ ଟିମ ଖେଳିବାକୁ ପ୍ରସ୍ତୁତ ନୁହଁନ୍ତି । ଆତଙ୍କବାଦୀମାନଙ୍କୁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ପାଣ୍ଠି ଯୋଗାଇଥିବା ଅଭିଯୋଗରେ ମିଳିତ ଜାତିସଂଘ ଏହାକୁ ଏଫଏଟିଏଫର ଧୂଷର ଲିଷ୍ଟରେ ସାମିଲ କରିଛି । ନିଜ ଦେଶରେ ଥିବା ଆତଙ୍କବାଦୀମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଭଳି ନିର୍ଦ୍ଦିଷ୍ଟ ସର୍ତ୍ତ ଉପରେ ଏହାକୁ ମଝିରେ ମଝିରେ କିଛି ସମୟ ଦିଆଯାଉଛି । ଏହି ସମୟ ଭିତରେ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବିଫଳ ହେଲେ ଏହାକୁ କଳାତାଲିକାଭୁକ୍ତ କରାଯିବାର ସତର୍କ କରିଦିଆଯାଇଛି । ଯଦି ଥରେ କଳାତାଲିକାଭୁକ୍ତ କରିଦିଆଯାଏ ତାହେଲେ ଏ ଦେଶର ଆର୍ଥିକ ଦୁର୍ଦ୍ଦଶା ବହୁଗୁଣ ହୋଇଯିବ । ଚାହିଁଲେବି ପୃଥିବୀର କୌଣସି ଦେଶ ଏହାକୁ ଭିକ୍ଷା ଦେଇପାରିବେ ନାହିଁ । ଏସବୁକୁ ବିଚାର କରି ପାକିସ୍ତାନର ପ୍ରଶାସକମାନେ ମନେମନେ ଛାନିଆ ଅବସ୍ଥାରେ ଅଛନ୍ତି । ସବୁଠୁ ବଡ କଥା ହେଲା, ୭୩ ବର୍ଷ ଧରି କାଶ୍ମୀର କାଶ୍ମୀର ଚିତ୍କାର କରିବା ସହ ଭାରତ ବିରୋଧରେ ହଜାର ବର୍ଷ ଯୁଦ୍ଧ କରିବାର ଧମକ ଦେଉଥିବା ପାକିସ୍ତାନ ଏବେ ସବୁଆଡୁ ହତାଶ ହୋଇ ଶେଷରେ ଭାରତର ଶରଣାପନ୍ନ ହେବାକୁ ବସିଛି । ଭାରତର ବିଶ୍ୱାସ ଜିତିବା ପାଇଁ ନିକଟରେ ଏହି ଦେଶ ନିଜର ରାଷ୍ଟ୍ରୀୟ ସୁରକ୍ଷା ନୀତି ଘୋଷଣା ମଧ୍ୟ କରିଛି । ସେଥିରେ ଶହେ ବର୍ଷ ପର୍ଯ୍ୟନ୍ତ କାଶ୍ମୀର ଶବ୍ଦକୁ ମୁହଁରେ ନଧରି ଭାରତ ସହ ପାରସ୍ପରିକ ସମ୍ପର୍କ ଓ ବାଣିଜ୍ୟ ବଢାଇବା ଉପରେ ଗୁରୁତ୍ୱାରୋପ କରିଛି । କିନ୍ତୁ କଥାରେ ଅଛି 'ସର୍ପ କୁଳରେ ଜାତ କଲୁ ମତେ , ସ୍ୱଭାବ ଛାଡିବି କେମନ୍ତେ' । ଏହାର ଅସଲି ଆତଙ୍କି ଚେହେରା ପୁଣିଥରେ ଆମେରିକାରେ ଧରାପଡିଛି ।

ଖବର ଆସିଛି ଯେ, ଆମେରିକାର ଟେକ୍ସାସ ସହରରେ ଥିବା ଏକ ଇହୁଦୀ ମନ୍ଦିର ଭିତରେ ଆକ୍ରମଣ କରି ଲେଡି ଅଲକାଏଦା ଭାବେ ପ୍ରସିଦ୍ଧ ପାକିସ୍ତାନର ଆଫିଆ ସିଦ୍ଦିକିଙ୍କୁ ମୁକୁଳାଇବାର ଦାବି କରି ତା ଭାଇ ଏହି ଇହୁଦୀମାନଙ୍କୁ ପଣବନ୍ଦୀ ଭାବେ ରଖିଥିଲେ । କୁହାଯାଏ ଯେ, ଏହି ଆଫିଆ ଜୀବବିଜ୍ଞାନରେ ଏମଏସି କରିବା ପରେ ଜୀବାଣୁ ବୋମା ନିର୍ମାଣରେ ଗୁପ୍ତ ରୂପରେ ଲାଗିଥିଲେ । ଏହାର ସ୍ୱାମୀ ୯/୧୧ ଘଟଣାର ମାଷ୍ଟରମାଇଣ୍ଡ ଥିଲେ । ଆମେରିକା ଜେଲରେ ବନ୍ଦୀ ଥିବା ଆଫିଆଙ୍କୁ ସେଠାକାର କୋର୍ଟ ୮୬ ବର୍ଷର କାରାଦଣ୍ଡ ଶୁଣାଇଛନ୍ତି । ଏହି ଆତଙ୍କିଙ୍କୁ ପାକିସ୍ତାନ କିନ୍ତୁ 'ଡଟର ଅଫ ନେସନ ଭାବେ' ସମ୍ମାନିତ କରିସାରିଛି । ଏହାଙ୍କୁ ମୁକ୍ତ କରିବା ପାଇଁ ପାକିସ୍ତାନ ଜାତୀୟ ଆସେମ୍ବ୍ଲିରେ ଅନେକବାର ପ୍ରସ୍ତାବ ଗ୍ରହଣ କରିଛନ୍ତି । ପାକିସ୍ତାନର ବିଭିନ୍ନ ଦଳର ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତି ମଧ୍ୟ ଆମେରିକା ନିକଟରେ ଆଫିଆର ମୁକ୍ତି ପାଇଁ ବାରମ୍ବାର ନେହୁରା ହୋଇସାରିଛନ୍ତି । ପାକିସ୍ତାନୀ ଆତଙ୍କବାଦୀର କବଳରେ ଥିବା ପଣବନ୍ଦୀମାନଙ୍କୁ ମୁକ୍ତ କରିବା ପାଇଁ ଗୋଟିଏ ପଟେ ଟେକ୍ସାସ ଗଭର୍ଣ୍ଣର କଥାବାର୍ତ୍ତା ଆରମ୍ଭ କରିଥିବା ବେଳେ ଅନ୍ୟପଟେ ଆମେରିକାର ପ୍ରସିଦ୍ଧ ସ୍ୱାତଗାର୍ଡ ପଣବନ୍ଦୀମାନଙ୍କୁ ମୁକୁଳେଇବା ଦାଗରେ ଉଦ୍ୟମ ଆରମ୍ଭ କରିଦେଇଥିଲେ । ଏ ଖବର ଜାଣିଲା ପରେ ଇସ୍ରାଏଲର ପ୍ରଧାନମନ୍ତ୍ରୀ ନେଫ୍ତାଲୀ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନଙ୍କ ସହ ନିରନ୍ତର ସମ୍ପର୍କରେ ଥିଲେ । ତେବେ ଯାହା ହେଉ ଏହି ସ୍ୱାତଗାର୍ଡମାନେ ପଣବନ୍ଦୀମାନଙ୍କୁ ନିରାପଦ ଭାବେ ଏହି ଆତଙ୍କବାଦୀଠାରୁ ମୁକ୍ତ କରିବା ସହ ଇହୁଦୀମାନଙ୍କ ମନ୍ଦିରକୁ ମଧ୍ୟ ମୁକ୍ତ କରିଛନ୍ତି । ତେବେ ଏହି ବିଷୟରେ ଏକ ସଂକ୍ଷିପ୍ତ ସୂଚନା ଦେବା ବ୍ୟତୀତ ଆମେରିକା ପ୍ରଶାସନ ପକ୍ଷରୁ ବିସ୍ତୃତ ବିବରଣୀ ପ୍ରଦାନ କରାଯାଇନାହିଁ । ଜଣାପଡିଛି ଯେ, ଏହି ଆତଙ୍କବାଦୀ ଘଟଣାର ଚେର କେତେଦୂର ବ୍ୟାପିଛି ଏବଂ ଏହି ଷଡଯନ୍ତ୍ରରେ ଆଉ କେଉଁମାନେ ସାମିଲ ସେ ନେଇ ଆମେରିକାର ଏଫବିଆଇ ତଦନ୍ତ ଆରମ୍ଭ କରିଦେଇଛି ।

ତଦନ୍ତର ପରିଣାମ ଯାହା ହେଉନା କାହିଁକି ଏହି ଘଟଣା ପାକିସ୍ତାନ ପାଇଁ ଆଉ ଏକ ବଡ ବିପତ୍ତିର କାରଣ ହେବ । ସ୍ମରଣଯୋଗ୍ୟ ଯେ, ୯/୧୧ ଘଟଣା ପରଠାରୁ ଆମେରିକା ଆତଙ୍କବାଦ ପ୍ରତି ଶୂନ୍ୟ ସହନଶୀଳତା ନୀତି ଆପଣେଇଛି । ଆମ ଦେଶ ପରି ସେଠାରେ ଆତଙ୍କବାଦୀଙ୍କ ଧର୍ମକୁ ନେଇ ବା ଜାତିକୁ ନେଇ କୌଣସି ରାଜନୀତି ହୁଏନି ବା କେହି ଲୁହ ଗଡାନ୍ତି ନାହିଁ । ଆତଙ୍କବାଦୀମାନଙ୍କ ପ୍ରତି କୌଣସି ମାନବିକ ଅଧିକାର ବା ଦୟା ସେଠାରେ ଦେଖାଯାଏ ନାହିଁ । ତେଣୁ ଆତଙ୍କବାଦୀମାନେ ସେଠାରେ କୌଣସି କାଣ୍ଡ ଭିଆଇବା ପୂର୍ବରୁ ହଜାର ଥର ଭାବନ୍ତି । ଆମ ଦେଶରେ ମଧ୍ୟ ଏହିଭଳି କଠୋର ନୀତି ହିଁ ଆତଙ୍କବାଦ ସମସ୍ୟାକୁ କମ କରିପାରିବ ।

# ଗୃହ ଶତ୍ରୁ

**ଭୁବନାନନ୍ଦ ତ୍ରିପାଠୀ**

ଘର ଭିତରେ ଶତ୍ରୁ ରହିଲେ ଘର ବିପଦପୂର୍ଣ୍ଣ ହୋଇଯାଏ । କିଛି ଲୋକ ଘରର ମଙ୍ଗଳ ପାଇଁ ଲାଗିଥିବାବେଳେ ଆଉ କିଛି ଲୋକ ଘର ଅନିଷ୍ଟ କରିବା ପାଇଁ ଚେଷ୍ଟିତ ଥାଆନ୍ତି । ଏହିମାନେ ହିଁ ଗୃହ ଶତ୍ରୁ । ଏପରି ଘର ଉନ୍ନତି କରିବା ପରିବର୍ତ୍ତେ ପତନମୁଖୀ ହେବା ସ୍ୱାଭାବିକ ।

ଆମ ଦେଶ ବର୍ତ୍ତମାନ ସେହିପରି ସ୍ଥିତିରେ ଥିବାପରି ମନେ ହୁଏ । ଦେଶରେ ଗଣତାନ୍ତ୍ରିକ ବ୍ୟବସ୍ଥା ଲାଗୁ ରହିଛି । ଭୋଟ ମାଧ୍ୟମରେ ଲୋକ ପ୍ରତିନିଧିମାନେ ନିର୍ବାଚିତ ହେଉଛନ୍ତି ଏବଂ ଏହି ପ୍ରତିନିଧିମାନେ ଦେଶର ଶାସନକଳକୁ ନିୟନ୍ତ୍ରଣ କରୁଛନ୍ତି । ଗଣତାନ୍ତ୍ରିକ ପଦ୍ଧତିରେ ଗୋଟିଏ ଦଳ ସଂଖ୍ୟା ଗରିଷ୍ଠ ହେଉଥିବାବେଳେ ଅନ୍ୟ ଦଳଟି ବିପକ୍ଷ ଦଳର ସ୍ଥାନ ଗ୍ରହଣ କରିଥାଏ । ସରକାରୀ ଦଳ ସମଗ୍ର ଦେଶର ହିତ ସାଧନ ପାଇଁ ଉଦ୍ୟମ କରିବା ଆବଶ୍ୟକ । ସେହିପରି ବିପକ୍ଷ ଦଳ ଦେଶର ହିତ ରକ୍ଷା ଉଦ୍ଦେଶ୍ୟରେ ଶାସକ ଦଳର ଆଲୋଚନା ସମାଲୋଚନା କରିବା ଆବଶ୍ୟକ । ଏପରି ନହେଉ ଯେ ସରକାର ଗଢ଼ିଥିବା ଦଳର ଆଲୋଚନା କରିବାବେଳେ ଦେଶର ସ୍ୱାର୍ଥ ଅଣଦେଖା ହୋଇଯିବ । ବିରୋଧୀ ଦଳ ନିଜର ଭୂମିକା ପାଳନ କରୁଥିବାବେଳେ ସରକାରଙ୍କର ସମସ୍ତ ନୀତି, ପଦକ୍ଷେପକୁ ବିରୋଧ କରିବେ, ଏହା ଉଚିତ୍ ନୁହେଁ । ଜନତାର ମଙ୍ଗଳ ହେବ ତ ସମର୍ଥନ କରାଯାଉ । ଦେଶର କ୍ଷତି ହେବତ ଏହାର ବିରୋଧ କରାଯାଉ । ମାନନୀୟ ଅଟଳଜୀ ଦେଶର ବିରୋଧୀ ଦଳ ନେତା ଥିବାବେଳେ ବଙ୍ଗଳା ଦେଶ ଯୁଦ୍ଧ ସମୟରେ ସେ ଖୋଲା ହୃଦୟରେ ତତ୍‌କାଳୀନ ପ୍ରଧାନମନ୍ତ୍ରୀଙ୍କୁ ସମର୍ଥନ କରିଥିଲେ ଏବଂ ନରସିଂହ ରାଓଙ୍କ ପ୍ରଧାନମନ୍ତ୍ରୀ କାଳରେ ବିରୋଧୀ ଦଳର ନେତା ହୋଇ ସୁଦ୍ଧା ଜାତିସଂଘ ଅଧିବେଶନରେ ଦେଶର ପ୍ରତିନିଧି ମଣ୍ଡଳିର ନେତୃତ୍ୱ ନେଇଥିଲେ । ମାତ୍ର ଆଜିକାଲି ଦେଶର ରାଜନୀତିରେ ସେପରି ଦୃଶ୍ୟ ଦେଖିବାକୁ ମିଳୁନାହିଁ ।

ନିକଟରେ ଘଟିଥିବା କେତୋଟି ଘଟଣାକୁ ଉଦାହରଣ ସ୍ୱରୂପ ନିଆଯାଇପାରେ ।

**ରାଫେଲ୍ ବିମାନ କ୍ରୟ :**

ଫ୍ରାନ୍ସ ଦେଶରୁ ଆମ ଦେଶ ୩୮ଟି ରାଫେଲ ବିମାନ କିଣି ଦେଶର ବିମାନ ବାହିନୀକୁ ଦୃଢ଼ କରିବାର ନିଷ୍ପତ୍ତି ନେଇଥିଲେ । ଏହି ନିଷ୍ପତ୍ତିର ବିରୋଧରେ ଦେଶର ପ୍ରମୁଖ ବିରୋଧି ଦଳର ନେତା ରାହୁଲ ଗାନ୍ଧୀ "ଚୌକିଦାର ଚୌର ହେଁ" ଅର୍ଥାତ୍ ପ୍ରଧାନମନ୍ତ୍ରୀ ମୋଦିଜୀ ଜଣେ ଚୋର ଏହା କହି ଦେଶସାରା ପ୍ରଚାର କରି ଚାଲିଲେ । ଏହି ବିବାଦର ଅନ୍ତ ଦେଶର ସର୍ବୋଚ୍ଚ ନ୍ୟାୟାଳୟରେ ହୋଇଯାଇଛି, ମାତ୍ର ଦେଶର ସ୍ୱାର୍ଥ ରକ୍ଷା କ୍ଷେତ୍ରରେ ଏପ୍ରକାର ହୀନ ରାଜନୀତି ଆଦୌ ସ୍ପୃହଣୀୟ ନୁହେଁ ।

**ସର୍ଜିକାଲ ଷ୍ଟ୍ରାଇକ୍ :**

ଜାମ୍ମୁ-କାଶ୍ମୀରର ପୁଲବାମା ଠାରେ ସୁରକ୍ଷାବାହିନୀ ଉପରେ ବୋମା ମାଡ଼ କାରଣରୁ ୪୪ଜଣ ଜୱାନଙ୍କର ଅକାଳ ମୃତ୍ୟୁ ହୋଇଥିଲା । ଏହାର ଜବାବ ସ୍ୱରୂପ ଆମ ଲଢୁଆ ବିମାନବାହିନୀ ପାକିସ୍ଥାନର ସୀମା ଭିତରେ ପ୍ରବେଶ କରିଥିଲେ ଏବଂ ବୋମା ବର୍ଷା କରି ସେମାନଙ୍କର ବାଲାକୋଟ ସ୍ଥିତ ଆତଙ୍କବାଦୀ ଟ୍ରେନିଂ କେନ୍ଦ୍ରକୁ ଧ୍ୱଂସ କରିଦେଇଥିଲେ । ଏ ପ୍ରକାର ସାହସିକ ପଦକ୍ଷେପ ପାଇଁ ଦେଶବାସୀ ଗର୍ବ ଅନୁଭବ କରୁଥିବାବେଳେ ବିରୋଧୀ ପକ୍ଷ ଏହି କାର୍ଯ୍ୟର ପ୍ରମାଣ ମାଗି ବସିଲେ । ପ୍ରତିରକ୍ଷା ପରି ବିଷୟରେ ସାକ୍ଷୀ ପ୍ରମାଣ ମାଗିବା କେତେ ଦୂର ଯୁକ୍ତିଯୁକ୍ତ ଏହା ଦେଶବାସୀ ବିଚାର କରିବେ ।

**ଏନ୍.ଆର୍.ସି. ଏବଂ ସି.ଏ.ଏ ଆଇନ୍ :**

ଦେଶରେ ନାଗରିକ ମାନଙ୍କର ପିକରଣ କରାଯିବା ଏକ ପ୍ରମୁଖ କାର୍ଯ୍ୟ । ସୀମାବର୍ତ୍ତୀ ପ୍ରଦେଶ ମାନଙ୍କରେ ଅନେକ ବିଦେଶୀ ନାଗରିକ ବାଙ୍ଗଲାଦେଶ, ପାକିସ୍ଥାନ ଏବଂ ମ୍ୟାନାମାର ଦେଶରୁ ଆସି ଦେଶ ଭିତରେ ନାଗରିକ ଭାବେ ବସବାସ କରୁଥିବା ଦେଖାଯାଉଛି ଏବଂ ସମସ୍ତ ସୁବିଧା ହାସଲ କରିବାରେ ଲାଗିଛନ୍ତି । ଏମାନେ ଦେଶ ଉପରେ ଆର୍ଥିକ ବୋଝ ହେଉଛନ୍ତି । ଦେଶ ବିରୋଧୀ ଚରିତ୍ର ଭାବେ ରାଜନୈତିକ ଦଳମାନଙ୍କର ହାତବାରିସୀ ହେଉଛନ୍ତି । ଏ ସବୁ ବେଆଇନ୍ କାର୍ଯ୍ୟର ଅନ୍ତ ହେବା ଆବଶ୍ୟକ । ଏଥିପାଇଁ ଏନ୍.ଆର୍.ସି ତଥା ସିଏଏ ର ପ୍ରସ୍ତାବ ଆସିଛି । ଏହା ହେବା ଉଚିତ୍ ବୋଲି ଦେଶର ନ୍ୟାୟାଳୟ ମଧ୍ୟ ନିଜର ମତ ପ୍ରକାଶ କରିଛନ୍ତି । ମାତ୍ର ଏହି ଦେଶ ସ୍ୱାର୍ଥ ସମ୍ବନ୍ଧିତ ବିଲର ବିରୋଧ କରାଯିବା ଦେଖାଯାଉଛି । ଏହି ବିଲ୍‌ର ବିରୋଧ କରି ଦିଲ୍ଲୀରେ ସାହିନବାଗଠାରେ ଦୀର୍ଘ ୩ମାସ ଧରି ମୁଖ୍ୟରାସ୍ତା ଅବରୋଧ କରି ମୁସଲମାନ ମହିଳାମାନେ ଧାରଣା ପ୍ରଦର୍ଶନ ଜାରି ରଖିଥିଲେ । ସେମାନଙ୍କ ସମର୍ଥନରେ ଦେଶର ଅଧିକାଂଶ ବିରୋଧୀ ଦଳ ତଥା ବାମବାଦୀ ବୁଦ୍ଧିଜିବୀ ଗୋଷ୍ଠୀ ଏହି ସଭାରେ ଭାଷଣ ଦେଇ ସରକାରୀ ନୀତିର ବିରୋଧ କରୁଥିବା ଦେଖାଯାଉଥିଲା । ସିଏଏ ଓ ଏନ୍.ଆର୍.ସି. ପରି ଦେଶ ସ୍ୱାର୍ଥ ସମ୍ବନ୍ଧିତ ନୀତିର ବିରୋଧ କରିବା କେତେଦୂର ଗ୍ରହଣୀୟ ତାହା ବିଚାରଣୀୟ ।

**ଜେଏନ୍‌ୟୁର ଟୁକ୍‌ଡ଼େ ଟୁକଡ଼େ ଗ୍ୟାଙ୍ଗ :**

ନୂଆ ଦିଲ୍ଲୀ ସ୍ଥିତ ଜବାହାରଲାଲ ନେହେରୁ କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟ ଦେଶର ଏକ ପ୍ରମୁଖ ଶିକ୍ଷାନୁଷ୍ଠାନ । ଏଠାରେ ପଠନରତ ଛାତ୍ରଛାତ୍ରୀ ମାନଙ୍କୁ ଭାରତ ସରକାର ଅନେକ ପରିମାଣର ଆର୍ଥିକ ସାହାଯ୍ୟ ଯୋଗାଇ ଦେଇଥାନ୍ତି । ଦୁର୍ଭାଗ୍ୟର କଥା ଏଠିକାର ଛାତ୍ରଗୋଷ୍ଠୀ ଦେଶ ବିରୋଧୀ ତତ୍ତ୍ୱର ସମର୍ଥନରେ ଆନ୍ଦୋଳନ ଏବଂ ଶୋଭାଯାତ୍ରା କରୁଛନ୍ତି । "ଭାରତ ତେରା ଟୁକ୍‌ଡ଼େ ଟୁକ୍‌ଡ଼େ କରେଙ୍ଗେଂ", ଆମେ ଚାହୁଁ ଆଜାଦୀ । ଆଫଜଲ ହମ ସର୍ମିନ୍ଦା ହେଁ, ତେରା କାତିଲ ଜିନ୍ଦାହେଁ ଆଦି ଦେଶ ବିରୋଧୀ ନାରା ଏହି ଶିକ୍ଷିତ ଯୁବଗୋଷ୍ଠୀ ନିକଟରୁ ଶୁଣିଲେ ବୁଝିହୁଏ ଦେଶକୁ ଦୁର୍ବଳ କରିବାପାଇଁ କି ପ୍ରକାର ହୀନ ଚକ୍ରାନ୍ତ ଦିଲ୍ଲୀପରି ମୁଖ୍ୟ ସହରରେ କରାଯାଉଛି ।

**ଧାରା ୩୭୦ ଏବଂ ୩୫ ଏ ସପକ୍ଷ ଗୋଷ୍ଠୀ :**

ଜାମ୍ମୁ-କାଶ୍ମୀର ପ୍ରଦେଶକୁ ଭାରତର ଏକ ଅଭିନ୍ନ ଅଙ୍ଗଭାବେ ସ୍ଥାନ ଦେବାପାଇଁ ସମ୍ବିଧାନର ଧାରା ୩୭୦ ଏବଂ ୩୫ ଏ ନିୟମକୁ ହଟାଇ ଦିଆଯାଇଛି । ଏ ପ୍ରକାର ବଳିଷ୍ଠ ପଦକ୍ଷେପକୁ ସମଗ୍ର ଦେଶବାସୀ ସ୍ୱାଗତ କରୁଥିବାବେଳେ ଏବେ ବି କେତେକ ବିରୋଧୀ ଦଳର ନେତା ସେମାନଙ୍କ ଭାଷଣରେ କହୁଛନ୍ତି ଯେ ଏହି ଦୁଇ ନିୟମକୁ ଜାମ୍ମୁ-କାଶ୍ମୀରରେ ପୁଣି ଥରେ ଲାଗୁ କରାଯିବ । ଗତ ୭୦ ବର୍ଷ ଧରି ଯେଉଁ କଳା ଆଇନ ଦେଶ ଭିତରେ ବିଭାଜନର ମି ବୁଣି ଚାଲିଥିଲା, ତାହା ହଟି ଯିବା ଦେଶର ଅଖଣ୍ଡତା ରକ୍ଷା କ୍ଷେତ୍ରରେ ଏକ ପ୍ରମୁଖ କାର୍ଯ୍ୟ ହୋଇଥିବାବେଳେ ଦେଶର ମୁଷ୍ଟିମେୟ ଗୃହ ଶତ୍ରୁଙ୍କ ଆଖିରେ ଏହା ଭୁଲ ପଦକ୍ଷେପ ଭାବେ ପରିଗଣିତ ହେଉଛି ।

**ସ୍ଥାନେ ସ୍ଥାନେ ପାକିସ୍ତାନ ପ୍ରେମ :**

ଦେଶ ବିଭାଜନ ହେବା ଏକ ହୃଦୟ ବିଦାରକ ଘଟଣା ଏବଂ ଏହା ପ୍ରତ୍ୟେକ ରାଷ୍ଟ୍ରବାଦୀ ଭାରତୀୟର ହୃଦୟରେ ଦାଗ ହୋଇ ଏବେ ମଧ୍ୟ ରହିଛି । ବିଭାଜନର ଫଳସ୍ୱରୂପ ଜନହାନି ଏବଂ ଧନହାନି ଇତ୍ୟାଦି ଯାହାସବୁ କ୍ଷତି ଆମ ଦେଶକୁ ସହନ କରିବାକୁ ପଡ଼ିଛି ତାହାର ସାକ୍ଷୀ ଇତିହାସ ରହିଛି । ଧର୍ମ ଆଧାରରେ ଦୁଇଟି ଦେଶ ଗଢ଼ା ଯାଇଥିଲେ ସୁଦ୍ଧା ୧୯୪୭ ମସିହାରେ ଦେଶରେ ଥିବା ସମସ୍ତ ମୁସଲମାନ ପାକିସ୍ଥାନ ଗଲେ ନାହିଁ ଯଦିଓ ଅଧିକାଂଶ ହିନ୍ଦୁଙ୍କୁ ବଳପୂର୍ବକ ଏବଂ ଭୟଭୀତ କରାଇ ପାକିସ୍ଥାନରୁ ବିତାଡ଼ିତ କରାଯାଇଥିଲା । ଭାରତରେ ଯେଉଁ ମୁସଲମାନ ରହିଲେ, ସେମାନଙ୍କୁ ଦେଶର ନାଗରିକ ଭାବେ ସମସ୍ତ ସୁଖ ସୁବିଧା ପ୍ରାପ୍ତ ହେଉଥିଲେ ସୁଦ୍ଧା ତାଙ୍କ ମନ ମସ୍ତିଷ୍କରେ ଭାରତ ଅପେକ୍ଷା ପାକିସ୍ଥାନ ଦେଶ ଅଧିକ ପ୍ରିୟ ଥିବା ଦେଖାଯାଉଛି । ଏବେ ବି କେଉଁଠି କେଉଁଠି ସ୍ଲୋଗାନ ଶୁଣିବାକୁ ମିଳୁଛି "ହଁସ ସକେ ଲିଏ ପାକିସ୍ଥାନ, ଲଢ଼କେଲେଙ୍ଗେ ହିନ୍ଦୁସ୍ଥାନ", କ୍ରିକେଟ ଏବଂ ହକି ଖେଳରେ ପାକିସ୍ଥାନ ଦଳର ବିଜୟ ହେଲେ ଆମ ଦେଶର କେତେକ ମୁସଲମାନ ବିଜୟ ଉତ୍ସବ ପାଳନ କରୁଥିବା ଦେଖାଯାଉଛି । ଏ ପ୍ରକାର ଗୃହ ଶତ୍ରୁଙ୍କୁ ବରଦାସ୍ତ କରିବା ଆଦୌ ଠିକ୍ ନୁହେଁ ।

**ଆତଙ୍କବାଦୀ କାର୍ଯ୍ୟର ସମର୍ଥନ :**

ଓଡ଼ିଶା, ଛତିଶଗଡ଼, ତେଲେଙ୍ଗନା, ମହାରାଷ୍ଟ୍ର ଆଦି ପ୍ରଦେଶର ପାହାଡ଼ ଜଙ୍ଗଲ ଅଞ୍ଚଳରେ ନକ୍‌ସଲ ଆନ୍ଦୋଳନର ଘଟଣା ଦେଖିବାକୁ ମିଳୁଛି । ନିରୀହ, ସରଳ, ଆଦିବାସୀ ମାନଙ୍କୁ ଦେଶର ଶାସନ କଳ ବିରୋଧରେ ମତାଇ, ତତାଇ, କିଛି ଦେଶଦ୍ରୋହୀ ତତ୍ତ୍ୱ ହିଂସାତ୍ମକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି । କେଉଁଠି ପୁଲିସ ବାହିନୀ ଉପରେ ବୋମା ପକାଉଛନ୍ତି । କେଉଁଠି ସରକାରୀ ଅଫିସକୁ ପୋଡ଼ି ଭାଙ୍ଗି ଦେଉଛନ୍ତି ତ ଆଉ କେଉଁଠି ପୋଲିସ୍ ଓ ଫରେଷ୍ଟ କର୍ମଚାରୀଙ୍କୁ ପଣବନ୍ଦୀ ରଖୁଛନ୍ତି । ଅବଶ୍ୟ ଏ ପ୍ରକାର କାର୍ଯ୍ୟର ଦୃଢ଼ ଦମନ କରାଯାଉଛି । ମାତ୍ର ଏହି ହିଂସାତ୍ମକ ଆନ୍ଦୋଳନ ପଛରେ ଭଦ୍ର ମୁଖା ପିନ୍ଧା କିଛି, ଓକିଲ, ସାମ୍ବାଦିକ ଓ ରାଜନେତା ରହିଛନ୍ତି, ଯେଉଁମାନେ ଏହି କାର୍ଯ୍ୟ ପାଇଁ ଧନ ଯୋଗାଇ ଦେଉଛନ୍ତି । ପାମ୍ଫ୍ଲେଟ, ଲିଫ୍‌ଲେଟ ପଠାଉଛନ୍ତି, ଟ୍ରେନିଂ କ୍ୟାମ୍ପରେ ଯୋଗଦେଇ ଆତଙ୍କବାଦୀ ମନୋବଳ ବୃଦ୍ଧି କରୁଛନ୍ତି ।ଏଡି ଭଦ୍ର ଲୋକମାନଙ୍କୁ ଗୃହ ଶତ୍ରୁ ଚିହ୍ନଟ କରି ଉଚିତ୍ ଶାସ୍ତିଦେବାର ସମୟ ଆସିଯାଇଛି ।

**ଅଯୋଧ୍ୟାର ରାମ ମନ୍ଦିର ନିର୍ମାଣ :**

ଅଯୋଧ୍ୟାସ୍ଥିତ ପ୍ରଭୁ ଶ୍ରୀରାମଙ୍କ ଜନ୍ମ ସ୍ଥାନରେ ଆକ୍ରମଣକାରୀ ବାବର ପୁରାତନ ମନ୍ଦିରକୁ ଭାଙ୍ଗି ବାବ୍ରୀ ମସ୍‌ଜିଦ ତିଆରି କରିଥିଲେ । ତାର ଉଦ୍ଦେଶ୍ୟ ଥିଲା ଭାରତୀୟମାନଙ୍କ ଇଷ୍ଟ ଦେବଙ୍କୁ ଅପମାନ କରି ଦେଶବାସୀଙ୍କ ମନୋବଳକୁ ଦୁର୍ବଳ କରିଦେବା ଏବଂ ଭାରତରେ ମୁସଲିମ୍ ଶାସନକୁ ଚିରସ୍ଥାୟୀ କରିବା । ବାବର ପରେ ଅନେକ ବର୍ଷ ବିତିଯାଇଛି । ଦେଶରେ ମୋଗଲ ଶାସନର ଅନ୍ତ ଘଟିଛି । ମାତ୍ର ପ୍ରଭୁ ରାମଙ୍କ ମନ୍ଦିର ନିର୍ମାଣ ଏଯାଏଁ ହୋଇ ପାରି ନଥିଲା । ଦେଶ ସ୍ୱାଧୀନ ହେବାପରେ ରାମ ଜନ୍ମଭୂମି ଆନ୍ଦୋଳନ ମାଧ୍ୟମରେ ଦେଶ ସାରା ଜନଜାଗରଣ ସୃଷ୍ଟି ହୋଇପାରିଛି ଏବଂ ପରିଶେଷରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟର ନିଷ୍ପତ୍ତି ଅନୁସାରେ ବର୍ତ୍ତମାନ ଅଯୋଧ୍ୟାରେ ଏକ ରାମ ମନ୍ଦିର ନିର୍ମାଣ ହେବାକୁ ଯାଉଛି । ଦେଶର ଅସ୍ମିତକୁ ଦର୍ଶାଉଥିବା ଏହି ରାଷ୍ଟ୍ରୀୟ ପ୍ରକଳ୍ପକୁ ବିରୋଧ କରୁଥିବା ଲୋକମାନେ ହେଉଛନ୍ତି ଏ ଦେଶର ବିରୋଧୀ ଦଳର ନେତୃବୃନ୍ଦ । ସୁପ୍ରିମ୍‌କୋର୍ଟରେ ମନ୍ଦିର ନିର୍ମାଣକୁ ବିରୋଧ କରିବାକୁ ଆପ୍ରାଣ ଚେଷ୍ଟା କରି ବିଫଳ ହେବାପରେ ଏବେ ଦେଶର ସମୂହ ସ୍ୱାର୍ଥକୁ ଭୁଲିଯାଇ ବେଳେବେଳେ ବାବ୍ରୀ ମସ୍‌ଜିଦ ସପକ୍ଷରେ ବୟାନ ଦେଉଥିବା ଦେଖାଯାଉଛି । ଏପ୍ରକାର ଗୃହ ଶତ୍ରୁଙ୍କ ଠାରୁ ସାବଧାନ ରହିବା ଆବଶ୍ୟକ ।

**କୃଷକ ଆନ୍ଦୋଳନ ନାଁରେ ମୁଖ୍ୟ ସଡ଼କ ଜାମ୍ :**

ଦେଶରେ କୃଷକ ମାନଙ୍କର ରୋଜଗାର ଦ୍ୱିଗୁଣିତ କରିବା ପାଇଁ ସରକାର ତିନୋଟି ଆଇନ୍ ତିଆରି କରିଥିଲେ । ଏହି ଆଇନ୍ ବଳରେ ଫସଲ ମଣ୍ଡିର ଏକାଧିପତ୍ୟ ହ୍ରାସ ପାଇଲା, କଣ୍ଟ୍ରାକ୍ଟ ଫାର୍ମିଂ ପାଇଁ ଅନୁମତ ମିଳିଲା ଏବଂ ଖାଦ୍ୟଦ୍ରବ୍ୟ ମହଜୁଦ ପାଇଁ ପୂର୍ବର ସିଲିଂ ହଟାଇ ଦିଆଗଲା । ଏହି ନୂତନ ଆଇନ୍‌ର ଯଥାର୍ଥତା ଦେଶର ସାଧାରଣ କୃଷକ ଠିକ୍ ବୁଝିପାରିଲେ, ମାତ୍ର ପଶ୍ଚିମ ଉତ୍ତର ପ୍ରଦେଶର ତଥା ପାବର କିଛି କୃଷକ ଗୋଷ୍ଠୀ ଏହାର ବିରୋଧ କରିବା ଆରମ୍ଭ କରିଦେଲେ । ଏଥିପାଇଁ ଆରମ୍ଭରେ ସଭା ସମିତି, ଶୋଭାଯାତ୍ରା ଆଜି କରୁଥିଲେ, ପରେ ଦିଲ୍ଲୀ ସହରର ପ୍ରବେଶପଥରେ ଟେଣ୍ଟ ପକାଇ ଧାରଣା ଦେଇ ରହିଲେ । ଏହି ଆନ୍ଦୋଳନକୁ ଦେଶର ବିରୋଧୀ ତତ୍ତ୍ୱ ସକ୍ରିୟ ସମର୍ଥନ ଦେବାରେ ଲାଗିଲେ । କିଛି ଖାଲିସ୍ଥାନୀ ସମର୍ଥକ, କିଛି ଆତଙ୍କବାଦୀ କିଛି ସିଏଏ ବିରୋଧୀ ଆସି ଆନ୍ଦୋଳନରେ ସାମିଲ ହେଲେ ଏବଂ ଅର୍ଥିକ ସାହାଯ୍ୟ ଯୋଗାଇଦେଲେ । ଏମାନଙ୍କର ହିଂସ୍ରକ ଆନ୍ଦୋଳନର ଅସଲ ରୂପ ସେ ଦିନ ଦିଲ୍ଲୀ ସହରରେ ଦେଖିବାକୁ ମିଳିଲା, ଯେଉଁଦିନ ଟ୍ରାକ୍ଟର ରାଲି ନାଁରେ ଏହି ଆନ୍ଦୋଳନକାରୀମାନେ ପୋଲିସ୍ ବାହିନୀ ଉପରେ ବର୍ବର ଆକ୍ରମଣ କରିଥିଲେ ଏବଂ ଲାଲକିଲା ଠାରେ ତ୍ରିରଙ୍ଗା ପତାକାକୁ ହଟାଇ ଖାଲିସ୍ଥାନୀ ପତାକା ଉଡ଼ାଇବାର ଅପଚେଷ୍ଟା କରିଥିଲେ । ପାବ ପରି ଏକ ସୀମାନ୍ତ ପ୍ରଦେଶରେ ଦୀର୍ଘ ଦିନର ଅଶାନ୍ତିକୁ ଦୂର କରିବା ପାଇଁ କେନ୍ଦ୍ର ସରକାର କୃଷି ଆଇନ୍‌କୁ ପ୍ରତ୍ୟାହାର କରିନେଇଛନ୍ତି । ରାସ୍ତା ଜାମ୍ ହଟି ଯାଇଛି, ମାତ୍ର ଦେଶ ବିରୋଧି ତତ୍ତ୍ୱ ଏବେ ବି କିଛି ନା କିଛି ଅରାଜକତା ସୃଷ୍ଟି କରିବା ପାଇଁ ଜଗି ବସିଛନ୍ତି ।

**ଦେଶର ପ୍ରଧାନମନ୍ତ୍ରୀଙ୍କୁ ଆକ୍ରମଣର ଯୋଜନା :**

ନିକଟରେ ପାବର ଫିରୋଜପୁର ଜିଲ୍ଲାରେ ଏକ ଜନସଭାକୁ ସମ୍ବୋଧନ କରିବାପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଯାଉଥିବାବେଳେ ଗୋଟିଏ ଫ୍ଲାଏ ଓଭର ଉପରେ ରାସ୍ତା ଜାମ କରି ତାଙ୍କ ଗାଡ଼ିକୁ ଜବରଦସ୍ତ ରୋକାଯାଇ ଯେପରି ପରିସ୍ଥିତି ସୃଷ୍ଟି କରାଗଲା, ଏହା ପ୍ରଧାନମନ୍ତ୍ରୀଙ୍କ ଉପରେ ଆକ୍ରମଣର ଏକ ସୁନିୟୋଜିତ ଷଡ଼ଯନ୍ତ୍ର ବୋଲି କୁହାଯିବ । ଏହା ପଛରେ ପ୍ରାଦେଶିକ ଶାସନ କଳ ଏବଂ କଂଗ୍ରେସ ଦଳର ମୁଖ୍ୟ ଭୂମିକା ରହିଛି ଏହା ସ୍ପଷ୍ଟ ହେବାରେ ଲାଗିଛି । ପାକିସ୍ତାନ ସୀମାରୁ ମାତ୍ର ୧୫କି.ମି. ଦୂର ଏକ ସମ୍ବେଦନଶୀଳ ସ୍ଥାନରେ ଦେଶର ପ୍ରଧାନମନ୍ତ୍ରୀଙ୍କ ଗାଡ଼ିକୁ ଦୀର୍ଘ ୨୦ମିନିଟ୍ ପାଇଁ ଅଟକାଇବା, ଉତ୍ତେଜକ ନାରାଦେବା ଏବଂ ଫେରିଯିବାକୁ ବାଧ୍ୟ କରିବା ଘଟଣା ଦେଖିଲେ ବୁଝି ହୁଏ ଯେ ଭଗବାନଙ୍କ ଦୟାରୁ ଦେଶ ବିରୋଧୀ ତତ୍ତ୍ୱମାନଙ୍କର ଚାଲ ସଫଳ ହୋଇପାରିଲା ନାହିଁ, ଏବଂ ଦେଶର ପ୍ରଧାନମନ୍ତ୍ରୀଙ୍କ ଜୀବନ ରକ୍ଷା ହୋଇପାରିଲା । ଗଣତାନ୍ତ୍ରିକ ପଦ୍ଧତିରେ ଶାସକ ଦଳକୁ ଭୋଟ ମାଧ୍ୟମରେ ହରାଇବା ସମ୍ଭବ ହେଉ ନଥିବାରୁ ବିରୋଧୀ ଦଳ ପ୍ରଧାନମନ୍ତ୍ରୀଙ୍କୁ ହତ୍ୟା କରିବାର ହୀନ ଚକ୍ରାନ୍ତର ଆଶ୍ରୟ ନେବା କେତେଦୂର ନୀଚ ଖଳବୁଦ୍ଧିଯୁକ୍ତ ଏହା ସହଜରେ ଅନୁମେୟ ।

ପୂର୍ବ ବର୍ଣ୍ଣିତ ସମସ୍ତ ଦେଶ ବିରୋଧୀ ଘଟଣାବଳୀକୁ ଲକ୍ଷ୍ୟ କଲେ ଜଣାଯାଏ ଯେ ଆମ ଦେଶରେ ଗୃହ ଶତ୍ରୁ ମାନଙ୍କର ସଂଖ୍ୟା ବଢ଼ିବାରେ ଲାଗିଛି ଏବଂ ସେମାନଙ୍କୁ ଦୃଢ଼ ହସ୍ତରେ ଦମନ କରାନଗଲେ ଦେଶର ସର୍ବାଙ୍ଗୀନ ବିକାଶର ଯାତ୍ରା ସବୁବେଳେ ବାଧାପ୍ରାପ୍ତ ହେଉଥିବ ।

୦୨, ଜ୍ୟୋତି ଏନ୍‌କ୍ଲେଭ, ଲକ୍ଷ୍ମୀ ବିହାର, ସୈନିକ ସ୍କୁଲ
ଭୁବନେଶ୍ୱର-୭୫୧୦୦୫, ମୋ.-୮୮୯୫୫୨୩୫୬୧

# କୋରୋନା ବିରୁଦ୍ଧରେ ମିଳିତ ଲଢେଇ ଜରୁରୀ

ଏହା ନିଶ୍ଚିତ ଯେ, ଗତ ତିନି ବର୍ଷ ଧରି ସମଗ୍ର ବିଶ୍ୱ ମହାମାରୀ କୋରୋନା ଭୂତାଣୁ ସଂକ୍ରମଣରେ ସଢୁଛି । ଏହି ଭୂତାଣୁ ଜନ୍ମ ବା ଉତ୍ପତ୍ତି ନେଇ କମ୍ୟୁନିଷ୍ଟ ରାଷ୍ଟ୍ର ଚୀନ ପ୍ରତି ବିଶ୍ୱର ବହୁ ରାଷ୍ଟ୍ର ଅଙ୍ଗୁଳି ନିର୍ଦ୍ଦେଶ କରିଥିବା ବେଳେ କୌଣସି ରାଷ୍ଟ୍ର ବା ବିଶ୍ୱ ସମୁଦାୟ କଠୋର ପଦକ୍ଷେପ ଗ୍ରହଣ କରିବାକୁ ସାହାସ ପ୍ରଦର୍ଶନ କରିପାରି ନାହିଁ । ଏପରି କି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ହୁ) ଦୁଇ ଦୁଇ ଥର ତଦନ୍ତ ପାଇଁ ପ୍ରୟାସ କରିଥିଲେ, ମଧ୍ୟ ସଫଳ ହୋଇପାରିନାହିଁ । "ହୁ" ଚୀନର ଗୋଡାଣିଆ ସାଜିଥିବା ମଧ୍ୟ ଅଭିଯୋଗ ହୋଇଛି । ମହାମାରୀ କୋରୋନା ଭୂତାଣୁର ଉତ୍ପତ୍ତି ସ୍ଥଳ ଚୀନ, ଏହା କମ୍ୟୁନିଷ୍ଟ ରାଷ୍ଟ୍ର ସ୍ୱୀକାର କରିନଥିଲା । ଏବେ ଚୀନ ଭୂତାଣୁ ସଂକ୍ରମଣରେ ଘାଂଟି ହେବା ପରେ ଉହ୍ୱାନ ସହରରେ ଗତ ୨୦୧୯ ମସିହା ଡିସେମ୍ବର ମାସ ୮ ତାରିଖରେ ଠାବ ହୋଇଥିବା କମ୍ୟୁନିଷ୍ଟ ସରକାର ସ୍ୱୀକାର କରିଛି । ମହାମାରୀ କୋରୋନା ସଂକ୍ରମଣ ଚୀନରେ ଉଦ୍‌ବେଗଜନକ ସ୍ଥିତି ସୃଷ୍ଟି କରିବା ପରେ ଏବେ କମ୍ୟୁନିଷ୍ଟ ସରକାର ସ୍ୱୀକାର କରିବାକୁ ବାଧ୍ୟ ହୋଇଛନ୍ତି ବୋଲି କୁହାଯାଇପାରିବ । କୁହାଯାଇଛି ଯେ, ମହାମାରୀର ପ୍ରଥମ ଲହରରେ ଚୀନରେ କେବଳ କୋଟିଏରୁ ଉର୍ଦ୍ଧ୍ୱ ଲୋକଙ୍କର ମୃତ୍ୟୁ ଘଟିଥିଲା । ଏହା ଚୀନ ସରକାର ସ୍ୱୀକାର କରିନଥିବା ବେଳେ ମାତ୍ର ୩୭୦୦ ଲୋକଙ୍କର ମୃତ୍ୟୁ ଘଟିଥିଲା ବୋଲି ସରକାରୀ ଭାବେ କୁହାଯାଇଥିଲା । ମାତ୍ର ସେହି ସମୟରେ ଚୀନରେ କୋଟିଏରୁ ଉର୍ଦ୍ଧ୍ୱ ଲୋକଙ୍କର ମୋବାଇଲ ଫୋନ କାର୍ଯ୍ୟ କରିନଥିଲା । ଯେଉଁଥିରୁ କି ମହାମାରୀର କୋଟିଏ ଲୋକଙ୍କର ମୃତ୍ୟୁ ଘଟିଥିବା ଆକଳନ କରାଯିବା ସ୍ୱାଭାବିକ । ଏବେ ସଂକ୍ରମଣ ଯୋଗୁଁ ଚୀନ ବହୁ ପ୍ରଦେଶରେ ତାଲାବନ୍ଦ ଜାରି କରିଛି । ଲୋକଙ୍କୁ ଘରୁ ବାହାରିବାକୁ ଦିଆଯାଉନାହିଁ । ୩ ଦିନରେ ଥରେ କିଛି ସମୟ ପାଇଁ ଖାଦ୍ୟ ସାମଗ୍ରୀ କିଣିବାକୁ ଅନୁମତି ଦିଆଯାଇଥିବା ରିପୋର୍ଟ ପ୍ରକାଶ ପାଇଛି । ଆଉ ଏକ ଚାଂଚଲ୍ୟକର ତଥ୍ୟ ଏବେ ପ୍ରକାଶ ପାଇଛି, ତାହା ହେଉଛି ଲୁହାରେ ନିର୍ମିତ ବାକ୍ସରେ ସଂକ୍ରମିତ ଲୋକଙ୍କୁ ଯୋର ଜବରଦସ୍ତ ରଖାଯାଇଛି । ଅବଶ୍ୟ ଯେଉଁ ବାକ୍ସରେ ଶୌଚାଳୟ ସହ ରହିବା ଭଳି ବ୍ୟବସ୍ଥା ରହିଛି । ଏହା ଯଦି ସତ୍ୟ ହୋଇଥାଏ, ତେବେ ମାନବିକ ଅଧିକାର କ୍ଷୁର୍ଣ୍ଣର ଆଉ ଏକ ଉଦାହରଣ ବୋଲି କୁହାଯିବ । ଏହା ସତ୍ୟ ଚୀନ ଭଳି କମ୍ୟୁନିଷ୍ଟ ରାଷ୍ଟ୍ରରୁ କୌଣସି ତଥ୍ୟ ହଠାତ ପଦାକୁ ଆସେ ନାହିଁ । କୋରୋନା ଭୂତାଣୁ ସମ୍ପର୍କରେ ପ୍ରଥମେ ପ୍ରଘଟ କରିଥିବା ଯୁବ ବୈଜ୍ଞାନିକଙ୍କୁ ମାରି ଦିଆଯାଇଥିବା ରିପୋର୍ଟ ପାଇଛି । କେବଳ ଏହି ଯୁବ ବୈଜ୍ଞାନିକ ନୁହଁନ୍ତି, ଯେଉଁମାନେ କୋରୋନା ସମ୍ପର୍କରେ ମୁହଁ ଖୋଲିଛନ୍ତି, ସେମାନଙ୍କୁ କମ୍ୟୁନିଷ୍ଟ ସରକାରଙ୍କ ନିର୍ଦ୍ଦେଶରେ ହତ୍ୟା କରାଯାଇଥିବା କୁହାଯାଏ । ଏବେ ଗତ ୨୦୧୯ ମସିହା ଡିସେମ୍ବର ମାସ ୮ ତାରିଖରେ କୋରୋନା ଭୂତାଣୁ ଉହ୍ୱାନ ସହରରେ ଠାବ ହୋଇଥିବା ନେଇ ଦୀର୍ଘ ଦୁଇବର୍ଷରୁ ଉର୍ଦ୍ଧ୍ୱ ସମୟ ପରେ ନିଜେ ସ୍ୱୀକାର କରିବା ଚୀନର ସାଂପ୍ରତିକ ସଂକ୍ରମଣ ସମ୍ପର୍କରେ ସୂଚନା ଦିଏ । ସେତେବେଳେ ଚୀନରେ ମାତ୍ର ୫୫୭ ସଂକ୍ରମିତ ହୋଇଥିଲେ । ଭୂତାଣୁର ଦ୍ରୁତ ସଂକ୍ରମଣକୁ ଦୃଷ୍ଟିରେ ରଖି 'ହୁ' ଏହାକୁ ମହାମାରୀ ଘୋଷଣା କରିବାକୁ ଚିନ୍ତା କରିଥିବା ସତ୍ୱେ ପ୍ରାୟ ୪ମାସ ବିଳମ୍ବରେ ଅର୍ଥାତ ୨୦୨୦ ମାର୍ଚ୍ଚ ୧୧ ତାରିଖରେ କୋରୋନାକୁ ମହାମାରୀ ଘୋଷଣା କରିଥିଲା । ଯେତେବେଳେ କି ବିଶ୍ୱର ବହୁ ରାଷ୍ଟ୍ରରେ ଏହା ବ୍ୟାପି ଯାଇଥିଲା ।

କ୍ରମଶଃ...

ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨, ମୋବାଇଲ ନଂ-୯୪୩୭୯୯୪୩୭୯

**ଦେଶ କଥା**

# ଚାଷୀ ହତ୍ୟାର ୨୪ ବର୍ଷ; ସୁଖିନି ୨୪ ଚାଷୀଙ୍କ ରକ୍ତ

**ମାତୃଦତ୍ତ ମହାନ୍ତି**



ମଧ୍ୟପ୍ରଦେଶ ବେତଲ ଜିଲ୍ଲାର ମୁଲତାଇ ତହସିଲ କାର୍ଯ୍ୟାଳୟ ଆଗରେ ସେଦିନ ଯାହା ଘଟିଗଲା ତାହା କେହିକେବେ କଳ୍ପନା ସୁଦ୍ଧା କରିନଥିଲେ । ନିଜ ଅଧିକାର ପାଇଁ ପ୍ରଶାସନର ଦ୍ୱାରସ୍ଥ ହୋଇଥିବା ନିରୀହ ଚାଷୀଙ୍କୁ ଗୁଳି ଉପହାର ଦେଇଥିଲେ ମଧ୍ୟପ୍ରଦେଶର ତତକାଳୀନ କଂଗ୍ରେସ ସରକାର । ନଷ୍ଟ ହୋଇଯାଇଥିବା ଚାଷର କ୍ଷତିପୂରଣ ପାଇଁ ସ୍ୱର ଉଠାଇଥିବା ଚାଷୀଙ୍କ ଛାତିକୁ ସେଦିନ ଆରପାର କରିଯାଇଥିଲା ସରକାରୀ ବୁଲେଟ । ୧୯୯୭ ମସିହାରେ ମଧ୍ୟ ପ୍ରଦେଶରେ ବ୍ୟାପକ ଫସଲହାନି ହେବା ପରେ ଚାଷୀସମୁଦାୟ ସମ୍ପୂର୍ଣ୍ଣ ଭାଙ୍ଗି ପଡିଥିଲେ । ଫସଲହାନିର ପ୍ରଭାବ ଏତେ ଉତ୍କଟ ହୋଇ ପଡିଲା ଯେ ଦୁର୍ଭିକ୍ଷ ପରିସ୍ଥିତି ଦେଖାଦେଲା । ତା' ଉପରେ ଋଣବୋଝ । ଅନାହାରରେ ସନ୍ତୁଳି ହୋଇ ଲକ୍ଷଲକ୍ଷ ଚାଷୀ ଅଂଟା ସଳଖି ଛିଡା ହେବା ପାଇଁ ସମ୍ବଳ ସାଇତ ପାରିଲେନି । ବିଭିନ୍ନ ଅଂଚଳର ଚାଷୀ କ୍ଷତିପୂରଣ ଦାବିକରି ସ୍ୱର ଉତୋଳନ କରିବାକୁ ଲାଗିଲେ । କିନ୍ତୁ ଦିଗବିଜୟ ସିଂହ ସରକାର ଏଥିପ୍ରତି କର୍ଣ୍ଣପାତ କରିଲେନି । ଶେଷରେ ଅନ୍ୟୋପାୟ ହୋଇ 'କିଶାନ ସଂଘର୍ଷ ସମିତି' ଡାକରାରେ ୧୯୯୭ ମସିହା ଡିସେମ୍ବର ୨୫ ତାରିଖରେ ହଜାର ହଜାର ଚାଷୀ ମଧ୍ୟପ୍ରଦେଶ ମୁଲତାଇ ତହସିଲ କାର୍ଯ୍ୟାଳୟ ସାମନାରେ ରୁଣ୍ଡ ହେଲେ । ଚାଷୀଙ୍କୁ ଫସଲହାନିର କ୍ଷତିପୂରଣ ପ୍ରଦାନ, ଋଣଛାଡ, ବିଦ୍ୟୁତ ଟିକସ ଛାଡ, ଫସଲବୀମା ଦେୟ ଛାଡ ଇତ୍ୟାଦି ଥିଲା ଚାଷୀଙ୍କ ଦାବି । ଆନ୍ଦୋଳନ ଜାରି ରହିଲା । ଆନ୍ଦୋଳନର ୧୩ ଦିନ ପରେ ରାତି ଅଧରେ ପୋଲିସ ପହଁଚି ଚାଷୀମାନଙ୍କ ତମ୍ବୁ ଉପାଡି ଫୋପାଡି ଦେବା ସହ ବଳପୂର୍ବକୁ ତାଙ୍କୁ ଆନ୍ଦୋଳନ ସ୍ଥଳରୁ ଘଉଡେଇ ଦେବା ପାଇଁ ଉଦ୍ୟମ କଲା । ଚାଷୀମାନେ ପୋଲିସ ବର୍ବରତାର ପ୍ରତିବାଦ ମଧ୍ୟ କଲେ । ଜାନୁଆରୀ ୧୧ ତରିଖ ଦିନ ପୋଲିସ ଜୋର ଜବରଦସ୍ତ ଆନ୍ଦୋଳନରତ କେତେକ ଚାଷୀଙ୍କୁ ଉଠାଇ ନେଲା । ତଥାପି ଭାଙ୍ଗି ପଡିଲେନି ମଧ୍ୟପ୍ରଦେଶର କ୍ଷୁଧାର୍ଥ ଚାଷୀକୂଳ । ବେଳକୁବେଳ ଆନ୍ଦୋଳନ ତୀବ୍ରତର ହେଲା । ପୋଲିସ-ଚାଷୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିଲା । ପୋଲିସ ଚାହୁଁଥିଲା ଯେନତେନ ପ୍ରକାରେ ଚାଷୀଙ୍କ ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ । ଚାଷୀମାନେ ଅଡି ବସିଥିଲେ । ଦାବି ପୂରଣ ନହେଲେ ଉଠିବେ ନାହିଁ । ଅସହାୟ ଚାଷୀମାନଙ୍କ ପ୍ରତି କଂଗ୍ରେସ ସରକାର ଉଦାର ହେବା ପରିବର୍ତ୍ତେ କଠୋର ଆଭିମୁଖ୍ୟ ପୋଷଣ କରୁଥିଲେ । ୧୯୯୮ ମସିହା ଜାନୁଆରୀ ମାସ ୧୨ ତାରିଖ । ଚାଷୀ ମନରେ ଅଦମ୍ୟ ଉତ୍ସାହ । ପଛକୁ ନହଟିବାର ପଣକରି ସରକାରଙ୍କ ବିରୁଦ୍ଧରେ ଚାଲିଥିଲା ନାରାବାଜି । କେହି ଜାଣି ନଥିଲେ କଣ ଘଟିବାକୁ ଯାଉଛି । ହାତରେ ବନ୍ଧୁକ ଧରି ଆନ୍ଦୋଳନ ସ୍ଥଳରେ ଛିଡା ହୋଇଥିବା ପୋଲିସର ମନୋଭାବ ଆଦୌ ପଢି ପାରି ନଥିଲେ ଚାଷୀମାନେ । ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଚଳାଇଥିବା ଚାଷୀମାନଙ୍କ ଉପରେ ହଠାତ ଗର୍ଜି ଉଠିଥିଲା ପୋଲିସର ବନ୍ଧୁକ । ବନ୍ଧୁକ ମୁନରୁ ବାହାରୁଥିବା ଗୁଳି ଆନ୍ଦୋଳନରତ ଚାଷୀଙ୍କ ଛାତି ଚିରି ଚାଲିଯାଇଥିଲା । ପୋଲିସର ଆଖିବୁଜା ଗୁଳି ଚାଳନାରେ ଛତ୍ରଭଙ୍ଗ ଦେଇ ଏଣେତେଣେ ଧାଇଁଲେ ଆନ୍ଦୋଳନକାରୀ । ମୁଲତାଇ ତହସଲ କାର୍ଯ୍ୟାଳୟ ଆଗରେ ରକ୍ତ ନଦୀ ବହିଗଲା । ଘଟଣା ସ୍ଥଳରେ ଟଳି ପଡିଲେ ୨୪ ଜଣ ଚାଷୀ । ପ୍ରାୟ ଦେଢଶହ ଆହତ ହେଲେ । ଅନେକ ଆଜୀବନ ପଙ୍ଗୁ ପାଲଟିଗଲେ । ଚାଷୀ ହିଂସ୍ର ହୋଇ ପୋଲିସର ବନ୍ଧୁକ ଛଡାଇ ନେବାପାଇଁ ଉଦ୍ୟମ କରିଥିବା, ସରକାରୀ କର୍ମଚାରୀଙ୍କୁ ଆକ୍ରମଣ କରିବା ସହ ଜଣେ ଅଗ୍ନୀଶମ କର୍ମଚାରୀଙ୍କୁ ହତ୍ୟା କରିଥିବା ଅଭିଯୋଗରେ ଚାଷୀଙ୍କ ଉପରେ ଲାଗିଲା ଦଫା ଉପରେ ଦଫା । ସେ ସମୟରେ ନା ମେଡିଆର ଗହଳି ଥିଲା, ନା ଥିଲା ସୋସିଆଲ ମେଡିଆର ଭିଡ । ସରକାରୀ ପ୍ରାୟୋଜିତ ଏହି ନିର୍ମମ ଚାଷୀହତ୍ୟାକୁ କ୍ରମଶଃ ଭୁଲିଗଲା ସାରା ଦେଶ । ଚଳିତ ବର୍ଷ ଜାନୁଆରୀ ୧୨ ତାରିଖରେ ଏହି ଘଟଣାକୁ ୨୪ ବର୍ଷ ହୋଇଗଲା । ଆଜିବି ସେହି ୨୪ ଜଣ ଚାଷୀଙ୍କ ରକ୍ତଦାଗ ମୁଲତାଇ ମାଟିରୁ ଲିଭି ନାହିଁ । ସର୍ବସ୍ୱାନ୍ତ ଚାଷୀ ଆତ୍ମହତ୍ୟା କରିବା ପରିବର୍ତ୍ତେ ଆନ୍ଦୋଳନର ପଥ ବାଛି ନେଇଥିଲା । କିନ୍ତୁ ସେ କଣ ଜାଣିଥିଲା ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାରେ ଅଧିକାର ମାଗିଲେ ଚାଷୀ ଦେହରେ ଗୁଳି ବିଛେଇ ଦିଆଯାଏ ବୋଲି । ମୁଲତାଇ ତହସିଲ ଅନ୍ତର୍ଗତ ପ୍ରାୟ ୪ ଶହ ଗ୍ରାମର ହଜାର ହଜାର ଚାଷୀଙ୍କ ପରିବାର ଆଜିବି ନ୍ୟାୟ ଅପେକ୍ଷାରେ ରହିଛନ୍ତି । ଅନେକ ଚାଷୀ ଆଜିବି ମିଛ ମାମଲାରେ କୋର୍ଟର ଚକ୍କର କାଟିକାଟି ନୟାନ୍ତ ହେଲେଣି । ଅନେକ ଆଜିବି ନିଜ ଦେହରେ ଗୁଳିର କ୍ଷତ ବୋହି ଭାଗ୍ୟକୁ ଆଦରି ପଡି ରହିଛନ୍ତି । କିଏ ହାତ ହରାଇଛି ତ ଆଉ କିଏ ଗୋଡ, ଆଖି, କାନ ହରାଇ ପଙ୍ଗୁ ହୋଇ ଯାଇଛି । ସାମ୍ପ୍ରତିକ ଦୃଶ୍ୟପଟରେ ଦେଶର ଚାଷୀମାନଙ୍କ ସପକ୍ଷରେ ଅଂଟା ଭିଡି ବାହାରୁଥିବା ସେଦିନର ନେତାମାନେ ଟିକେ ନିଜ ବିବେକକୁ ପଚାରନ୍ତୁ, ମୁଲତାଇରେ ମୃତ୍ୟୁ ବରଣ କରିଥିବା ସେହି ଅସହାୟ କୃଷକମାନଙ୍କ ପ୍ରତି ସେଦିନ ରାଜ୍ୟ ସରକାରଙ୍କର କି କର୍ତବ୍ୟ ଥିଲା ? ସରକାର ନିଜ ଦାୟିତ୍ୱ ଠିକ ଢ଼ଙ୍ଗରେ ନିର୍ବାହ କରିଥିଲେ କି ? ଆଜି ଦେଶର ଚାଷୀ ସପକ୍ଷରେ ଛିଡା ହେବାର ନୈତିକ ଅଧିକାର ସେମାନଙ୍କର ଅଛିତ ? ଇତିହାସର ଛାତିରେ ସମାଧି ନେଇଥିବା ସମୟର ଏହି ନିଷ୍ଠୁର ସତ୍ୟକୁ ଅନ୍ତତଃ ଆଜିର ଯୁବପିଢୀ ହୃଦୟଙ୍ଗମ କରିବା ଉଚିତ । ଚାଷୀ ରକ୍ତରେ ହାତ ଲାଲ କରିଥିବା ସେହି ନେତାମାନଙ୍କୁ ଚିହ୍ନି ରଖିବା ଉଚିତ । ସେହି ୨୪ ଚାଷୀଙ୍କ ଅମର ଆତ୍ମାର ସଦଗତି କାମନା କରୁଛୁ । !ଜୟରାଷ୍ଟ୍ର !



କେନ୍ଦ୍ରାପଡା, ୯୯୩୭୭୨୨୨୬୧

# WhatsAppରେ ଆସିବ ନୂଆ ପରିବର୍ତ୍ତନ




ନୂଆଦିଲ୍ଲୀ ୧୬।୧ (ଏଜେନ୍ସି) : ବର୍ତ୍ତମାନ ସୋସିଆଲ ମିଡିଆର ଯୁଗ ଚାଲିଛି । ଯାହାକୁ ଦେଖିବ ସବୁଠାରୁ ସମସ୍ତେ ହ୍ୱାଟ୍ସଆପ୍ , ଫେସବୁକ୍ , ଇନଷ୍ଟାଗ୍ରାମ ବ୍ୟବହାର କରିବାରେ ବ୍ୟସ୍ତ । ହେଲେ ସବୁଠାରୁ ଲୋକପ୍ରିୟ ଚାଟିଂ ଆପ୍ ହ୍ୱାଟ୍ସଆପ ସମସ୍ତଙ୍କ ପ୍ରିୟ । ଯୁଆଡେ ଯିବେ ସବୁଠି ଲୋକମାନେ ଏହାକୁ ବ୍ୟବହାର କରିଥାନ୍ତି । କାହିଁକି ନା ଏହାର ଅପଡେଟ୍ ଓ ଫିଚର୍ସ ଭଲ ରହିଥାଏ । ଏହା ସମସ୍ତଙ୍କ ପାଇଁ ମଧ୍ୟ ସହଜ ହୋଇଥାଏ । ନିକଟରେ ହ୍ୱାଟ୍ସଆପ୍ ଅନେକ ଉପଯୋଗୀ ଏବଂ ଫିଚର୍ସ ଗୁଡିକ ଉପରେ ବିଭିନ୍ନ ପ୍ରକାରର ଉପସ୍ଥାପନ କରିଛି ଯେପରିକି ପ୍ରାଥମିକ ସ୍ମାର୍ଟଫୋନ୍ ବିନା ଅନ୍ୟ ଡିଭାଇସରେ ଏହି ମେସେଜିଂ ଆପ୍ ବ୍ୟବହାର କରିବାରେ ସକ୍ଷମ ହେବା ସହ ଅନ୍ୟ ଚାଟିଂର ଲାଷ୍ଟ ସିନ୍ ଦେଖାଯାଉଥିବା ଲୁଚାଇବା ଏବଂ ଆହୁରି ଅନେକ ପ୍ରକାରର ଫିଚର୍ସ ରହିଛି ଯ ବର୍ତ୍ତମାନ, ଆପ୍ ମେସେଜ୍ ରିଆକଶନର ଫିଚର୍ସ ମିଶାଇପାରେ । WABetaInfoର ଏକ ନୂତନ ରିପୋର୍ଟ ଅନୁଯାୟୀ, ଆଇଓଏସରେ ଉପରେ ଏକ ଲାଟେଷ୍ଟ ବିଟା ଭର୍ସନ ଦ୍ୱାରା ସୂଚିତ କରାଯାଇଛି କି ଏହି ନୂଆ ମେସଜିଂ ରିଆକ୍ସନର ଫିଚର୍ସ ଖୁବ୍ ଶୀଘ୍ର ଆସିପାରେ ଫ ଟିପଷ୍ଟର୍ ଏକ ନୂଆ ସ୍କ୍ରିନସଟର ଜାରି କରିଛି ଯେଉଁଥିରେ ନୂଆ ରିଆକ୍ସନ ହ୍ୱାଟ୍ସଆପ୍ ଭର୍ସନ ୨୨.୨.୭୨ର ସେଟିଂ ମେନୁରେ ରହିଛି । ଏହି ଫିଚର୍ସ ମେଟା ମାଲିକାନା ଇନଷ୍ଟାଗ୍ରାମ ଏବଂ ଫେସବୁକ୍ ଆପ୍ସରେ ପୂର୍ବରୁ ମିଳିଥିବା ରିଆକ୍ସନ ଫିଚର୍ସ ସହିତ ସମାନ ହେବ ବୋଲି ଆଶା କରାଯାଇଛି । ଫେସବୁକ୍, ଇନଷ୍ଟାଗ୍ରାମ ଏବଂ ହ୍ୱାଟ୍ସଆପରେ ମେସେଜିଂ ସିଷ୍ଟମକୁ ମର୍ଜ ତଥା ମିଶାଇବାକୁ ମାର୍କ ଜୁକରବର୍ଗ ନିଜର ବାର୍ତ୍ତା ଦେଇ ପ୍ରକାଶ କରିସାରିଛନ୍ତି । ଉଭୟ ପ୍ଲାଟଫର୍ମ ସମାନ ମେସେଜିଂ ଫିଚର୍ସକୁ ସହଯୋଗ କରୁଥିବାରୁ କ୍ରସ୍ ପ୍ଲାଟଫର୍ମ ମେସେଜ୍ ପଠାଇବା ପାଇଁ ବ୍ୟବହାର କରାଯାଇପାରିବ କାରଣ ମେଟା ଫେସବୁକ୍ ଏବଂ ଇନଷ୍ଟାଗ୍ରାମ ଡିଏମ୍ (ସିଧାସଳଖ ବାର୍ତ୍ତା) ମର୍ଜ କରିବାରେ ସଫଳ ହୋଇସାରିଛି । ଏହା ଦେଖିବାକୁ ବାକି ରହିଲା କି ମେଟା ତିନୋଟି ପ୍ଲାଟଫର୍ମରେ ମେସେଜିଂ ସେବା ମର୍ଜ କରିବାର ଯୋଜନା ସହିତ ଆଗକୁ ବଢୁଛି କି ନାହିଁ । ବର୍ତ୍ତମାନ ଜନସାଧାରଣଙ୍କ ସହମତି ହେଉଛି ଯେ ଲୋକମାନେ ହ୍ୱାଟ୍ସଆପକୁ ଅନ୍ୟ ପ୍ଲାଟଫର୍ମରୁ ଅଲଗା ରଖିବାକୁ ଚାହାଁନ୍ତି ।

# ଟିକାକରଣକୁ ବର୍ଷେ ଉପଲକ୍ଷେ କହିଲେ 'ଭାରତ ଗର୍ବିତ' : ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ ୧୬/୧ (ଏଜେନ୍ସି) : ଦେଶର ଟିକାକରଣକୁ ପୂରିଲା ଗୋଟିଏ ବର୍ଷ ଫ ଜାନୁଆରୀ ୧୬, ୨୦୨୧ରେ ଦେଶରେ ଆରମ୍ଭ ହୋଇଥିବା କରୋନା ଟିକାକରଣର ଗୋଟିଏ ବର୍ଷ ପୂର୍ତ୍ତି ହୋଇଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟ୍ୱିଟ କରି ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, କରୋନା ମହାମାରୀ ବିରୁଦ୍ଧ ଲଢେଇକୁ ଟିକାକରଣ ଅଧିକ ମଜବୁତ କରିଛି । ଲୋକଙ୍କ ଜୀବନ ରକ୍ଷା କରିବା ସହ ଏହା କୋଟି କୋଟି ଲୋକଙ୍କ ଜୀବିକାକୁ ସୁରକ୍ଷିତ କରିଛିଯପ୍ରଧାନମନ୍ତ୍ରୀ ଟ୍ୱିଟ କରି କହିଛନ୍ତି, 'କରୋନାର ପ୍ରଥମ ଲହରରେ ଭୂତାଣୁ ବାବଦରେ କେହି କିଛି ଜାଣି ନଥିଲେ । ଏହାପରେ ବି ଆମ ଦେଶର ବୈଜ୍ଞାନିକମାନେ କରୋନାର ଟିକା ବିକଶିତ କରିବାରେ ସଫଳ ହୋଇପାରିଲେ । କରୋନା ମହାମାରୀ ବିରୁଦ୍ଧ ଲଢେଇରେ ଟିକା ଯୋଗାଇ ଏଥିରେ ନିଜର ଅବଦାନ ଦେଇଥିବାରୁ ଭାରତ ଗର୍ବ ଅନୁଭବ କରୁଛି' । ଏହାସହ ମୋଦି କହିଛନ୍ତି, ଟିକାକରଣ ଅଭିଯାନରେ ସାମିଲ ହୋଇଥିବା ସମସ୍ତ ବ୍ୟକ୍ତି ବିଶେଷଙ୍କୁ ମୋର ସଲାମ । ଆମ ଡାକ୍ତର, ନର୍ସ ଏବଂ ସ୍ୱାସ୍ଥ୍ୟ କର୍ମୀଙ୍କ ଯୋଗଦାନ ଏଥିରେ ଅତୁଳନୀୟ । ଯେତେବେଳେ ଆମ ସ୍ୱାସ୍ଥ୍ୟ କର୍ମୀ ଦୁର୍ଗମ ଅଞ୍ଚଳକୁ ଟିକା ନେଇ ସେଠାକାର ଲୋକଙ୍କୁ ଟିକା ପ୍ରଦାନ କରୁଥିବା ଦେଖୁ, ସେହି ମୂହୂର୍ତ୍ତରେ ଆମ ହୃଦୟ ଏବଂ ମନ ଗର୍ବିତ ହୋଇଉଠେ । ଭାରତର କରୋନା ମହାମାରୀ ମୁକାବିଲା ବୈଜ୍ଞାନ ଆଧାରିତ । ଦେଶବାସୀଙ୍କ ଚିକିତ୍ସା ସୁନିଶ୍ଚିତ କରିବା ପାଇଁ ସରକାର ସ୍ୱାସ୍ଥ୍ୟ ଭିତ୍ତିଭୂମିରେ ସୁଧାର ଆଣିଛନ୍ତି ବୋଲି ମୋଦି କହିଛନ୍ତି । ଏହାସହ ସମସ୍ତ ଦେଶବାସୀଙ୍କୁ କରୋନା ନିୟମାବାଳୀ ପାଳନ କରିବାକୁ ମୋଦି ନିବେଦନ କରିଛନ୍ତି । ଦେଶରେ ବର୍ତ୍ତମାନ ସୁଦ୍ଧା ମୋଟ ୧୫୬.୭୬ କୋଟି ଭ୍ୟାକ୍ସିନ ଡୋର ପ୍ରଦାନ କରାଯାଇଛି । ଏହାସହ ଜାନୁଆରୀ ୩ରୁ ୧୫ରୁ ୧୮ ବର୍ଷ ବୟସର କିଶୋର ଏବଂ ଜାନୁଆରୀ ୧୦ରୁ ଦେଶରେ ବୁଷ୍ଟର ଡୋଜ ଦିଆଯିବା ଆରମ୍ଭ ହୋଇଛି ।

# ବାରମ୍ବାର ଆବେଦନ କରି ୨ ଓକିଲ ଗଲେ ଜେଲ୍



ବେଙ୍ଗଲୁରୁ ୧୬/୧ (ଏଜେନ୍ସି) ; କର୍ଣ୍ଣାଟକ ହାଇକୋର୍ଟ ଦୁଇ ଓକିଲଙ୍କୁ ଦୁଇ ମାସ ଜେଲ ପଠାଇଛନ୍ତି । ଏହି ଦୁଇ ଓକିଲ ହେଲେ ଆର ସୁବ୍ରମଣ୍ୟମ୍ ଏବଂ ପି ସଦାନନ୍ଦ । ୱିପ୍ରୋ ପ୍ରତିଷ୍ଠାତା ତଥା ଚେୟାରମ୍ୟାନ୍ ଆଜିମ ପ୍ରେମଜୀଙ୍କ ବିରୋଧରେ ଏନଜିଓ ଇଣ୍ଡିଆ ଜାଗ୍ରତ ପକ୍ଷରୁ ଉଭୟେ ଏକ ପିଟିସନ ଦାଖଲ କରିଥିଲେ । ପ୍ରେମଜୀଙ୍କ ବିରୋଧରେ ଆର୍ଥିକ ଅନିୟମିତତା ଅଭିଯୋଗ ହୋଇଥିଲା । କିନ୍ତୁ ଉଭୟ ଓକିଲ ସମାନ ମାମଲାରେ ପ୍ରେମଜୀଙ୍କ ବିରୋଧରେ ଅନେକଥର ଆବେଦନ କରିଥିଲେ । ତେଣୁ ହାଇକୋର୍ଟ ଏହି ଦୁଇ ଓକିଲଙ୍କୁ ଅପରାଧିକ ଅବମାନନାରେ ଦୋଷୀ ସାବ୍ୟସ୍ତ କରିଛନ୍ତି । ଶୁକ୍ରବାର ଦିନ ଏହି ରାୟ ପ୍ରଦାନ କରି ଜଷ୍ଟିସ ବି ବିରାପ୍ପା ଏବଂ କେ.ଏସ୍ ହେମଲେକାଙ୍କ ଏକ ବେଞ୍ଚ ଉଭୟ ଓକିଲଙ୍କୁ ଦୁଇ ମାସ ପାଇଁ କାରାଦଣ୍ଡରେ ଦଣ୍ଡିତ କରିଛି । ଏହା ବ୍ୟତୀତ, କୋର୍ଟ ଅଦାଲତର ଅବମାନନା ଅଧିନିୟମ ଧାରା ୧୨ (୧) ଅନୁଯାୟୀ ୨,୦୦୦ ଟଙ୍କା ଜୋରିମାନା ମଧ୍ୟ ଲାଗୁ କରାଯାଇଛି । ଏହା ବ୍ୟତୀତ, ଅଭିଯୋଗକାରୀ ଏବଂ ସେମାନଙ୍କ କମ୍ପାନୀ ବିରୁଦ୍ଧରେ କୌଣସି ଅଦାଲତ କିମ୍ବା ଆଇନର କୌଣସି ପ୍ରାଧିକରଣ ସମ୍ମୁଖରେ ଅଭିଯୁକ୍ତମାନଙ୍କୁ କୌଣସି ଆଇନଗତ ପ୍ରକ୍ରିୟା ଆରମ୍ଭ କରିବାକୁ କୋର୍ଟ ମଧ୍ୟ ବାରଣ କରିଛନ୍ତି । ଡିସେମ୍ବର ୨୩ ରେ ଅଭିଯୁକ୍ତଙ୍କ ବିରୋଧରେ କୋର୍ଟରେ ମାମଲା ରୁଜୁ ହୋଇଥିଲା । ଜାନୁୟାରୀ ୭ ରେ ଉଭୟ ପକ୍ଷର ଶୁଣାଣି ପରେ କୋର୍ଟ ଏହି ଆବେଦନ ଉପରେ ଆଦେଶ ସଂରକ୍ଷିତ ରଖିଛନ୍ତି ।

# ଓମିକ୍ରନ ସଂକ୍ରମିତ ମହିଳାଙ୍କୁ କରିଦେଲା ଭୋକିଲା



ଲଣ୍ଡନ ୧୬ ।୧ (ଏଜେନ୍ସି) : ମହାମାରୀ କରୋନା ନୂଆ ଭାରିଆ□ ଓମିକ୍ରନର ଲକ୍ଷଣ ବିଷୟରେ ବର୍ତ୍ତମାନ ବିଭିନ୍ନ ପ୍ରକାରର ଦାବି କରାଯାଉଛି । ଏହି ସମୟରେ, ଅଷ୍ଟ୍ରେଲୀୟ ମଡେଲ ଓମିକ୍ରନ୍ ସଂକ୍ରମିତ ହେବା ପରେ ତାଙ୍କର ଅଦ୍ଭୁତ ଲକ୍ଷଣ ବିଷୟରେ ବର୍ଣ୍ଣନା କରିଛନ୍ତି । ସମସ୍ତ ଭାଇରସ୍ ସଂକ୍ରମିତ ହୋଇଥିବାରୁ ସେ ନିଜର ଭୋକକୁ ନିୟନ୍ତ୍ରଣ କରିବାରେ ସକ୍ଷମ ନୁହଁନ୍ତି ବୋଲି ମହିଳା ଜଣଙ୍କ ଦାବି କରିଛନ୍ତି । ଅଷ୍ଟ୍ରେଲିଆର ମେଲବୋର୍ଣ୍ଣର ବାସିନ୍ଦା ଆଲେକ୍ସଜାଣ୍ଡାର୍ ଡଫିନ୍ ଦାବି କରିଛନ୍ତି ଯେ ଯେବେଠାରୁ ସେ କରୋନାରେ ଆକ୍ରାନ୍ତ ହୋଇଥିଲେ, ସେ ସବୁବେଳେ କିଛି ନା କିଛି ଖାଇବାକୁ ଇଚ୍ଛା କରୁଥିଲେ । ତେବେ ଡେଲି ଷ୍ଟାରର ରିପୋର୍ଟ ଅନୁଯାୟୀ ସେ ଦ୍ୱିତୀୟ ଥର ପାଇଁ ପୁଣି ଥରେ କୋଭିଡ ସଂକ୍ରମିତ ହୋଇଥିଲେ । ହେଲେ ଯେତେବେଳେ ସେ ଓମିକ୍ରନ୍ ହୋଇଥିବା ପରେ ସେ ନିଜ ଖାଦ୍ୟ ଉପରେ ନିୟନ୍ତ୍ରଣ କରିବାରେ ଅସମର୍ଥ ହୋଇଥିଲେ । ଯେଉଁଥିରେ ସେ ସଠିକ୍ ଭାବରେ ଖାଇବା ପିଇବାରେ ଅସମର୍ଥ ହୋଇଥିଲେ ଏବଂ ବହୁ ଓଜନ ହ୍ରାସ ହୋଇଥିଲା । ଯେତେବେଳେ ସେ ଅଧିକ ଖାଇବାକୁ ଲାଗିଲେ ନିଜର ଖାଦ୍ୟ ଏବଂ ପାନୀୟକୁ ନିୟନ୍ତ୍ରଣ କରିବାରେ ସକ୍ଷମ ହେଲେ ନାହିଁ । ଏହା ଫଳରେ ତାଙ୍କର ଓଜନ ବଢିବାରେ ଲାଗିଲା । ସେ କହିଥିଲେ ଯେ ସେ ପ୍ରତି ୫ମିନିଟରେ କିଛି ଖାଇବାକୁ ଇଚ୍ଛା କରୁଥିଲେ । ବର୍ତ୍ତମାନ ସେ ପ୍ରତି ଘଣ୍ଟାରେ କିଛି ଖାଉଛନ୍ତି । ଅନ୍ୟପଟେ ଆଲେକ୍ସଜାଣ୍ଡାରଙ୍କ ଏହି ପୋଷ୍ଟଟି ଦେକିବା ପରେ ସମସ୍ତେ ଆଶ୍ଚର୍ଯ୍ୟ ହେଉଛନ୍ତି ।

# କରୋନା ଯୋଗୁଁ ବନ୍ଦ ହୋଇଯାଇଛି ଅମିତାଭଙ୍କ ସୁଟିଂ !




ନୂଆଦିଲ୍ଲୀ ୧୬।୧ (ଏଜେନ୍ସି) : ବଲିଉଡ୍ ନାମୀ ଦାମୀ ଏବଂ ବ୍ୟସ୍ତବହୁଳ ଅଭିନେତାମାନଙ୍କ ମଧ୍ୟରୁ ଅମିତାଭ ବଚ୍ଚନ ଅନ୍ୟତମ । ଚଳଚ୍ଚିତ୍ର ଠାରୁ ଆରମ୍ଭ କରି ବିଜ୍ଞାପନ ପର୍ଯ୍ୟନ୍ତ ସେ ସମସ୍ତ କାର୍ଯ୍ୟ କରନ୍ତି । ତାଙ୍କୁ ଇଣ୍ଡଷ୍ଟ୍ରିରେ କିଏ ବା ନଜାଣେ । ଛୋଟରୁ ବଡ ଯାଏ ସମସ୍ତେ ତାଙ୍କର ଫ୍ୟାନ୍ସ ଏହା ବ୍ୟତୀତ ସେ କୋନ ବାନେଗା କରୋଡପତିର ପ୍ରତ୍ୟେକ ସିଜନରେ ହୋଷ୍ଟିଂ କରୁଥିବା ମଧ୍ୟ ନଜର ଆସିଛନ୍ତି । ତେବେ ବର୍ତ୍ତମାନର କଳାକାରମାନେ ୭୯ ବର୍ଷିୟ ଅମିତାଭ ବଚ୍ଚନଙ୍କ କାର୍ଯ୍ୟ ପ୍ରତି ଆଗ୍ରହ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । ଏଭଳି ପରିସ୍ଥିତିରେ ଅମିତାଭ ଏକ ପୋଷ୍ଟରେ ଲେଖି ସେୟାର କରିଛନ୍ତି । ଅମିତାଭ ନିଜ ଏକ କ୍ଲୋଜ୍ ଫଟୋ ସେୟାର କରିଛନ୍ତି । ସେହି ଫଟୋରେ ସେ ଏକ କ୍ୟାପସନ ଲେଖିଛନ୍ତି – 'କାମ ସବୁ ବନ୍ଦ ହୋଇଯାଇଛି କେବଳ ଦାଢି ବଢୁଛି' କରୋନାର ତୃତୀୟ ଲହର ପୁଣି ଥରେ ସମସ୍ତଙ୍କ କାର୍ଯ୍ୟକୁ ପ୍ରଭାବିତ କରିଛି । ମୁମ୍ବାଇରେ ମଧ୍ୟ ସମସ୍ତ ପ୍ରକାର ପ୍ରତିବନ୍ଧକ ଲଗାଯାଇଛି । ଯେଉଁଠାରେ ଶୁଟିଂ ଚାଲିଛି ସେଠାରେ ସମସ୍ତ ସତର୍କତା ଅବଲମ୍ବନ କରାଯାଇଛିୟ ଅମିତାଭ ଏପରି ଏକ ପୋଷ୍ଟ ଲେଖି ଏହାକୁ ସୂଚିତ କରିଛନ୍ତି । ଅମିତାଭଙ୍କ ପାଖରେ କାମର ଅଭାବ ନାହିଁ । ତାଙ୍କର ଅନେକ ଫିଲ୍ମ ଆଗାମୀ ଦିନରେରେ ରିଲିଜ୍ ହେବାକୁ ଯାଉଛି, ହେଲେ ହଁ ବର୍ତ୍ତମାନ ଏପରି ସମୟରେ ସମସ୍ତଙ୍କ କାର୍ଯ୍ୟ ନିଶ୍ଚିତ ରୋକ ଲଗାଯାଇଛି । ନିକଟରେ ଅମିତାଭ ବଚ୍ଚନଙ୍କ ଶୋ କୌନ ବାନେଗା କରୋଡପତି' ଗତ ବର୍ଷ ଡିସେମ୍ବରରେ ଶେଷ ହୋଇଥିଲା । ତାଙ୍କର ଆଗାମୀ ଚଳଚ୍ଚିତ୍ର ବିଷୟରେ ରଣବୀର କପୁର ଏବଂ ଆଲିଆ ଭଟ୍ଟଙ୍କ ସହ 'ବ୍ରହ୍ମାସ୍ତ୍ର' ଚଳିତ ବର୍ଷ ମୁକ୍ତିଲାଭ କରିବ । ଏହା ବ୍ୟତୀତ ଅନେକ ଫିଲ୍ମ ତାଙ୍କର ଆସିବାକୁ ଯାଉଛି ।

# ଆଇଆଇଏମ୍‌ସି ର ନୂଆ ଲୋଗୋ ଲୋକାର୍ପିତ



ନୂଆଦିଲ୍ଲୀ ୧୬/୧ (ଏଜେନ୍ସି) : ଭାରତୀୟ ଜନ ସଞ୍ଚାର ସଂସ୍ଥାନ (ଆଇଆଇଏମସି)ର ସଂଶାଧିତ ଲୋଗୋ ଶନିବାର ଲୋକାର୍ପଣ କରାଯାଇଛି । ସଂସ୍ଥାନର ମହାନିର୍ଦ୍ଦେଶକ ପ୍ରଫେସର ସଞ୍ଜୟ ଦ୍ୱିବେଦୀ ଏହାର ଲୋକାର୍ପଣ କରିଛନ୍ତି । ଏହି ଅବସରରେ ପ୍ରଫେସର ଦ୍ୱିବେଦୀ କହିଛନ୍ତି ଆଇଆଇଏମସିର ଲୋଗୋ ୧୯୬୬ ମସିହାରେ ଡିଜାଇନ କରାଯାଇଥିଲା । କିନ୍ତୁ ବର୍ତ୍ତମାନ ସୁଦ୍ଧା ସେଥିରେ ଟ୍ୟାଗ ଲାଇନ ଓ ସଂସ୍ଥାନର ନାମ ସ୍ଥାନ ପାଇ ନଥିଲା । ସେଥିପାଇଁ ଆଇଆଇଏମସିର ସଂଶୋଧିତ ଲୋଗୋ ଡିଜାଇନ କରଯାଇଛି । ସଂଶୋଧିତ ଲୋଗୋରେ ଆଇଆଇଏମସିର ନାଁ ସହିତ 'ଆ ନୋ ଭଦ୍ରାଃ କ୍ରତଓ୍ୱୋ ଜନ୍ତୁ ବିଶ୍ୱତଃ' ଟ୍ୟାଗଲାଇନ ଯୋଡ଼ାଯାଇଛ । ଯାହାର ଅର୍ଥ 'ଆମକୁ ସବୁ ଦିଗରୁ କଲ୍ୟାଣକାରୀ ବିଚାର ପ୍ରାପ୍ତ ହେଉ' । ପ୍ରଫେସର ଦ୍ୱିବେଦୀଙ୍କ ଅନୁସାରେ ଭଲ ବିଚାର ଗ୍ରହଣ କରିବା ଓ ସମାଜରେ ଏହାର ପ୍ରସାର କରିବା ସବୁ ଜନ ସଞ୍ଚାର ଶିକ୍ଷଣ ସଂସ୍ଥାନର ମୂଳ ଉଦ୍ଦେଶ୍ୟ । ସେ କହିଛନ୍ତି ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସଚିବ ତଥା ସଂସ୍ଥାନର ଅଧ୍ୟକ୍ଷ ଅପୂର୍ବ ଚନ୍ଦ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଇଆଇଏମସିର ୧୪୫ତମ କାର୍ଯ୍ୟକାରୀ ପରିଷଦ ବୈଠକରେ ସଂଶୋଧିତ ଲୋଗୋକୁ ମଞ୍ଜୁରୀ ପ୍ରଦାନ କରଯାଇଛି । ଏହି ଅବସରରେ ଅତିରିକ୍ତ ମହାନିର୍ଦ୍ଦେଶକ ଆଶିଷ ଗୋୟେଲ, ପ୍ରକାଶନ ବିଭାଗର ବିଭାଗର ଅଧ୍ୟକ୍ଷ ପ୍ରଫେସର ବୀରେନ୍ଦ୍ର କୁମାର ଭାରତୀ, ଡୀନ (ଛାତ୍ରକଲ୍ୟାଣ) ପ୍ରଫେସର ପ୍ରମୋଦ କୁମାର, ଓ ପୁସ୍ତକାଳୟ ପ୍ରଭାରୀ ଡଃ. ପ୍ରତିଭା ଶର୍ମାଙ୍କ ସହିତ ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ବିଦେଶରେ ଲିଆଣ୍ଡର ପେସ୍‌ଙ୍କ ସହ ଛୁଟି କାଟୁଛନ୍ତି କିମ୍ ଶର୍ମା




ନୂଆଦିଲ୍ଲୀ ୧୬।୧ (ଏଜେନ୍ସି) : ଫିଲ୍ମ 'ମୋହବତେ' ଫେମ୍ ଅଭିନେତ୍ରୀ କିମ ଶର୍ମା ସୋସିଆଲ ମିଡିଆରେ ତାଙ୍କ ପ୍ରଶଂସକ ଏବଂ ଫଲୋର୍ସଙ୍କ ପାଇଁ ଖୁବ୍ ପାଇଁ ସୁନ୍ଦର ଫଟୋ ସେୟାର କରନ୍ତି । ସେ ସୋସିଆଲ ମିଡିଆରେ ଖୁବ୍ ଆକ୍ଟିଭ୍ ରୁହନ୍ତି ଅନେକ ଫଟୋ ଭିଡିଓ ମଧ୍ୟ ସେୟାର କରିଥାନ୍ତି । ହେଲେ ଗତ କିଛି ମାସ ତଳେ ତାଙ୍କ ଆଫେୟାର୍ସକୁ ନେଇ ବହୁତ ଚର୍ଚ୍ଚା ଲାଗି ରହିଥିଲା । ' ଗତ ବର୍ଷ ଗୋଆର ଏକ ରେଷ୍ଟୁରାଣ୍ଟରେ କିମ୍ -ଲିଆଣ୍ଡରଙ୍କୁ ଏକାଠି ଦେଖିବାକୁ ମିଳିଥିଲା । ଯାହା ପରେ ସେମାନଙ୍କ ସମ୍ପର୍କକୁ ନେଇ ନାନା ପ୍ରକାରର କଳ୍ପନା ଜଳ୍ପନା ଆରମ୍ଭ ହୋଇ ଯାଇଥିଲା । ଫଟୋ ଗୁଡିକରେ ଦୁହେଁ ଖୁବ୍ ନିକଟତର ଥିଲେ । ଏହା ପରେ ଦୁହିଁଙ୍କର ଫଟୋ ଖୁବ୍ ଭାଇରାଲ ହୋଇଥିଲା । କିନ୍ତୁ ବର୍ତ୍ତମାନ କିମ ଶର୍ମା ଛୁଟି କାଟିବା ପାଇଁ ବିଦେଶରେ ଯାଇଛନ୍ତି । ସବୁଠାରୁ ବଡ କଥା ହେଲା ଟେନିସ୍ ତାରକା ଲିଆଣ୍ଡର୍ ପେସ୍ ମଧ୍ୟ ତାଙ୍କ ସହିତ ଅଛନ୍ତି । ଦୁହେଁ ଭଲ ସମୟ ଅତିବାହିତ କରୁଛନ୍ତି । ଉଭୟଙ୍କ ଲିଙ୍କଅପ୍ ଖବର ଦୀର୍ଘ ସମୟ ଧରି ଶୁଣିବାକୁ ମିଳୁଛି । ହେଲେ ଏପର୍ଯ୍ୟନ୍ତ କିମ ଏବଂ ଲିଆଣ୍ଡର ନିଜ ସମ୍ପର୍କକୁ ନେଇ ଖୋଲାଖୋଲି କିଛି କହି ନାହାଁନ୍ତି । କିନ୍ତୁ ଦୁହିଁଙ୍କୁ ଏକାଠି ଦେଖି ବହୁତ କିଛି କୁହାଯାଉଛି । ଆମେରିକାର ଡିସ୍ନି ମ୍ୟାଜିକ୍ କିଙ୍ଗ ପାର୍କରେ କିମ ଏବଂ ଲିଆଣ୍ଡର ବୁଲୁଥିବାର ଫଟୋ ଦେଖିବାକୁ ମିଳିଛି । ଅନ୍ୟ ଏକ ଫଟୋରେ, କିମ୍ ଏବଂ ଲିଆଣ୍ଡର୍ ଆଇସ୍କ୍ରିମ୍ ଖାଉଥିବା ବେଳର ଫଟୋ କ୍ଲିକ୍ କରୁଥିବାର ନଜର ଆସିଛନ୍ତି । ଫଟୋ ସହିତ କିମ୍ କ୍ୟାପସନରେ ଲେଖିଛନ୍ତି– 'ଡିସ୍ନି ଡେ ସହ ଲିଆଣ୍ଡର ପେସ୍ । ଏହି ଫଟୋ ଏବେ ଖୁବ୍ ଭାଇରାଲ ହେବା ସହ ବିଭିନ୍ନ ପ୍ରକାରର କମେଣ୍ଟ ମଧ୍ୟ ଆସୁଛି ।

# ବିଜେପିରେ ମିଶିବେ ମୁଲାୟମ ସିଂ ଯାଦବଙ୍କ ସାନ ବୋହୂ !

ନୂଆଦିଲ୍ଲୀ ୧୬/୧ (ଏଜେନ୍ସି) : ବିଧାନସଭା ନିର୍ବାଚନକୁ ନେଇ ଉତ୍ତର ପ୍ରଦେଶ ରାଜନୀତି ସରଗରମ ରହିଛି । ମତଦାନ ପୂର୍ବରୁ ସମାଜବାଦୀ ପାର୍ଟି ତଥା ଯାଦବ ପରିବାରକୁ ବଡ ଝଟକା ଲାଗିପାରେ । ମୁଲାୟମ ସିଂ ଯାଦବଙ୍କ ସାନ ବୋହୂ ବିଜେପିରେ ସାମିଲ ହେବେ ବୋଲି ଚର୍ଚ୍ଚା ଜୋର୍ ଧରିଛି । ସାନ ବୋହୂ ଅପର୍ଣ୍ଣା ଯାଦବ ବିଜେପି ସହ ଆଲୋଚନା କରିଛନ୍ତି । ଅତିଶୀଘ୍ର ସେ ବିଜେପିରେ ମିଶିବେ ବୋଲି କୁହାଯାଉଛି । ୨୦୧୭ରେ ଅପର୍ଣ୍ଣା କେଣ୍ଟରୁ ନିର୍ବାଚନ ଲଢି ଦ୍ୱିତୀୟ ସ୍ଥାନରେ ରହିଥିଲେ । ସେ ବିଜେପି ପ୍ରାର୍ଥୀ ରୀତା ବହୁଗୁଣା ଯୋଶୀଙ୍କଠାରୁ ପରାସ୍ତ ହୋଇଥିଲେ । ଅପର୍ଣ୍ଣାଙ୍କୁ ପ୍ରାୟ ୬୩୦୦୦ ଭୋଟ୍ ମିଳିଥିଲା । ରବିବାର କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁରଙ୍କ ଉପସ୍ଥିତିରେ ଅନେକ ବରିଷ୍ଠ ନେତା ରବିବାର ବିଜେପିରେ ସାମିଲ ହୋଇପାରନ୍ତି । ଏହି ସମୟରେ ଅପର୍ଣ୍ଣା ବି ପଦ୍ମ ଧରିବେ ବୋଲି ଆଲୋଚନା ହେଉଛି । ମୁଲାୟମଙ୍କ ସାନ ବୋହୂ ଅପର୍ଣ୍ଣା ସଦାବେଳେ ୟୁପିରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପ୍ରଶଂସା କରି ଆସୁଛନ୍ତି । ସେ ରାମ ମନ୍ଦିର ପାଇଁ ୧୧ ଲକ୍ଷ ୧୧ ଟଙ୍କା ଦାନ କରିଥିଲେ । ଏହାସହ ସେ ଆରଏସଏସ ନେତାଙ୍କ ସହ ଫଟୋ ଉଠାଇ ମଧ୍ୟ ଚର୍ଚ୍ଚାରେ ରହିଥିଲେ ।




# ଟେକ୍ସାସରେ ୪ ଜଣଙ୍କୁ ପଣବନ୍ଦୀ : ପାକିସ୍ତାନୀ ବୈଜ୍ଞାନିକଙ୍କୁ ମୁକ୍ତ କରିବାକୁ ଦାବି



ନୂଆଦିଲ୍ଲୀ, ୧୬/୧ (ଏଜେନ୍ସି) : ଆମେରିକାର ଟେକ୍ସାସ ଦୁର୍ବୃତ୍ତମାନେ ୪ ଜଣଙ୍କୁ ବନ୍ଧକ କରିଛନ୍ତି । ଦୁର୍ବୃତ୍ତମାନେ ଇହୁଦିର ଧାର୍ମିକ ସ୍ଥଳ ସିନେଗାଙ୍ଗରେ ୪ ନାଗିରକଙ୍କୁ ବନ୍ଧକ କରି ରଖିଛନ୍ତି । ଆହୁରି ମଧ୍ୟ ସେମାନେ ପାକିସ୍ତାନୀ ବୈଜ୍ଞାନିକ ଆଫିୟା ସିଦ୍ଦିକୀଙ୍କୁ ମୁକ୍ତ କରିବା ପାଇଁ ଦାବି କରୁଛନ୍ତି । ଯାହାଙ୍କୁ ଆମେରିକୀୟ ଅଧିକାରୀଙ୍କ ହତ୍ୟା ଷଡଯନ୍ତ୍ର ଘଟଣାରେ ଗିରଫ କରାଯାଇଛି । ମିଡିଆ ରିପୋର୍ଟ ଅନୁସାରେ, ଜଣେ ଅପହର୍ତ୍ତାଙ୍କୁ ଦୁର୍ବୃର୍ତ୍ତମାନେ ଛାଡି ଦେଇଛନ୍ତି । କିନ୍ତୁ ଖବର ସ୍ପଷ୍ଟ ହୋଇପାରି ନାହିଁ । ଦୁର୍ବୃତ୍ତମାନଙ୍କ ମଧ୍ୟରୁ ଜଣେ ନିଜକୁ ଆଫିୟା ସିଦ୍ଦିକୀର ଭାଇ ବୋଲି କହିଛି । ତେବେ ଆଫିୟାଙ୍କ ଭାଇ ଏହାକୁ ଖଣ୍ଡନ କରିଛନ୍ତି । ସେ ଗଣମାଧ୍ୟମ ଆଗରେ ମୁହଁ ଖୋଲିଛନ୍ତି । ରାଷ୍ଟ୍ରପତି ଜୋ ବାଇଡେନ୍ ଘଟଣା ବାବଦରେ ସବିଶେଷ ତଥ୍ୟ ଦେବାକୁ ସ୍ଥାନୀୟ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି । ଆମେରିକାରେ ଇହୁଦୀ ସଙ୍ଗଠନର ସୁରକ୍ଷାରେ ଜଡିତ ସଂସ୍ଥାର ଅଧ୍ୟକ୍ଷ ହେରୋଲ୍ଡ ଗର୍ଣ୍ଣସ୍ୱେକର କହିଛନ୍ତି ଯେ, ବନ୍ଧକମାନେ ସୁରକ୍ଷିତ ଅଛନ୍ତି । ପୋଲିସ ନିକଟସ୍ଥ ଅଞ୍ଚଳକୁ ଘେରାବନ୍ଦୀ କରି ରଖିଛି । ଏଫବିଆଇ ଟିମ୍ ଘଟଣାସ୍ଥଳରେ ଆସି ପହଁଚିଛି । ସ୍ୱାଟର ଟ୍ରକ୍ ମଧ୍ୟ ଅପରେସନରେ ସାମିଲ ହୋଇଛି । ବିଗତ କିଛିଦିନ ହେଲା ଇସଲାମ ଚରମପନ୍ଥୀଙ୍କ ଦ୍ୱାରା ଆମେରିକାରେ ଆକ୍ରମଣ ମାମଲା କମିଛି । ୨୦୧୯ରେ ସବୁଠାରୁ ଅଧିକ ଆକ୍ରମଣ ହୋଇଥିଲା । ଅଲ କାଏଦାର । ମନ ଶାଖା ଫ୍ଲୋରିଡାରେ ଆକ୍ରମଣ କରି ୩ ଜଣଙ୍କୁ ହତ୍ୟା କରିଥିଲା ।

## ୭୬ତମ ଜନ୍ମଦିନ ପାଳୁଛନ୍ତି କବୀର ବେଦୀ

# ୩୦ ବର୍ଷ ସାନ ଗାର୍ଲଫ୍ରେଣ୍ଡଙ୍କୁ କରିଥିଲେ ବିବାହ



ନୂଆଦିଲ୍ଲୀ ୧୬।୧ (ଏଜେନ୍ସି) : 'ଖୁନ୍ ଭରି ମାଙ୍ଗ୍', 'ମେଁ ହୁଁ ନା', 'କଚେ ଧାଗେ, ଭଳି ଅନେକ ସୁପରହିଟ୍ ଫିଲ୍ମରେ କାମ କରିଛନ୍ତି କବୀର ବେଦୀ । ୧୯୭୧ ପରଠାରୁ ଫିଲ୍ମ ଜଗତରେ ଆକ୍ଟିଭ୍ ଥିବା କବୀର ୬୦ରୁ ଅଧିକ ଫିଲ୍ମରେ କାମ କରିଛନ୍ତି । ବର୍ତ୍ତମାନ କବୀର ବେଦୀ ଆଜି ତାଙ୍କର ବିଶେଷ ଦିନ ପାଳନ କରୁଛନ୍ତି । ୧୬ ଜାନୁଆରୀ ୧୯୪୬ରେ ଜନ୍ମ ହୋଇଥିବା କବୀର ବେଦୀଙ୍କୁ ଆଜି ୭୬ ବର୍ଷ ବୟସରେ ପାଦ ଦେଇଛନ୍ତି । ସେ ତାଙ୍କର ବିଶେଷ ଦିନକୁ ଏକ ବିଶେଷ ଢଙ୍ଗରେରେ ପାଳନ କରିଛନ୍ତି । କବୀର ବେଦୀ ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିର ଜଣେ ଭେଟେରାନ୍ ଅଭିନେତା ଭାବରେ କାର୍ଯ୍ୟ କରିଛନ୍ତି । ତାଙ୍କର ଦୃଢ ସ୍ୱର ସହିତ, ସେ ନିଜର ଉତ୍କୃଷ୍ଟ ବ୍ୟକ୍ତିତ୍ୱ ପାଇଁ ବହୁତ ବିଖ୍ୟାତ ହୋଇଥିଲେ । ହେଲେ ସେ ତାଙ୍କର ଫିଲ୍ମ ଅପେକ୍ଷା ତାଙ୍କ ବ୍ୟକ୍ତିଗତ ଜୀବନ ବିଷୟରେ ଅଧିକ ଚର୍ଚ୍ଚାରେ ରହି ଆସଛନ୍ତି । ତାଙ୍କର ତିନୋଟି ବିବାହ ଭାଙ୍ଗିବା ପରେ, ୭୦ ବର୍ଷ ବୟସରେ ତାଙ୍କ ଠାରୁ ୩୦ ବର୍ଷ ସାନ ଗର୍ଲଫ୍ରେଣ୍ଡକୁ ବିବାହ କରିଥିଲେ । କବୀର ବେଦୀଙ୍କର ପ୍ରଥମ ବିବାହ ୧୯୬୯ ମସିହାରେ ଡ୍ୟାନସର ପ୍ରତିମା ବେଦୀଙ୍କ ସହିତ ହୋଇଥିଲା । ବିବାହ ପରେ ପୂଜା ବେଦୀ ଏବଂ ପୁଅ ସିଦ୍ଧାର୍ଥଙ୍କ ଜନ୍ମ ହୋଇଥିଲେ । ଏତେ ବର୍ଷର ବିବାହ ପରେ ଅଧିକ ଦିନ ତିଷ୍ଠି ପାରିଲା ନାହିଁ ଏବଂ ଦୁହେଁ ଅଲଗା ହୋଇଯାଇଥିଲେ । କୁହାଯାଉଛି ଯେ ପରବିନ୍ ବବିଙ୍କ କାରଣରୁ ତାଙ୍କ ପ୍ରଥମ ପତ୍ନୀ ପ୍ରତିମା ଏବଂ କବୀରଙ୍କ ସମ୍ପର୍କ ଭାଙ୍ଗି ଯାଇଥିଲା । ପରେ ପୁଅ ସିଦ୍ଧାର୍ଥଙ୍କ ଆତ୍ମହତ୍ୟା ପରେ ପ୍ରତିମା ମଧ୍ୟ ଏକ ଦୁର୍ଘଟଣାରେ ଶିକାର ହୋଇ ଏହି ଦୁନିଆରୁ ସବୁଦିନ ପାଇଁ ଚାଲି ଯାଇଥିଲେୟ ପରେ କବୀରଙ୍କ ବ୍ରିଟିଶର ଫ୍ୟାଶନ ଡିଜାଇନର୍ ସୁସେନ ହାମଫ୍ରେସଙ୍କ ସହ ଯୋଡା ଯାଇଥିଲା । ଉଭୟ ପରେ ବିବାହ କରିଥିଲେ । ସୁସେନେ ଏବଂ କବୀରଙ୍କର ମଧ୍ୟ ଏକ ପୁଅ ରହିଛି । ହେଲେ ତାଙ୍କ ମଧ୍ୟରେ ଏହି ବିବାହ ମଧ୍ୟ ବେଶୀ ଦିନ ରହିଲା ନାହିଁ ଏବଂ ସେମାନେ ଛାଡପତ୍ର ନେଇଥିଲେ । ତୃତୀୟ ଥର ପାଇଁ ସେ ଟିଭି ଏବଂ ରେଡିଓ ଉପସ୍ଥାପିକା ତଥା ହୋଷ୍ଟ ନିକ୍କିଙ୍କୁ ବିବାହ କରିଥିଲେ । ଏହି ବିବାହରୁ ତାଙ୍କର କୌଣସି ସନ୍ତାନ ନଥିଲେ ମଧ୍ୟ ଏହି ବିବାହ ମଧ୍ୟ ଭାଙ୍ଗିଯାଇଥିଲା । ଏବଂ ଉଭୟ ଅଲଗା ହୋଇ ଯାଇଥିଲେ । କିନ୍ତୁ ସବୁଠାରୁ ବଡ କଥା ହେଲା ସେ ପୁଣି ଥରେ ଚତୁର୍ଥ ବିବାହ କରିଥିଲେ । ତାହା ପୁଣି ୭୦ବର୍ଷ ବୟସରେ । ଠିକ୍ ୭୦ ତମ ଜନ୍ମଦିନର ଗୋଟିଏ ଦିନ ପୂର୍ବରୁ କବୀର ବେଦୀ ଗର୍ଲଫ୍ରେଣ୍ଡ ପରବିନ ଦୋସାଞ୍ଜଙ୍କୁ ବିବାହ କରିଥିଲେ । ଏହା ତାଙ୍କର ଚତୁର୍ଥ ବିବାହ ଥିଲା । ପରବିନ ଜଣେ ବ୍ରିଟିଶ ଅଭିନେତ୍ରୀ, ମଡେଲ ଏବଂ ଚଳଚ୍ଚିତ୍ର ନିର୍ମାତା, ଯିଏକି ପ୍ରାୟ ଦଶ ବର୍ଷ ଧରି କବୀରଙ୍କ ସହିତ ଲିଭ-ଇନ୍ରେ ରହି ଆସୁଥିଲେ । କିନ୍ତୁ ଯେତେବେଳେ ସେ ଚତୁର୍ଥ ବିବାହ କରିଥିଲେ ଝିଅ ପୂଜା ବେଦୀଙ୍କୁ ଏହା ବିଲ୍କୁଲ ପସନ୍ଦ ଆସିନଥିଲା । ଏଥିପାଇଁ ସେ ନିଜ ଟ୍ୱିଟର ଆକାଉଣ୍ଟରେ ଏକ ଟ୍ୱିଟ୍ କରିଥିଲେ । ଯେଉଁଥିରେ ସେ କହିଥିଲେ କି– 'ପ୍ରତ୍ୟେକ ପରୀ କାହାଣୀରେ ଜଣେ ଚୁଡେଲ୍ ତଥା ଡାହାଣି କିମ୍ବା ମନ୍ଦ ସାବତ ମାଆ ଥାଏ, ଏଭଳି ବର୍ତ୍ତମାନ ମୋର ମଧ୍ୟ ଜଣେ ପହଞ୍ଚିଛି । ହେଲେ ପରେ ପୂଜା ତାଙ୍କ ଆକାଉଣ୍ଟରୁ ଏହି ଟ୍ୱିଟକୁ ଡିଲିଟ କରିଦେଲେ । ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ଦେଇଥିଲା ।

# ଚର୍ତ୍ତୁଭୁଜଙ୍କ ଚକରରେ ଆହୁରୀ ଅନେକ

## ଚାକିରି ଦେବା ନାମରେ ସୁନ୍ଦରଗଡ ଓ ଦେବଗଡ ଜିଲ୍ଲାର ଅନେକ ଯୁବକ ଓ ଯୁବତୀଙ୍କଠାରୁ ଲକ୍ଷାଧିକ ଟଙ୍କା ଠକେଇ

ସୁନ୍ଦରଗଡ, ୧୬।୧ (ଶ୍ରୁ.ମି) : ବାଲେଶ୍ୱର ଜିଲ୍ଲାର ବାଲିଆପାଳ ଅଞ୍ଚଳର ମୂଳବାସିନ୍ଦା ହୋଇଥିବା ଚର୍ତ୍ତୁଭୁଜ ନାମକ ଜଣେ ଯୁବକ ନିଜକୁ ଦୀପକ ତ ଆଉ କେତେବେଳେ ମାନସ ଭାବେ କହିବା ସହ କେତେବେଳେ ନିଜକୁ ଜଣେ ପୋଲିସ ଅଧିକାରୀ ତ ଆଉ କେତେବେଳେ ଜଣେ ବନବିଭାଗ କର୍ମଚାରୀ ଭାବେ ପରିଚୟ ଦେଇ କାହାକୁ ଚାକିରି କରାଇଦେବାର ଲୋଭ ଦେଖାଇ ତ ଆଉ କାହାକୁ ଭୁବନେଶ୍ୱରରେ ଜମି କରାଇ ଦେବାର ଲୋଭ ଦେଖାଇ ଲକ୍ଷାଧିକ ଠକି ନେବାରେ ସଫଳ ହୋଇଚାଲିଥିଲା । ତେବେ ସୁନ୍ଦରଗଡ ଜିଲ୍ଲାର ଲେଫ୍ରିପଡା ଥାନାରେ ଆଇଆଇସି ଭାବେ ନିଯୁକ୍ତି ପାଇଥିବା ହେମାଙ୍ଗିନୀ ଗର୍ଡିଆ ନାମକ ଜଣେ ମହିଳା ପୋଲିସ ଅଧିକାରୀଙ୍କୁ ଠକିବା ଚର୍ତ୍ତୁଭୁଜକୁ ମହଙ୍ଗା ପଡିଯାଇଛି । ଫଳରେ ଆଜି ସୁନ୍ଦରଗଡ ପୋଲିସ ଜିଲ୍ଲାର ଟାଉନ ଥାନାରେ ଲେଫ୍ରିପଡା ଥାନା ଆଇଆଇସିଙ୍କୁ ଜମି ଯୋଗାଇବା ନାମରେ ଅର୍ଥ ଆଦାୟ କରିବା ଅର୍ଥ ଫେରସ୍ତ ମାଗିଥିବା ଥାନା ଅଧିକାରୀଙ୍କୁ ଜୀବନରେ ମାରିବା ଉଦ୍ୟମ ମାମଲାରେ ହୋଇଥିବା ଏକ କେସରେ ଧରାହୋଇ ବର୍ତ୍ତମାନ ଜେଲରେ ଅଛି ଚର୍ତ୍ତୁଭୂଜ । ଚର୍ତ୍ତୁଭୁଜଙ୍କ କଳା କାରନାମାର ତଦନ୍ତ କରୁଥିବା ପୋଲିସ ଦେବଗଡ ଜିଲ୍ଲାର ରିଆମାଳ ଅଞ୍ଚଳର ଗଣେଶ ପ୍ରଧାନ ସମେତ ୫/୬ ଜଣ ଯୁବକୁ ବନ ବିଭାଗରେ ଚାକରି ଦେବା କହି ଭୁବନେଶ୍ୱରକୁ ଡାକି ସେଠି ୯ ମହଲା କୋଠା ନିକଟରେ ନକଲି ନିଯୁକ୍ତିପତ୍ର ପ୍ରଦାନ କରି ଜଣଙ୍କଠାରୁ ୧ ଲକ୍ଷ ଟଙ୍କା ଲେଖାଏଁ ନେବା, ସଦର ଥାନା ଅଞ୍ଚଳର ରସରାଜପୁର ଅଞ୍ଚଳର ବିମଳ ଟପ୍ପୋ ସମେତ ଆହୁରୀ କେତେଜଣଙ୍କୁ ଅନୁରୂପ ଭାବେ ଭୁବନେଶ୍ୱର ଡକାଇ ଚାକରି ଦେବା ନାମରେ ଲକ୍ଷ ଲକ୍ଷ ଟଙ୍କା ହଡପ କରି ନେଇଥିବା କଥା ଜଣାପଡିଛି । ପାଖାପାଖି ୩୦ ଲକ୍ଷ ଟଙ୍କା ହଡପ କରିଥିବା କଥା ପୋଲିସ ଏପର୍ଯ୍ୟନ୍ତ ଜାଣିପାରିଛି । ଆହୁରି ଗଜପତି ଜିଲ୍ଲାରେ ମଧ୍ୟ ଚର୍ତ୍ତୁଭୁଜଙ୍କ ଠକେଇ ଲମ୍ବିଛି । ଚର୍ତ୍ତୁଭୁଜଙ୍କ କଳାକାରନାମା ସମ୍ବନ୍ଧରେ ଅଧିକ ତଥ୍ୟ ଜାଣିବା ପାଇଁ ଏହି ଠକେଇ ଚକ୍ରବ୍ୟୁହରେ ଆଉ କିଏ ସଂପୃକ୍ତ ଅଛି କି ନାହିଁ ସେ ସମ୍ବନ୍ଧରେ ଜାଣିବା ପାଇଁ ପୋଲିସ ବର୍ତ୍ତମାନ ଜେଲରେ ଥିବା ଚର୍ତ୍ତୁଭୁଜ ଓରଫ ଦୀପକ ଓରଫ ମାନସଙ୍କୁ ରିମାଣ୍ଡରେ ଆଣିବା ପାଇଁ ନିଷ୍ପତ୍ତି ନେଇଥିବା ଜଣାପଡିଛି । ଚର୍ତ୍ତୁଭୁଜଙ୍କ ଠକ ବେପାର ସୁରୁଖୁରୁରେ ଚାଲିଆସୁଥିଲା । ତେବେ ଜଣେ ମହିଳା ପୋଲିସ ଅଧିକାରୀଙ୍କୁ ବିବହର ପ୍ରତିଶ୍ରୁତି ଦେଇ ଠକିବା ମହଙ୍ଗା ପଡିଥିଲା । ଯାହା ହେଉ ବିଳମ୍ବରେ ହେଲେ ମଧ୍ୟ ପୋଲିସ ହାତରେ ଚର୍ତ୍ତୁଭୂଜ ଧରାପଡିବା ଦ୍ୱାରା ଆହୁରୀ ଅନେକ ବ୍ୟକ୍ତି ଠକାମିରୁ ବଞ୍ଚିଗଲେ ।

# ବଣେଇଗଡ ଅବକାରୀ ବିଭାଗ ଦ୍ୱାରା ଦେଶୀ ମଦ ଜବତ : ୨ ଗିରଫ



ବଣେଇଗଡ, ୧୬।୧ (ଶ୍ରୁ.ମି) : ବଣେଇଗଡ ଅବକାରୀ ବିଭାଗ ଦ୍ୱାରା ଲହୁଣୀପଡା ଥାନା ଅଞ୍ଚଳର ବରଘାଟ ଏବଂ କରଡାକୁଦର ଅଞ୍ଚଳରେ ଚଢାଉ କରାଯାଇ ପ୍ରାୟ ୨୦୫୦ କେଜି ପୋଚ ଏବଂ ୫୦ ଲିଟର ଦେଶୀ ମଦକୁ ଜବତ କରାଯାଇ ନଷ୍ଟ କରାଯାଇଥିବାବେଳେ ଘଟଣାସ୍ଥଳରୁ ମଦରନ୍ଧା ପାଇଁ ଥିବା ବାସନ ସମେତ ଅନ୍ୟାନ୍ୟ ସାମଗ୍ରୀକୁ ମଧ ଜବତ କରାଯାଇଥିଲା । ସେହିପରି ଲହୁଣୀପଡା ଥାନା ଏବଂ ବଣେଇଗଡ ଥାନା ଅଞ୍ଚଳର ଜାଙ୍ଗଳା ଏବଂ ବଡଗାଁ ଅଞ୍ଚଳରେ ଚଢାଉ କରାଯାଇ ଦେଶୀ ମଦ ବିକ୍ରି କରୁଥିବା ଅଭିଯୋଗରେ ସର ମୁଣ୍ଡା ଏବଂ ଇନ୍ଦିରା ପାତ୍ର ସମେତ ୨ ଜଣ ମହିଳାକୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୩୦ ଲିଟର ଦେଶୀ ମଦ ସମେତ ହାଣ୍ଡି ଓ ଡେକଚି ମଧ ଜବତ କରାଯାଇଥିବା ଜଣାପଡିଛି ।

## ସ୍ମାର୍ଟଫୋନର ୱାନଟଚ ନେଇଗଲା ଲକ୍ଷାଧିକ ଟଙ୍କା

ସୁନ୍ଦରଗଡ, ୧୬।୧ (ଶ୍ରୁ.ମି) : ସୁନ୍ଦରଗଡ ପୋଲିସ ଜିଲ୍ଲା ଅଞ୍ଚଳରେ ଥିବା ଟାଉନଥାନା ଅଞ୍ଚଳର ଶଙ୍କରା ଗ୍ରାମରେ ରହୁଥିବା ସତ୍ୟବ୍ରତ ସାହୁ ନାମକ ଜଣେ ସରକାରୀ କର୍ମଚାରୀଙ୍କ ମୋବାଇଲକୁ ପାନକାର୍ଡ ଅପଡେଟ ପାଇଁ ଏକ ମେସେଜ ଆସିଥିଲା। ମେସେଜ ଅନୁସାରେ ସତ୍ୟବ୍ରତ ସ୍ମାର୍ଟଫୋନରେ ଥିବା ଏକ ଲିଙ୍କକୁ ଟଚ କରିବା କ୍ଷଣିତାଙ୍କ ବ୍ୟାଙ୍କ ଏକାଉଣ୍ଟରୁ ୨ଟି ପର୍ଯ୍ୟାୟରେ ପ୍ରଥମେ ୨୫୧୦୦୦ ଟଙ୍କା ପରେ ୨୪୯୯୫ ସର୍ବମୋଟ ୨୭୫୯୯୫ ଟଙ୍କା କଟି ଯିବାର ମେସେଜ ଆସିଥିଲା । ଏହା ଜାଣିବା ପରେ ଶ୍ରୀ ସାହୁ ଟାଉନ ଥାନାକୁ ଯାଇ ଏତଲା ଦେବା ପରେ ପୋଲିସ ଏକ କେସ ରୁଜୁ କରିବା ସହ ତଦନ୍ତ ପାଇ କେସକୁ ସାଇବର ଥାନାକୁ ହସ୍ତାନ୍ତର କରିଥିବା ଜଣାପଡିଛି ।

## ଜେଏମଏଫସି କୋର୍ଟ ପରିସରରେ ସଫେଇ କାର୍ଯ୍ୟକ୍ରମ

ରାଜନଗର, ୧୬।୧ (ଶ୍ରୁମି.) ; ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ସମସ୍ତ କାର୍ଯ୍ୟକାରୀ ଶନିବାର ଦିନ ନ୍ୟାୟାଳୟ ପରିସରକୁ ସ୍ୱଚ୍ଛ ଓ ସବୁଜ ପରିବେଶ ସୃଷ୍ଟିକରିବା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ରାଜନଗର କୋର୍ଟ ପରିସରରେ ନ୍ୟାୟଧିଶ ସାଧନଜିତ ପଣ୍ଡାଙ୍କ ନେତୃତ୍ୱରେ ସଫେଇ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଆଇନଜିବୀ ସଙ୍ଘର ସଭାପତି ଉମେଶଚନ୍ଦ୍ର ଦାସ, ସଂପାଦକ ଭଜକୃଷ୍ଣ ମିଶ୍ର, ଆଇନଜିବୀ ମନୋରନ କବି, ଲକ୍ଷ୍ମଣ ରାଉତ, ସୁଧାଂଶୁଶେଖର ସାହୁ, ପ୍ରଦୀପକୁମାର ଦାସ, ମନ୍ମଥ ରାଉତ, ଦେବଦତ ରାଉଳ, ଅମରକୁମାର ଦାସ, ସରକାରୀ ଆଇନଜିବୀ ନଳିନୀକାଂ ମଙ୍ଗରାଜ, ପ୍ରଭାତକୁମାର ଜେନାଙ୍କ ସହ କୋର୍ଟର କର୍ମଚାରୀମାନେ ସାମିଲ ହୋଇଥିଲେ।

# ଦ୍ୱିତୀୟ ପ୍ରବେଶ ପଥ ପୁନଃକାର୍ଯ୍ୟକ୍ଷମ ପାଇଁ ଅଟୋଚାଳକଙ୍କ ଦାବି



ରାଉରକଲୋ, ୧୬।୧ (ଶ୍ରୁମି.) : ରାଉରକେଲା ରେଳଷ୍ଟେସନକୁ ଯିବା ପାଇଁ ଗୋପବନ୍ଧୁପାଲ୍ଲି ବସ୍ତି ପଟରୁ ଦ୍ୱିତୀୟ ପ୍ରବେଶ ପଥ ଗତ ୧୦ ବର୍ଷ ତଳେ ଉଦ୍‌ଘାଟନ ହୋଇଥିଲା । ତେବେ କୋଭିଡ ନିୟମର ଦ୍ୱାହିତ ଦେଇ ଗତ କିଛି ବର୍ଷ ହେବ ଏହି ପ୍ରବେଶପଥକୁ ରେଳବାଇ ଦ୍ୱାରା ବନ୍ଦ କରିଦିଆଯାଇଛି । ଯାହାଫଳରେ ଏଠିକାର ଅଟୋଷ୍ଟାଣ୍ଡର ଚାଳକମାନେ ରୋଜଗାର ହରାଇ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେଣୁ ଏହି ଗେଟକୁ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ଅଟୋଚାଳକମାନେ ଗତକାଲି ଆରଏମସି କାର୍ଯ୍ୟାଳୟକୁ ସାକ୍ଷାତ କରି ଏହି ଦାବି ଉପସ୍ଥାପନ କରିଥିବା ଜଣାପଡିଛି ।

## ରାଉରକେଲା ଅବକାରୀ ବିଭାଗକୁ ବଡ ସଫଳତା

ରାଉରକେଲା, ୧୬।୧ (ଶ୍ରୁ.ମି) : ରାଉରକେଲା ଅବକାରୀ ବିଭାଗ ଅଧିକାରୀ ସ୍ନେହଲତା ନାୟକଙ୍କ ନେତୃତ୍ୱରେ ଏକ ଦଳ କୁଆଁରମୁଣ୍ଡା ଫାଣ୍ଡି ଅଞ୍ଚଳର କାଲୋସିହରିଆ ରାସ୍ତାର ବିଭିନ୍ନ ସ୍ଥାନରେ ଚଢାଉ କରି ଚୋରା ମଦ କାରବାର ହେଉଥିବା ଆଡ୍ଡାରେ ଚଢାଉ କରି ପ୍ରାୟ ୩୭ ଲିଟର ନକଲି ମଦ ସମେତ ୩୧ ଲିଟର ବିୟର ଜବତ କରିବା ସହ ବିଦେଶୀ ମଦ ନିର୍ମାଣ କରୁଥିବା ବିଭିନ୍ନ କମ୍ପାନୀର ଲେବଲ ଖାଲି ବୋତଲ ଚିଠି ସମେତ ଅନ୍ୟାନ୍ୟ ସାମଗ୍ରୀମାନ ମଧ୍ୟ ଜବତ କରିଥିଲେ । ନକଲି ବିଦେଶୀ ମଦ କାରବାର କରୁଥିବା ଅଭିଯୋଗରେ ଅବକାରୀ ବିଭାଗ କୁଆଁରମଣ୍ଡା ଫାଣ୍ଡି ଅଞ୍ଚଳ ବାସିନ୍ଦା ମିଲକୁ ମହାନନ୍ଦିଆକୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡିଛି ।

# ପୋଷ୍ଟର ପୋଡିବାକୁ ନେଇ ଉତ୍ତେଜନା

## ବିଡିଓଙ୍କ ନାମରେ ଥାନାରେ ଅଭଯୋଗ କଲେ ଶାସକ ବିଜେଡି କର୍ମୀ



ବାଲିଶଙ୍କରା, ୧୬।୧ (ଶ୍ରୁ.ମି) : ସଂପ୍ରତି ରାଜ୍ୟରେ ପଞ୍ଚାୟତ ନିର୍ବାଚନ ପାଇଁ ତାରିଖ ଘୋଷଣା ହୋଇଯାଇଥିବାରୁ ଆଚରଣ ବିଧବ ଲାଗୁ ହୋଇଯାଇଛି । ଏହି କ୍ରମରେ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାନୁସାରେ କୌଣସି ଜାଗାରେ ମଧ କୌଣସି ଜନହିତକର ଯୋଜନାକୁ ନେଇ ପ୍ରଚାର ପ୍ରସାର ଉପରେ ପ୍ରତିବନ୍ଧକ ଲାଗିଥିବାରୁ ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ଲାଗିଥିବା ପୋଷ୍ଟର ସବୁକୁ କଢାଯାଇଥିଲା । ଏହି କ୍ରମରେ ବାଲିଶଙ୍କରା ବ୍ଲକର ବିଭିନ୍ନ ସ୍ଥାନରେ ଲାଗିଥିବା ପୋଷ୍ଟର ସବୁକୁ କଢା ଯାଇଥିବାବେଳେ ଏଗୁଡିକୁ କେହି ନିଆଁ ଲଗାଇ ଦେଇଥିଲେ । ଯାହାକୁ ନେଇ ବ୍ଲକର ବିଜେଡି କର୍ମୀମାନେ ତୀବ୍ର ବିରୋଧ କରିବା ସହ ବାଲିଶଙ୍କରା ବିଡିଓ ବାସନ୍ତି ଲାକ୍ରାଙ୍କ ନାମରେ ଥାନାରେ ଏତଲା ମଧ ଦେଇଥିବା ଜଣାପଡିଛି ।

# ଷ୍ଟେସନ ଅଞ୍ଚଳରୁ ଗଞ୍ଜେଇ ଜବତ : ୨ ଗିରଫ



ରାଉରକେଲା, ୧୬।୧ (ଶ୍ରୁମି.) : ରେଲୱେ ଷ୍ଟେସନରୁ ଆରପିଏଫ୍ ଏବଂ ଜିଆରପି ମିଳିତ ଭାବେ ଯାଞ୍ଚବେଳେ ସନ୍ଦେହରେ କାଳଦୀପ ସର୍ମା ଏବଂ ରୋହିତ ଜୟସ୍ୱାଲ ନାମକ ୨ ଜଣଙ୍କୁ ଗିରଫ କରିବା ପରେ ଯାଞ୍ଚବେଳେ ସେମାନଙ୍କ ନିକଟରୁ ୨୫ କେଜି ଗଞ୍ଜେଇ ଜବତ କରାଯାଇଛି । ଉଭୟ ଗିରଫମାନେ ଉତ୍ତରପ୍ରଦେଶର ବନାରସ ଜିଲ୍ଲାର ଜଗତଗଞ୍ଜ ଅଞ୍ଚଳର ହୋଇଥିବାବେଳେ ଏମାନେ କୋରାପୁଟ ଜିଲ୍‌ଲାର ଦାମନଯୋଡିରୁ ଗଞ୍ଜେଇ ସଂଗ୍ରହ କରି ବନାରସରେ ବିକିବା ପାଇଁ ଯାଉଥିବା ପୋଲିସ ତଦନ୍ତରେ ଜଣାପଡିଛି । ଉଭୟଙ୍କୁ ପୋଲିସ କୋର୍ଟଚାଲାଣ କରିଛି ।

# ଏକାଉଣ୍ଟକୁ ହ୍ୟାକ କରି ବ୍ୟାଙ୍କରୁ ଟଙ୍କା ଗାଏବ



ରାଜଗାଙ୍ଗପୁର, ୧୬।୧ (ଶ୍ରୁ.ମି) : ରାଜଗାଙ୍ଗପୁର ଥାନା ଅଞ୍ଚଳରେ ଥିବା ୱାର୍ଡନମ୍ବର -୧୬ ର ମଧୁସୂଦନ କଲୋନୀରେ ରହୁଥିବା ରାଜନ ମିଶ୍ରା ନାମକ ଜଣେ ବ୍ୟକ୍ତିଙ୍କ ଏକାଉଣ୍ଟରେ ୧୬୧୪୦ ଟଙ୍କା ଥିବାବେଳେ ସେ ଗତକାଲି ଏକ ଏଟିଏରୁ ୬ ହଜାର ଟଙ୍କା ଉଠାଇବା ପରେ ବ୍ୟାଙ୍କରେ ୧୦ ହଜାର ଟଙ୍କା ଥିବାବେଳେ ହଠାତ୍ ରାଜନଙ୍କ ମୋବାଇଲକୁ ପୁଣି ୧୦ ହଜାର ଟଙ୍କା ଉଠାଯାଇଥିବା ମେସେଜ ଆସିବାରୁ ରାଜନ ବ୍ୟାଙ୍କକୁ ଯାଇ ପଚାରିବାରୁ ବିହାର ଅଞ୍ଚଳର ଏଟିଏଣୁ ଏହି ଟଙ୍କା ଉଠାଯାଇଥିବା ଜାଣିବା ପରେ ଥାନାକୁ ଯାଇ ଅଭିଯୋଗ କରିବା ପାଇଁ ଯାଇ ବିଫଳ ହୋଇ ଚିନ୍ତାରେ ପଡିଯାଇଛନ୍ତି ।

# ବେଦବ୍ୟାସ ତ୍ରିବେଣୀ ସଙ୍ଗମ ପ୍ରବେଶପଥକୁ ସିଲ



ବେଦବ୍ୟାସ, ୧୬।୧ (ଶ୍ରୁ.ମି) : ଜିଲ୍ଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦୃତଗତିରେ ବୃଦ୍ଧି ପାଇଚାଲିଥିବାବେଳେ ଏହାକୁ ରୋକିବା ପାଇଁ ସରକାର ଅନେକ ପଦକ୍ଷେପ ନେଉଛନ୍ତି । ଏହିକ୍ରମରେ ଜିଲ୍ଲାର ଅନେକ ବ୍ଲକ, ସରକାରୀ ଡାକ୍ତରଖାନା, କୋର୍ଟ ପରିସରକୁ ସଂଘରୋଧ ଅଞ୍ଚଳ ଘୋଷଣା କରିଛନ୍ତି । ସେହିପରି ପର୍ଯ୍ୟଟନ ସ୍ଥଳ ଭାବେ ପରିଚିତ ବେଦବ୍ୟାସର ତ୍ରିବେଣୀ ସଙ୍ଗମ ସ୍ଥଳ ତଥା ଏହାର ଆଖପାଖରେ ଥିବା ଶିବ ମନ୍ଦିର, ଜଗନ୍ନାଥ ମନ୍ଦିର, ହନୁମାନ ମନ୍ଦିର ସମେତ ଅନ୍ୟାନ୍ୟ ମନ୍ଦିର ପାଖକୁ ନିତ୍ୟ ଅସଂଖ୍ୟ ଭକ୍ତଙ୍କ ଭିଡ ଆସୁଥିବାରୁ ଏହି ଅଞ୍ଚଳର ପ୍ରବେଶପଥକୁ ମଧ ସିଲ କରିଦେଇ ଭକ୍ତ ଓ ଦର୍ଶକଙ୍କ ପ୍ରବେଶ ଉପରେ ପ୍ରତିବନ୍ଧ ଲଗାଇଛନ୍ତି ।

## ଚତୁଃର୍ଦ୍ଦଶ ବାର୍ଷିକ ମକର ମହୋତ୍ସବ ପାଳିତ

ବୈଶିଙ୍ଗା, ୧୬।୧ (ଶ୍ରୁମି.) : ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ ପବିତ୍ର ମକର ପର୍ବ ଅବସରରେ ବୈଶିଙ୍ଗା ଥାନା ଅଧୀନ ରଘୁପୁର ପଞ୍ଚାୟତର ଖୁଣ୍ଟାପୁର ହାଇସ୍କୁଲ ପଡିଆରେ ଭାଗବତ ମହାଯଜ୍ଞର ଚତୁଃର୍ଦ୍ଦଶ ବାର୍ଷିକ ମକର ମହୋତ୍ସବ ଶୁକ୍ରବାର ଆରମ୍ଭ ହୋଇଯାଇଛି । ଏଥି ନିମନ୍ତେ ସ୍ଥାନୀୟ ପୋଖରୀରୁ ଘଟ ଉତ୍ତୋଳନ କରାଯାଇଥିଲା । ସଂକୀର୍ତ୍ତନ ମଣ୍ଡଳୀ ଖୁଣ୍ଟାପୁର ଗ୍ରାମେର ବହୁ ପୁରାତନରୁ ରହିଛି । ଏହି କୀର୍ତ୍ତନ ମଣ୍ଡଳୀ ସହଯୋଗରେ ପୋଖରୀରୁ ଘଟକୁ ଆଣି ପବିତ୍ର ମଣ୍ଡପରେ ପୂଜା ଅର୍ଚ୍ଚନା କରାଯାଇ ଘୃତ ଯଜ୍ଞ ସହିତ ନାମ ଯଜ୍ଞ ମଧ ଶୁଭାରମ୍ଭ ହୋଇଥିଲା । ଏ ଯଜ୍ଞ ୧୪ତାରିଖରୁ ଆରମ୍ଭ ହୋଇ ୨୨ ତାରିଖ ରେ ଉଦ୍ୟାପିତ ହେବ । ଯଜ୍ଞ କମିଟି ପକ୍ଷରୁ ସୂଚନା ମିଳିଛି । କୋଭିଡ ନିୟମାବଳୀ ଅନୁଯାୟୀ ଭକ୍ତମାନେ ଦୂରତା ରକ୍ଷା କରି ପ୍ରବଚନ ଶୁଣୁଛନ୍ତି । ଏହି ଖୁଣ୍ଟାପୁର ଗ୍ରାମ ତଥା ଆଖପାଖ ଅଞ୍ଚଳ ଏବେ ଆଧାତ୍ମିକ ଭାବଧାରାରେ ପୂର୍ଣ୍ଣ ରହିଛି ।

# ଭଞ୍ଜପୁରରୁ ପୁରୀ ଟ୍ରେନ୍ ଚଳାଚଳ

ବୈଶିଙ୍ଗା ୧୬।୧ (ଶ୍ରୁମି.) : କୋଭିଡର ଭୟାବହତା ପୂର୍ବରୁ ବାରିପଦାସ୍ଥ ଭଞ୍ଜପୁର ରେଳ ଷ୍ଟେସନଠାରୁ ପୁରୀକୁ ସାପ୍ତାହିକ ଟ୍ରେନ୍ ଚଳାଚଳ କରୁଥିଲା । ଏହି ୦୮୦୧୧ ନମ୍ବର ଟ୍ରେନ୍ ଟି ବର୍ତ୍ତମାନର କୋଭିଡ କଟକଣା ସତ୍ତ୍ୱେ ପ୍ରତ୍ୟେକ ଗୁରୁବାର ରାତ୍ରି ୧୧.୫୦ ମିନିଟ ରେ ଭଞ୍ଜପୁର ଷ୍ଟେସନରୁ ବାହାରି ପରଦିନ ସକାଳ ୭ ଟାରେ ପୁରୀ ପହଞ୍ଚିବ । ସେହିଭଳି ୦୮୦୧୨ ନମ୍ବର ଟ୍ରେନ୍ ଟି କେବଳ ଶୁକ୍ରବାର ରାତି ୧୧ .୩୦ ମିନିଟ୍ ପୁରୀରୁ ବାହାରି ବାରିପଦା ଶନିବାର ସକାଳ ୬ .୫୦ ମିନିଟ୍ ରେ ପହଞ୍ଚିବ। କିନ୍ତୁ ସରକାର ପୁରୀର ଜଗନ୍ନାଥ ମନ୍ଦିର ସମେତ ଅନ୍ୟ ମନ୍ଦିର ସବୁ ଭକ୍ତଙ୍କ ଲାଗି ବର୍ତ୍ତମାନ ବନ୍ଦ ରଖିଛନ୍ତି । ତେଣୁ ଦର୍ଶନାର୍ଥୀ ଭକ୍ତଗଣ ଟ୍ରେନ୍ ଚଳିବାରୁ ଅଧିକ ମର୍ମାହତ ହୋଇଛନ୍ତି । କାରଣ କୋଭିଡ କମ୍ ଥିବା ବେଳେ ଏହି ଟ୍ରେନ୍ ବନ୍ଦ ଥିଲା । କୋଭିଡ୍ ବଢିବା ସମୟରେ ତାହା ଚଳିବାରୁ ରେଳବାଇର ଏଭଳି ବିଚିତ୍ର ନୀତି ସମସ୍ତଙ୍କୁ ହତାଶ୍ କରିଛି । ଡିଏମୟୁ ଟ୍ରେନ୍ କୁ ବାଲେଶ୍ୱର ପର୍ଯ୍ୟନ୍ତ ନ ଚଳାଇ ଯାତ୍ରୀ ଙ୍କୁ ଛପା ଟିକଟ ନ ଯୋଗାଇ; ଭୋର୍ ୪ଟାରୁ ରୁପ୍ସା କୁ ଓ ରାତି ୧୦.୩୦ମିନିଟ୍ ପରେ ରୁପ୍ସାରୁ ବାରିପଦାକୁ ଡିଏମୟୁ ଟ୍ରେନ୍ ଚଳାଇବାର ଉଦ୍ଦେଶ୍ୟ କ'ଣ ବୋଲି ସାଧାରଣ ଯାତ୍ରୀ ପ୍ରଶ୍ନ କରିଛନ୍ତି ।

# ଜକୈକଳା ପଞ୍ଚାୟତରେ ହାତୀପଲ ଆତଙ୍କ



ବଣେଇଗଡ, ୧୬।୧ (ଶ୍ରୁ.ମି) : ବଣେଇଗଡ ବନଖଣ୍ଡ ଅଞ୍ଚଳରେ ଥିବା ଜକୈକଳା ଗ୍ରାମ ପଞ୍ଚାୟତର ବଡପୋଷ୍ଟ ଗ୍ରାମକୁ ଗତରାତିରେ କେତୋଟି ହାତୀ ପଶି ଆସି ଗ୍ରାମରେ ଉତ୍ପାତ ମଚାଇ ଗ୍ରାମର ବୀଣା କିଷନ ଏବଂ ବିକୁ କିଷାନଙ୍କ ଘରକୁ ଭାଙ୍ଗିବା ସହ ଘରେ ରଖାଯାଇଥିବା ଧାନକୁ ଖାଇ ଦେଇଥିବାବେଳେ ଜାଙ୍ଗଳା ଗ୍ରାମରେ ମଧ ଉତ୍ପାତ ମଚାଇ ଗ୍ରାମବାସୀଙ୍କ ଧାନ ଚାଷକୁ ପାଦରେ ଦଳି ନଷ୍ଟ କରିଦେଇଥିଲା ।

# ମରଣାନ୍ତକ ଆକ୍ରମଣରେ ଜଣେ ଆହାତ

କେନ୍ଦ୍ରାପଡା, ୧୬।୧ (ଶ୍ରୁମି.) : କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ କହ୍ନେଇପୁର ଗ୍ରାମର ନିର୍ମଳ ବେହେରାଙ୍କ ପତ୍ନୀ ଗିତାଞ୍ଜଳୀ ବେହେରା ସଦରଥାନାରେ ଅଭିଯୋଗ କରିଛନ୍ତି ଯେ ତାଙ୍କ ସ୍ୱାମୀ ନିର୍ମଳ ବେହେରା ଶନିବାର ରାତି ପ୍ରାୟ ୧୦ଟା ସମୟରେ ଗ୍ରାମର ଏକ ବିବାହ ଭୋଜିକୁ ଖାଇବାକୁ ଯାଇ ଘରକୁ ଫେରୁଥିବା ବେଳେ ତାଙ୍କୁ ସେହି ଗ୍ରାମର କେତେକ ବ୍ୟକ୍ତି ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସଂଘବଦ୍ଧ ଭାବେ ଠେଙ୍ଗା ଭୁଜାଲି ଓ ଲୁହାରଡରେ ମରଣାନ୍ତକ ଆକ୍ରମଣ କରିଥିଲେ । ଫଳରେ ନିର୍ମଳ ଗୁରୁତ୍ୱର ଭାବେ ଆହାତ ହୋଇ ତଳେ ପଡିଯାଇ ଚେତାଶୂନ୍ୟ ହୋଇଯିବାରୁ ଆକ୍ରମଣକାରୀମାନେ ନିର୍ମଳ ମରିଯାଇଥିବା ଭାବି ତାଙ୍କୁ ରାସ୍ତା କଡକୁ ଫିଙ୍ଗି ଦେଇ ସେ ସ୍ଥାନରୁ ପଳାଇ ଯାଇଥିଲେ । ସେହି ବାଟ ଦେଇ ଗ୍ରାମର କେତେକ ଲୋକ ଭୋଜି ଖାଇ ଘରକୁ ଫେରୁଥିବା ବେଳେ ନିର୍ମଳଙ୍କୁ ଚିହ୍ନିପାରି ତାଙ୍କ ଘରକୁ ଆଣି ଛାଡି ଦେଇ ଯାଇଥିଲେ । ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନିର୍ମଳଙ୍କୁ ଭର୍ତ୍ତି କରାଯାଇଥିବା ବେଳେ ସେ ଚିକିତ୍ସିତ ଥିବା ନିର୍ମଳଙ୍କ ପତ୍ନୀ ଗୀତାଞ୍ଜଳୀ ଅଭିଯୋଗ କରିଛନ୍ତି । ସଦରଥାନା ପୋଲିସ ଘଟଣାର ତଦନ୍ତ କରୁଥିବା ସୂଚନା ମିଳିଛି ।

# ନିଖୋଜ ଯୁବକର ଶବ ଜଙ୍ଗଲରୁ ଉଦ୍ଧାର

ଲହୁଣୀପଡା, ୧୬।୧ (ଶ୍ରୁ.ମି) : ଲହୁଣୀପଡା ବ୍ଲକ ଅଞ୍ଚଳରେ ଥିବା ଶସ୍ୟକଳା ଗ୍ରାମ ପଞ୍ଚାୟତର ବାରସୁଆଁର ଭୂୟାଁସାହିରେ ରହୁଥିବା ଜଗନ୍ନାଥ ନାୟକ (୧୮) ନାମକ ଜଣେ ଯୁବକ ଗତ ୨/୩ ଦିନ ହେବ ନିଖୋଜ ଥିବାବେଳେ ଗତକାଲି ଗନ୍ତାଧର ଶବକକୁ ଲୋକେ ଦାମାଲୁ ଜଙ୍ଗଲର ଏକ ଗଛରେ ଝୁଲୁଥିବା ଦେଖି ପୋଲିସ ଖବର ଦେବାରୁ ପୋଲିସ ଆସି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଚଳାଇଛି ।

# ବିଶ୍ୱ ଶାନ୍ତି ସର୍ବଧର୍ମ ପ୍ରାର୍ଥନା ଦିବସର ସମୀକ୍ଷା ବୈଠକ

କେନ୍ଦ୍ରାପଡା, ୧୬।୧ (ଶ୍ରୁ.ମି) : ଗରାପୁରସ୍ଥିତ ଦିବ୍ୟ ଜୀବନ ସଂଘ ଶିବାନନ୍ଦ ଆଶ୍ରମ ପରିସରରେ ଶ୍ରୀମା ସ୍ୱାମୀ ଦିବ୍ୟ ସ୍ୱରୁପାନନ୍ଦ ସରସ୍ୱତୀଙ୍କ ଅଧ୍ୟକ୍ଷତାରେ ବିଶ୍ୱଶାନ୍ତି ସର୍ବଧର୍ମ ପ୍ରାର୍ଥନା ଦିବସ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ କୋଭିଡ କଟକଣା ମଧ୍ୟରେ ଅନୁଷ୍ଠିତ ବିଶ୍ୱଶାନ୍ତି ସର୍ବଧର୍ମ ପ୍ରାର୍ଥନା ଦିବସରେ ବହୁ ସାଧୁ ସନ୍ଥ, ଶ୍ରଦ୍ଧାଳୁ, ସ୍ୱେଚ୍ଛାସେବୀ, ସମାଜସେବୀ ଓ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦେଇଥିଲେ । ଏକ ଆଧ୍ୟାତ୍ମିକ ପରିବେଶରେ ଓଡିଶାର ବିଭିନ୍ନ ଆଶ୍ରମ, ମଠ, ମନ୍ଦିର, ସ୍କୁଲ ଓ କଲେଜ ସମେତ କେନ୍ଦ୍ରାପଡାର ଆରାଧ୍ୟ ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ରଥଦାଣ୍ଡ ଏବଂ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ବଡଦାଣ୍ଡ ସନ୍ନିକଟ ମୁକ୍ତାକାଶ ରଙ୍ଗମ□ରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ସୁଚାରୁ ରୂପେ ପାଳିତ ହୋଇଥିବାରୁ ଶ୍ରୀମା ପ୍ରାର୍ଥନା କମିଟିର ସମସ୍ତ ସଦସ୍ୟ, ବଳଦେବ ସେନାର କର୍ମକର୍ତ୍ତା, ତୁଳସୀ କଲଚରାଲ ଗ୍ରୁପର କର୍ମକର୍ତ୍ତା ଏବଂ ପ୍ରାର୍ଥନା ଦିବସର ମହତ୍ୱ ସମସ୍ତଙ୍କ ପାଖରେ ପହଞ୍ଚାଇଥିବା ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସାଧୁବାଦ ପ୍ରଦାନ କରିବା ବେଳେ ଏଥିପାଇଁ ଆକୁଣ୍ଠ ସହଯୋଗ କରିଥିବା ସ୍ୱାମୀ ପ୍ରଜ୍ଞାନନନ୍ଦଜୀ ମହାରାଜ, କେନ୍ଦ୍ରାପଡା ବିଧାୟକ ଶଶି ଭୂଷଣ ବେହେରା, ସ୍ୱର୍ଗତ ଭାଗବତ ପ୍ରସାଦ ମହାନ୍ତିଙ୍କ ସୁପୁତ୍ର ସମାଜସେବୀ ଗୁରୁପ୍ରସାଦ ମହାନ୍ତି ଓ ପୁତ୍ରବଧୁ ତଥା କେନ୍ଦ୍ରାପଡା ଜିଲ୍ଲାପାଳ ଅମ୍ରିତ ରତୁରାଜ ଏବଂ ପୁରୀ ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# କଂଗ୍ରେସ ର ନିର୍ବାଚନୀ ପ୍ରସ୍ତୁତି: ନିର୍ବାଚନୀ ମନ୍ତ୍ର ଦେଲେ ନରସିଂହ



ବଲାଙ୍ଗିର୧୬।୧ (ଶ୍ରୁ.ମି) : ଆଗକୁ ନିର୍ବାଚନ । ପ୍ରସଙ୍ଗ ଅନେକ । ନାରୀ ନିର୍ଯ୍ୟାତନାରେ ସରକାରୀ ମନ୍ତ୍ରୀମାନଙ୍କର ସଂପୃକ୍ତି, ବ୍ଲକ ମାନଙ୍କରେ ସରକାରୀ ଦଳ ନେତାଙ୍କ ଦୁର୍ନିତି, ଚାଷୀ ସମସ୍ୟା ଏବଂ ନିର୍ବାଚନୀ ସଂରକ୍ଷଣରେ ପଛୁଆ ବର୍ଗ ଓ ଜନଜାତିଙ୍କୁ ବାଦ ଦେବା ଘଟଣା ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କୁ ଉଦବେଳିତ କରିଛି । ସାଧାରଣ ଜନତା ଏହି ସବୁ ସମସ୍ୟାରୁ ମୁକୁଳିବା ପାଇଁ ବାରମ୍ବାର ଦାବୀ ଆନ୍ଦୋଳନ କରୁଥିଲେ ହେଁ ଏହି ଜନ ବିରୋଧି ନବୀନ ସରକାର ସେସବୁ ଭୃକ୍ଷେପ କରୁ ନାହିଁ । ଓଲୋଟା ଏସବୁ ସମସ୍ୟାର ଦୋଷୀମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ସେମାନଙ୍କୁ କ୍ରମାଗତ ଭାବେ ସୁରକ୍ଷା ଦେବାରେ ଲାଗିଛି । ତେଣୁ ଆଜିର ଉପସ୍ଥିତ ଥିବା ବଲାଙ୍ଗିର ସଦର ବ୍ଲକର ପଞ୍ଚାୟତ ସ୍ତରିୟ ନେତୃବୃନ୍ଦମାନେ ସରକାରଙ୍କ ଏହି ଦୋଷ ଦୁର୍ବଳତାକୁ ନେଇ ଗାଁ କୁ ଗାଁ , ଘର କୁ ଘର ଯାଇ ଲୋକଙ୍କ ଆଗରେ ସରକାରର ମୁଖା ଖୋଲନ୍ତୁ ବୋଲି ଆଜି ସଦର ବ୍ଲକ ସ୍ଥିତ ଛତାମଖନା ଠାରେ ଆଗାମୀ ପଞ୍ଚୟତ ନିର୍ବାଚନ କୁ ନେଇ ଅନୁଷ୍ଠିତ ହୋଇଥିବା ଏକ ପ୍ରସ୍ତୁତି ବୈଠକରେ ମାନ୍ୟବର ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ଉପସ୍ଥିତ ନେତୃବୃନ୍ଦଙ୍କୁ କହିଛନ୍ତି । ବ୍ଲକ କଂଗ୍ରେସ କମିଟି ସଭାପତି ରାମପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ଏହି ପ୍ରସ୍ତୁତି ବୈଠକରେ ଶ୍ରୀ ମିଶ୍ର ଆହୁରି ମଧ କହିଛନ୍ତି ଯେ, ଗାଁକୁ କାମ ଦେବା ନାଁରେ ଏହି ସରକାର ଓ ତାଙ୍କ ଦଳର କର୍ମୀମାନେ ଦୁର୍ନିତି ରେ ଲିପ୍ତ ରହିଛନ୍ତି । ମାଁକୁ ସମ୍ମାନ ଦେବା କଥା କହୁଥିବା ଏହି ସରକାର ମମିତା ହତ୍ୟାକାଣ୍ଡରେ ସଂପୃକ୍ତି ଥିବା ମନ୍ତ୍ରୀଙ୍କୁ ସୁରକ୍ଷା ଦେଉଛି । ଚାଷୀ ତାର ଅମଳର ଠିକ ମୂଲ୍ୟ ପାଉ ନାହିଁ । ପଛୁଆ ବର୍ଗ ତଥା ଆଦିବାସୀଙ୍କୁ ନିର୍ବାଚନୀ ସଂରକ୍ଷଣ ରୁ ବାଦ ଦେଇ ତାଙ୍କର ସମ୍ବିଧାନିକ ଅଧିକାରକୁ ହନନ କରିଛି । ଏହି ସବୁ ଚିତ୍ର ଓ ଚରିତ୍ରକୁ ନେଇ ଆମ ଦଳର କର୍ମୀମାନେ ଲୋକଙ୍କ ପାଖକୁ ଯାଇ ସମର୍ଥନ ଲୋଡନ୍ତୁ, ଦେଖିବେ ଦଳ ନିଶ୍ଚିତ ଭାବେ ବିଜୟୀ ହେବ । ଉପସ୍ଥିତ ଥିବା ଏଆଇସିସି ସଭ୍ୟ ସମରେନ୍ଦ୍ର ମିଶ୍ର ନେତା ଓ କର୍ମୀମାନଙ୍କ ମଧ୍ୟରେ ଏକତା ରଖି ନିର୍ବାଚନୀ ଯୋଜନାକୁ ଠିକ ଭାବରେ କାର୍ଯ୍ୟକାରୀ କରି ପାରିଲେ ଆମେ ନିଶ୍ଚୟ ବିଜୟ ଲାଭ କରିବା ବୋଲି କହିଥିଲେ । ଆଜିର ବୈଠକରେ ସରପଞ୍ଚ ସମିତି ସଭ୍ୟ ତଥା ବଲାଙ୍ଗିର ବ୍ଲକ ଅନ୍ତର୍ଗତ ଉଭୟ ଜୋନର ଜିଲ୍ଲା ପରିଷଦ ପ୍ରାର୍ଥିଚୟନକୁ ନେଇ ବିଭିନ୍ନ ପ୍ରସ୍ତାବ ଆସିଥିଲା । ଜୋନ ୨୨ ଜିଲ୍ଲା ପରିଷଦ ପ୍ରାର୍ଥି ଭାବରେ ଯୋଶବନ୍ତି ବଘାର ଓ ଜୋନ ୨୩ର ନିଳାଦ୍ରୀ ସେଠଙ୍କ ନାମକୁ ନେଇ ଉପସ୍ଥିତ ଥିବା ନେତା ତଥା କର୍ମୀଗଣ ସମ୍ମତି ପ୍ରକାଶ କରିଥିଲେ ।

## କିସ୍ ଓ ଚଏସ୍ ୱେଲ୍‌ଫେୟାର ଫାଉଣ୍ଡେସନ୍ ମଧ୍ୟରେ ବୁଝାମଣା

# ମୁମ୍ବାଇରେ ଖୋଲିବ ଚଏସ୍-କିସ୍ ଆବାସିକ ବିଦ୍ୟାଳୟ

ଭୁବନେଶ୍ୱର, ୧୬।୧ (ଶ୍ରୁମି.) : ଦିଲ୍ଲୀ ଓ କୋଲକାତା ପରେ ମହାରାଷ୍ଟ୍ରର ମୁମ୍ବାଇରେ ଖୋଲିବ କିସ୍ ଆବାସିକ ବିଦ୍ୟାଳୟ। ମୁମ୍ବାଇରେ ଚଏସ୍-କିସ୍ ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା ନେଇ କିସ୍ ଓ ମୁମ୍ବାଇସ୍ଥିତ ଚଏସ୍ ୱେଲ୍‌ଫେୟାର ଫାଉଣ୍ଡେସନ୍ ମଧ୍ୟରେ ରବିବାର ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଏହି ବୁଝାମଣାପତ୍ରରେ ଚଏସ୍ ୱେଲ୍‌ଫେୟାର ଫାଉଣ୍ଡେସନ୍ ପକ୍ଷରୁ ଏହାର ଅଧ୍ୟକ୍ଷ ସୁନୀଲ ପାଟୋଡ଼ିଆ ଏବଂ କିସ୍ ପକ୍ଷରୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱାକ୍ଷର କରିଥିଲେ। ବହୁବର୍ଷ ଧରି ଶ୍ରୀ ପାଟୋଡ଼ିଆ ଶ୍ରୀ ସାମନ୍ତଙ୍କ ଜଣେ ଶୁଭେଚ୍ଛୁ ହୋଇ ରହିଥିବା ବେଳେ ମୁମ୍ବାଇରେ କିସ୍‌ର ଏକ ଶାଖା ପ୍ରତିଷ୍ଠା ପାଇଁ ସେ ସର୍ବଦା ଅଗ୍ରହ ପ୍ରକାଶ କରି ଆସୁଥିଲେ। ମୁମ୍ବାଇ ସହର ନିକଟବର୍ତ୍ତୀ ଅଞ୍ଚଳରେ ଶ୍ରୀ ପାଟୋଡ଼ିଆ ଚଏସ୍-କିସ୍ ପାଇଁ ୨୫ ଏକର ଜମି ବ୍ୟବସ୍ଥା କରିସାରିଥିବା ବେଳେ ଭିତ୍ତିଭୂମି ନିର୍ମାଣ ପାଇଁ ବିଭିନ୍ନ ସୂତ୍ରରୁ ଅର୍ଥ ସଂଗ୍ରହ କରିସାରିଛନ୍ତି। ଚଏସ୍-କିସ୍ ଭିତ୍ତିଭୂମି ନିର୍ମାଣର ସମ୍ପୂର୍ଣ୍ଣ ଖର୍ଚ୍ଚ ଚଏସ୍-ୱେଲ୍‌ଫେୟାର ଫାଉଣ୍ଡେସନ୍ ବହନ କରିବ। ଚଏସ୍-କିସ୍‌ରେ ଗରିବ, ଅବହେଳିତ ଓ ଜନଜାତି ବର୍ଗର ପିଲାମାନଙ୍କୁ ବିନାଦେୟରେ କିସ୍ ଢ଼ାଞ୍ଚାରେ ଶିକ୍ଷା ପ୍ରଦାନ କରାଯିବ। ଆଗାମୀ ବର୍ଷକ ମଧ୍ୟରେ ଚଏସ୍-କିସ୍ କାର୍ଯ୍ୟ କରିବ। ଏହି ଅବସରରେ ଶ୍ରୀ ପାଟୋଡ଼ିଆ କହିଲେ, ଶ୍ରୀ ସାମନ୍ତଙ୍କୁ ସେ ନିଜର ଆଦର୍ଶ ଭାବେ ମାନି ଆସୁଛନ୍ତି। ଶ୍ରୀ ସାମନ୍ତ କେବଳ ମୋ ପାଇଁ ନୁହେଁ ଆମ ସମସ୍ତଙ୍କ ପାଇଁ ରୋଲ୍ ମଡେଲ୍ ବୋଲି ସେ କହିଥିଲେ। ୫ବର୍ଷ ପୂର୍ବରୁ ମୁମ୍ବାଇରେ କିସ୍ ପ୍ରତିଷ୍ଠା ପାଇଁ ସେ ସ୍ୱପ୍ନ ଦେଖିଥିଲେ। ଆଜି ତାଙ୍କର ସ୍ୱପ୍ନ ସାକାର ହୋଇଛି ଏବଂ କିସ୍ ଓ ଚଏସ୍ ୱେଲ୍‌ଫେୟାର ଫାଉଣ୍ଡେସନ୍ ମିଳିତ ଭାବେ ସମାଜ ପାଇଁ କାର୍ଯ୍ୟ କରିବେ ବୋଲି ସେ କହିଥିଲେ। ଶ୍ରୀ ସାମନ୍ତ ନିଜ ପ୍ରତିକ୍ରିୟାରେ କହିଲେ, କିସ୍ ମଡେଲ୍‌କୁ ଏବେ ସମସ୍ତେ ଏକ ସଫଳ ମଡ଼େଲ ଭାବେ ଗ୍ରହଣ କରିଥିବାରୁ




ମୁଁ ବହୁତ ଖୁସି। ୨୦୧୩ ମସିହାରୁ କିସ୍-ଦିଲ୍ଲୀ କାର୍ଯ୍ୟ କରୁଥିବା ବେଳେ କୋଲକାତାରେ ହେଲ୍‌ପ ଅସ୍ ହେଲ୍‌ପ୍ ଦେମ୍ ସଂଗଠନ ସହଯୋଗରେ କିସ୍‌ର ଏକ ଶାଖା ପ୍ରତିଷ୍ଠା ହୋଇଛି। ଏହାର ସମସ୍ତ ଭିତ୍ତିଭୂମି ଓ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ବେଳେ ଏବେ ମୁମ୍ବାଇରେ ଚଏସ୍-କିସ୍ ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା ହେବାକୁ ଯାଉଛି। ଦେଶର ତିନୋଟି ବୃହତ୍ ମହାନଗରରେ କିସ୍ ପ୍ରତିଷ୍ଠା ହୋଇପାରିଥିବାରୁ ଏହା ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ଶ୍ରୀ ସାମନ୍ତ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆଜ୍‌ମେରା ପ୍ରପର୍ଟିଜ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କିର୍ତ୍ତୀ ଆଜ୍‌ମେରା, ରୁଚିରା ଏକ୍‌ସପୋର୍ଟ୍‌ସର ଅଧ୍ୟକ୍ଷ ପାରସ ଜୈନ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସସ୍ମିତା ସାମନ୍ତ, କିସ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଦୀପକ କୁମାର ବେହେରା, କିସ୍ ମହାନିର୍ଦ୍ଦେଶକ କାହ୍ନୁଚରଣ ମାହାଲି ଓ କିସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ପ୍ରଶାନ୍ତ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ଦେଶରେ କରୋନା ଟୀକାକରଣର ଏକ ବର୍ଷ ପୂର୍ତ୍ତି ଅବସରରେ

# ସମୟପୋଯୋଗୀ ଓ ଦୃଢ ପଦକ୍ଷେପ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ : ସମୀର ମହାନ୍ତି

ଭୁବନେଶ୍ୱର, ୧୬/୧ (ଶ୍ରୁମି.) : ମହାମାରୀ କରୋନା ସଂକ୍ରମଣ କାରଣରୁ ଭାରତବର୍ଷ ସମେତ ସମଗ୍ର ବିଶ୍ୱ ଆତଙ୍କିତ ହୋଇପଡିଥିବାବେଳେ ଭାରତବର୍ଷର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି କରୋନା ବିରୋଧୀ ଲଢେଇର ନେତୃତ୍ୱ ନେଇ ଗୋଟିଏ ଗୋଟିଏ ଦୃଢ ଓ ସମୟପୋଯୋଗୀ ପଦକ୍ଷେପ ଗ୍ରହଣ କରି ଆମ ସମସ୍ତଙ୍କୁ ଆଶ୍ୱସ୍ତି ପ୍ରଦାନ କରିଆସୁଛନ୍ତି । ବର୍ତ୍ତମାନ ସୁଦ୍ଧା କରୋନା ବିରୁଦ୍ଧ ଲଢେଇରେ କେବଳ ଟୀକାକରଣ ଏକ ପ୍ରମୁଖ ଅସ୍ତ୍ର ଭାବେ ଉଭା ହୋଇଛି । ସମଗ୍ର ବିଶ୍ୱରେ କରୋନା ଟୀକା ଉତ୍ପାଦନକାରୀ ରାଷ୍ଟ୍ର ଭାବେ ଭାରତ ବର୍ଷ ଆଜି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । କେବଳ ଭାରତରେ ନୁହେଁ ବରଂ ସମଗ୍ର ବିଶ୍ୱକୁ କରୋନା ଟୀକା ଯୋଗାଇବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ଭାରତବର୍ଷ ଆଜି କରୋନା ଟୀକାକରଣରେ ଏକ ବର୍ଷ ପୂର୍ତ୍ତି ହୋଇଛି । କରୋନା ଟୀକା ଉଦ୍ଭାବନ ପାଇଁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ସମେତ ସମସ୍ତ ବୈଜ୍ଞାନିକ, ଚିକିତ୍ସକ, ନର୍ସ, ପାରାମେଡିକାଲ ଷ୍ଟାଫଙ୍କ କଠିନ ପରିଶ୍ରମ, ନିଷ୍ଠା, ସେବା ମନୋଭାବ କାରଣରୁ ଆଜି ସଫଳତା ମିଳିପାରିଛି ଏବଂ ଏଥି ପାଇଁ ସମସ୍ତଙ୍କୁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରିଛନ୍ତି ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି । ଏହି ଅବସରରେ ଶ୍ରୀ ମହାନ୍ତି ଭୁବନେଶ୍ୱର କ୍ୟାପିଟାଲ ହସପିଟାଲସ୍ଥିତ ଟୀକାଦାନ କେନ୍ଦ୍ରକୁ ଯାଇ ଟୀକାକରଣ



କାର୍ଯ୍ୟକ୍ରମରେ ସାମିଲ ଥିବା କାର୍ଯ୍ୟରତ ନର୍ସ, ପାରାମେଡିକାଲ ଷ୍ଟାଫ ଓ ସମ୍ମୁଖ ଯୋଦ୍ଧାଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରିଥିଲେ । ବୈଶ୍ୱିକ କରୋନା ମହାମାରୀ ଆରମ୍ଭ ସମୟରେ ଆମ ଦେଶର ସ୍ଥିତି ଭୟାଭୟ ଥିଲା । ସ୍ୱାସ୍ଥ୍ୟ ଭିତିଭୁମି ଅତ୍ୟନ୍ତ ଚିନ୍ତାଜନକ ଥିଲା । ଆମ ପାଖରେ ଶଯ୍ୟା, ପିପିଇ କିଟ୍, ଭେଂଟିଲେଟର, ଆଇସିୟୁ ଆଦିର ଅଭାବ ଥିଲା । ଏହି ସମୟରେ କରୋନା ଯୁଦ୍ଧ ବିରୁଦ୍ଧରେ ନେତୃତ୍ୱ ନେଉଥିବା ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ଦୁର ଦୃଷ୍ଟି ସଂପନ୍ନ ରଣନୀତି ଏବଂ ଦେଶର ବୈଜ୍ଞାନିକ, ଚିକିତ୍ସକମାନଙ୍କ ଅକ୍ଳାନ୍ତ ପରିଶ୍ରମ କାରଣରୁ ଦେଶବାସୀ ଆଜି ସୁରକ୍ଷିତ ଅଛନ୍ତି ବୋଲି ଶ୍ରୀ ମହାନ୍ତି କହିଛନ୍ତି । ଦେଶରେ କୋଭିଡ ଟୀକାକରଣର ଏକ ବର୍ଷ ପୁର୍ତ୍ତି ହୋଇଛି । ଗତ ବର୍ଷ ଜାନୁଆରୀ ୧୬ ତାରିଖ ଦିନ ସର୍ବପ୍ରଥମେ ସ୍ୱାସ୍ଥ୍ୟକର୍ମୀଙ୍କୁ ଟୀକା ଦିଆଯିବା ପରେ ପର୍ଯ୍ୟାୟକ୍ରମେ ଫ୍ରଂଟଲାଇନ କର୍ମଚାରୀ, ବରିଷ୍ଠ ନାଗରିକ, ୪୫ ବର୍ଷରୁ ଉର୍ଦ୍ଧ୍ୱ ନାଗରିକ, ୧୮ ବର୍ଷରୁ ଉର୍ଦ୍ଧ୍ୱଙ୍କ ପାଇଁ ଟୀକାକରଣ କରାଯାଇ ଆଜି ୧୫-୧୮ ବର୍ଷ ଶିଶୁମାନଙ୍କ ପାଇଁ ଟୀକାକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏପରିକି ଗତ ୧୦ ତାରିଖରୁ ଦେଶବ୍ୟାପୀ ବରିଷ୍ଠ ନାଗରିକମାନଙ୍କୁ ବୁଷ୍ଟର ଡୋଜ ଟୀକାକରଣ ମଧ୍ୟ ଆରମ୍ଭ ହୋଇସାରିଛି । ଆଜି ଦେଶରେ ଦୈନିକ ହାରାହାରି ୪୨.୭ ଲକ୍ଷ ଟୀକାକରଣ ହେଉଛି ଏବଂ ଆଜି ସୁଦ୍ଧା ୧୫୬ କୋଟି ଡୋଜ ଟୀକାକରଣ ସରିଛି । ୬୫ କୋଟିରୁ ଉର୍ଦ୍ଧ୍ୱ ଦେଶବାସୀ ୨ଟି ଡୋଜ ନେଇସାରିଛନ୍ତି । 'ସର୍ବେ ଭବନ୍ତୁ ସୁଖୀନଃ' ଏବଂ 'ବସୁଧୈବ କୁଟୁମ୍ବକମ' କୁ ମୁଳମନ୍ତ୍ର କରି କାର୍ଯ୍ୟ କରୁଥିବା ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ୯୪ରୁ ଅଧିକ ରାଷ୍ଟ୍ରକୁ ୭୨୩ ଲକ୍ଷରୁ ଅଧିକ ଟୀକା ଯୋଗାଇ ଦେଇଛନ୍ତି । ଗ୍ରାମୀଣ କୋଭିଡ ଟୀକାକରଣ କେନ୍ଦ୍ରରେ ୯୯ କୋଟିରୁ ଉର୍ଦ୍ଧ୍ୱ ଡୋଜ ଦିଆହୋଇଛି । ଆଦିବାସୀ ଜିଲ୍ଲାମାନଙ୍କରେ ୧୧ କୋଟିରୁ ଉର୍ଦ୍ଧ୍ୱ ଡୋଜ ପ୍ରଦାନ ସରିଛି । ଓଡିଶାରେ ବର୍ତମାନ ସୁଦ୍ଧା ପାଖାପାଖି ୫.୫୦ କୋଟି କୋଭିଡ ଟୀକା ପ୍ରଦାନ କରାଯାଇଛି । ଏହା ନିଶ୍ଚିତ ଭାବେ ଆମ ସମସ୍ତଙ୍କ ପାଇଁ ଖୁସିର ଖବର ଏବଂ ଏଥି ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ସମେତ ସମସ୍ତ ବୈଜ୍ଞାନିକ, ଚିକିତ୍ସକ, ନର୍ସ, ପାରାମେଡିକାଲ ଷ୍ଟାଫ, ଫ୍ରଂଟଲାଇନ କର୍ମଚାରୀଙ୍କୁ ଶ୍ରୀ ମହାନ୍ତି କୃତଜ୍ଞତା ଜ୍ଞାପନ କରିଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ନେତୃତ୍ୱରେ ଆମେ ନିଶ୍ଚିତ ଭାବେ କରୋନା ବିରୋଧୀ ଲଢେଇରେ ବିଜୟ ଲାଭ କରିବୁ ବୋଲି ଶ୍ରୀ ମହାନ୍ତି ଦୃଢୋକ୍ତି ପ୍ରକାଶ କରିଛନ୍ତି ।

# ବିଜେପିର ବିସ୍ତାରକ ପ୍ରଶିକ୍ଷଣ ବର୍ଗ ଅନୁଷ୍ଠିତ



ତେଲକୋଇ ୧୬/୧ (ଶ୍ରୁ.ମି) : ତେଲକୋଇ ବ୍ଲକ ମୁଖ୍ୟାଳୟର ନିଖିଳ ଉତ୍କଳ ଚଷା ସମାଜ ଗୃହ ଠାରେ ରବିବାର ଭାରତୀୟ ଜନତା ପାର୍ଟି ପକ୍ଷରୁ ତେଲକୋଇ ଏବଂ ବାଂଶପାଳ ବ୍ଲକର ବିସ୍ତାରକ ପ୍ରଶିକ୍ଷଣ ବର୍ଗ ଅନୁଷ୍ଠିତ ହୋଇଯାଇଛିୟ ଉକ୍ତ କାର୍ଯ୍ୟକ୍ରମରେ ବିଜେପି ମୁଖପାତ୍ର ସତ୍ୟବ୍ରତ ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ପଞ୍ଚାୟତ ସ୍ତରୀୟ ବିସ୍ତାରକ ମାନଙ୍କ ସହ ସଂଗଠନ ର ଶକ୍ତି ବୃଦ୍ଧି, ଶାସକ ଦଳର ବିଫଳତା କୁ ଲୋକଲୋଚନକୁ ଆଣିବା ଏବଂ ସାମାଜିକ ଗଣମାଧ୍ୟମର ଭରପୁର ବ୍ୟବହାର କରିବାକୁ ନେଇ ଆଲୋଚନା କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଆଦିବାସୀ ମୋର୍ଚ୍ଚାର ରାଜ୍ୟ ସାଧାରଣ ସମ୍ପାଦକ କୈଳାସ ନାୟକ, ବିଜେପିର ଜିଲ୍ଲା ସାଧାରଣ ସମ୍ପାଦକ ଶୁକଦେବ ମହାନ୍ତ, ଆଦିବାସୀ ମୋର୍ଚ୍ଚାର ଜିଲ୍ଲା ସଭାପତି ମାନସ ନାଏକ, ଜିଲ୍ଲା ଉପସଭାପତି ଉଦୟନାଥ ସାହୁ ଏବଂ ପୂର୍ବତନ ବ୍ଲକ ସଭାପତି ଓ ଜିଲ୍ଲା ଉପସଭାପତି ରଣଜିତ ବିଶ୍ୱାଳ ଯୋଗ ଦେଇ ବିସ୍ତାରକ ଙ୍କୁ ପ୍ରଶିକ୍ଷଣ ଦେବା ସହ ର୍ନିବାଚନ ସଂଯୋଜନାର ଗୁରୁମନ୍ତ୍ର ପ୍ରଦାନ କରିଥିଲେ। ଉଦୟନାଥ ସାହୁ ସଭା ପରିଚ୍ଳନା କରିଥିବାବେଳେ ପୂର୍ବତନ ମଣ୍ଡଳ ସଭାପତି ପ୍ରମୋଦ ସାହୁ, ମଣ୍ଡଳ ସଭାପତି ସତ୍ୟନାରାୟଣ ସାହୁ ଓ ମଧୁସୂଦନ ବାରିକ କାର୍ଯ୍ୟକ୍ରମ ପରିଚ୍ଳନା କରିଥିଲେ ।

## ଅବକାରୀ ଚଢ଼ାଉ, ୪ ଗିରଫ

*ଅନୁଗୋଳ ୧୬।୧ (ଶ୍ରୁମି.) : ବଇଣ୍ଡା ଓ ଆଠମଲ୍ଲିକ ଅବକାରୀ ବିଭାଗର ମିଳିତ ଚଢ଼ାଉ କରି ୮୩ ଲିଟର ଦେଶୀ ମଦ ଜବତ କରିଥିବା ବେଳେ ମଦ ଚୋରା ଚାଲାଣ ଅଭିଯୋଗରେ ୪ ଜଣଙ୍କୁ ଗିରଫ କରାଯାଇଛି। ଟାପଢ଼ୋଲ ଗ୍ରାମର ସୁଶୀଳ ବେହେରା, ସାନହୁଳା ଗ୍ରାମର ପୁଷ୍ପାଞ୍ଜଳୀ ସେଠୀ, କଦଳୀମୁଣ୍ଡା ରମାକାନ୍ତ ପଧାନ ଓ ପାପସରା ଗ୍ରାମର ଶୁକ୍ରୁ ସାହୁଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରାଯାଇଛି ବୋଲି ଅବକାରୀ ଅଧିକାରୀଙ୍କ ଠାରୁ ସୂଚନା ମିଳିଛି।*

# ଉତ୍କଳ କରାଟେ ସଂଗଠନ ପକ୍ଷରୁ ବେଲ୍‌ଟ ପ୍ରଦାନ




ଅନୁଗୋଳ ୧୬।୧ (ଶ୍ରୁମି.) : ସ୍ଥାନୀୟ ପିଟିସି ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଉତ୍କଳ କ୍ୟାକୁସିକ୍ କରାଟେ ଓ ଯୋଗ ସଂଗଠନ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ବେଲ୍‌ଟ ପ୍ରଦାନ ସମାରୋ ଆୟୋଜିତ ହୋଇଯାଇଛି। ଏହି ସମାରୋହରେ ପିଟିସି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କେଦାର ବେହେରା ମୁଖ୍ୟ ଅତିଥି ଏବଂ କ୍ରୀଡ଼ା ସଂଗଠନ ଅକ୍ଷୟ କୁମାର ଦାସ ସମ୍ମାନୀତ ଥିଥି ରୂପେ ଯୋଗଦାନ କରି କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣ ପତ୍ର ଓ ବେଲ୍‌ଟ ପ୍ରଦାନ କରିଥିଲେ। ମୋଟ ୭୦ ଜଣ ଛାତ୍ରଛାତ୍ରୀ ପ୍ରମାଣ ପତ୍ର ଓ ୧୨ ଜଣ ଛାତ୍ରଛାତ୍ରୀ ବ୍ଲାକ୍ ବେଲ୍‌ଟ ହାସଲ କରିଥିଲେ। ରୋହନ କୁମାର ସାହୁ, ପ୍ରୀତମ କୁମାର, ଲକ୍ଷ୍ମୀପାଦ କର, ପ୍ରାଚୀ ପୂର୍ବାଶା, ପ୍ରଜ୍ଞା ପ□କ୍ଷରୀ, ପ୍ରଜଳା ଶ୍ରୀ ଗଡ଼ନାୟକ ଉପସ୍ଥିତ ରହି ବ୍ଲାକ୍ ବେଲଟ୍ ଅତିଥିଙ୍କ ଠାରୁ ଗ୍ରହଣ କରିଥିଲେ। କରାଟେ ସଂଗଠନ ପକ୍ଷରୁ ଉପସଭାପତି ବିଶ୍ୱରଞ୍ଜନ ପଟ୍ଟନାୟକ, ଯୁଗ୍ମ ସଂପାଦକ ବବିନ ଚନ୍ଦ୍ର ଗଡ଼ନାୟକ, ସଂଯୋଜକ ମନୋଜ ଆଦିତ୍ୟ ଦାସ, ସୁରଞ୍ଜିତ ରାଜକୁମାର କୋଷାଧ୍ୟକ୍ଷ ସୌମ୍ୟ ରଂଜନ ବେହେରା ଏବଂ କ୍ରୀଡ଼ା ପ୍ରଶିକ୍ଷକ ବାସୁଦେବ ସାହୁ ଉପସ୍ଥିତ ରହି ସମାରୋହ ପରିଚାଳନା କରିଥିଲେ।

# କଳାହାଣ୍ଡିରେ ଡିଜିପି ଶ୍ରୀ ବଂସଲଙ୍କ ସମୀକ୍ଷା

କଟକ, ୧୬।୧ (ଶ୍ର.ମି) : ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ସୁନୀଲ କୁମାର ବଂସଲ ଆଜି ନୂଆପଡ଼ା ଏବଂ କଳାହାଣ୍ଡି ଜିଲ୍ଲା ଗସ୍ତ କରିଛନ୍ତି। ଏହି ଅବସରରେ ଗୁଇନ୍ଦା ନିର୍ଦ୍ଦେଶକ, ଶ୍ରୀ ଲଳିତ ଦାସ, ଆଇଜି (ଅପରେସନ୍) ଶ୍ରୀ ଅମିତାଭ ଠାକୁର, ଡିଆଇଜି(ଏସ୍‌ଆଇଡବ୍ଲ୍ୟୁ) ଶ୍ରୀ ଅନିରୁଦ୍ଧ ସିଂଙ୍କ ସମେତ ଉଭୟ ଜିଲ୍ଲାର ଏସ୍‌ପି ପ୍ରମୁଖ ସାମିଲ ହୋଇଥିଲେ। ଉଭୟ ଜିଲ୍ଲା ଗସ୍ତ ସମୟରେ ଡିଜିପି ଶ୍ରୀ ବଂସଲ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ ଏବଂ ନିମ୍ନଲିଖିତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରିଛନ୍ତି।

୧) ମାଓ କାର୍ଯ୍ୟକଳାପ ସ୍ଥିତିର ସମୀକ୍ଷା ଏବଂ ଭବିଷ୍ୟତ ନିମନ୍ତେ ସ୍ୱତନ୍ତ୍ର କାର୍ଯଶୈଳୀ।
୨) ଅପରାଧ, ଆଇନ୍ ଓ ଶୃଙ୍ଖଳାର ସମୀକ୍ଷା।
୩) ସାରା ରାଜ୍ୟରେ ଅନୁଷ୍ଠିତ ହେବାକୁ ଯାଉଥିବା ତ୍ରି-ସ୍ତରୀୟ ପଂଚାୟତ ନିର୍ବାଚନର ପ୍ରସ୍ତୁତି ସମ୍ପର୍କରେ।
୪) ଗତ ଜାନୁଆରୀ ୯ ତାରିଖ ଓ ୧୨ ତାରିଖରେ ମାଓ ଦମନରେ ସାମିଲ ହୋଇଥିବା ଏସ୍‌ଓଜି ଏବଂ ଡିଭିଏଫ୍ ଟିମ୍ ସହ ବିଶେଷ ଆଲୋଚନା।
୫) ନୂଆପଡ଼ା ଏବଂ ଭବାନୀପାଟଣାଠାରେ ସିଆର୍‌ପିଏଫ୍‌ର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା।
୬) ଭବାନୀପାଟଣାଠାରେ ଆଲୋଚନା ସଭାରେ ଅଂଶଗ୍ରହଣ।
୭) ଭବାନୀପାଟଣାଠାରେ ଶୁଭାରମ୍ଭ ହୋଇଥିବା ସାଇବର ଥାନା ପରିଦର୍ଶନ କରିଥିଲେ।

# ପଂଚାୟତ ନିର୍ବାଚନ ପରିଚାଳନା ପାଇଁ ୭ ଜଣିଆ କମିଟି ଘୋଷଣା କଲା ବିଜେପି

### *ଜୁଏଲ ଓରାମ, ବସନ୍ତ ପଣ୍ଡା, ଜୟ ନାରାୟଣ ମିଶ୍ର, ମୋହନ ମାଝୀ, ଅନିତା ଶୁଭଦର୍ଶୀନି, ଗୋଲକ ମହାପାତ୍ର, ଶଙ୍କର ପରିଡ଼ା ହେଲେ କମିଟିର ସଦସ୍ୟ*

ଭୁବନେଶ୍ୱର, ୧୬/୧ (ଶ୍ରୁ.ମି) : ଆଗାମୀ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ସୁପରିଚାଳନା ପରିପ୍ରେକ୍ଷୀରେ ରାଜ୍ୟ ବିଜେପି ସଭାପତି ଶ୍ରୀ ସମୀର ମହାନ୍ତି ଏକ ସାତ ଜଣିଆ ରାଜ୍ୟସ୍ତରୀୟ ନିର୍ବାଚନ ପରିଚାଳନା କମିଟି ଘୋଷଣା କରିଛନ୍ତି । ଏହି କମିଟିରେ ପୂର୍ବତନ ରାଜ୍ୟ ସଭାପତି, ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସାଂସଦ ଶ୍ରୀ ଜୁଏଲ ଓରାମ, ପୂର୍ବତନ ରାଜ୍ୟ ସଭାପତି ତଥା ସାଂସଦ ବସନ୍ତ ପଣ୍ଡା, ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଧାୟକ ଜୟ ନାରାୟଣ ମିଶ୍ର, ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀ, ରାଜ୍ୟ ଉପ ସଭାନେତ୍ରୀ ଅନିତା ଶୁଭଦର୍ଶୀନି, ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର ଏବଂ ବିଜେପି ପଂଚାୟତରାଜ ବିଭାଗ ରାଜ୍ୟ ସଂଯୋଜକ ଶଙ୍କର୍ଷଣ ପରିଡ଼ା ସଦସ୍ୟ ଅଛନ୍ତି ।

# ୧୩ ତମ ମହେଶ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ




ସମ୍ବଲପୁର, ୧୬।୧ (ଶ୍ରୁମି.) : ୧୩ ତମ ମହେଶ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସ୍ୱର୍ଣ୍ଣ ବୁରେଇ ଖେଳ ପଡିଆ ରେ ଆଜି ଉଦଘାଟିତ ହୋଇଯାଇଛି , ଆଜିର ପ୍ରଥମ ଦିନ ଖେଳ ରେ ଏମ୍ପିସନ୍ କ୍ଲବ ବ୍ରଜରାଜନଗର ଓ କମିସନର କଲୋନି କ୍ରିକେଟ୍ କ୍ଲବ ମଧ୍ୟରେ ଖେଳା ଗଲା । କମିସନର ଦଳ ପ୍ରଥମେ ଟସ୍ ଜିଣି ବୋଲିଙ୍ଗ କରିବାର ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରି ବ୍ରଜରାଜନଗର ଦଳ ୨୫ ଓଭର୍ ମ୍ୟାଚ୍ ରେ ସମସ୍ତ ୱିକେଟ୍ ହରେଇ ର୍ନିଦ୍ଧାରିତ ୨୪.୫ ଓଭରରେ ରୋସନ୍ ପ୍ରସାଦ ୨୭ ବଲ୍ ୪୦ ରନ୍ ସହାୟତା ରେ ୧୩୯ ରନ୍ ସକ୍ଷମ ହୋଇଥିଲା। ଜବାବ ରେ କମିସନର କଲୋନୀ କ୍ରିକେଟ୍ କ୍ଲବ ଦଳର ରୋସନ ମହାପାତ୍ର ୩୧ ବଲ୍ ୪୭ ରନ୍ ଓ କୁଶଳ ପଟେଲ ୫୯ ବଲ ୪୮ ରନ୍ ସହାୟତା ରେ ୧୪୦ ରନ୍ ଲକ୍ଷ କୁ ୬ ଉଇକେଟ ରେ ବିଜୟ ଲାଭ କରିଛି । ଆଜିର ଆଥିତି ଭାବେ ଶାନ୍ତି ସାହୁ ଙ୍କ ଦ୍ୱାରା ରୋସନ୍ ମହାପାତ୍ର ମ୍ୟାନ ଅଫ ଦ ମ୍ୟାଚ୍ ପୁରସ୍କୃତ ହେଲେୟ ଆଜିର ମୁଖ୍ୟ ଅଥିତି ସତ୍ୟ ନାରାୟଣ ବେରିହା ସମାଜ ସେବୀ, ସନତ ଚୌହାନ, ରାଜିନ୍ଦ୍ର ବାରିକ, ଯତୀନ୍ଦ୍ର ବାରିକ, ଦିନେଶ ପୁଝାରୀ ଓ ସମସ୍ତ ଏମ.ସି.ସି (ମାନେଶ୍ୱର) କ୍ଲବ ର ସମସ୍ତ ସଦସ୍ୟ ଉପସ୍ଥିତି ଥିଲେ । ସ୍କୋର ବୋର୍ଡ ରେ ଆଲୋକ ସାହୁ ଓ ଧାରାବିବରଣି ଇଂରାଜୀରେ ଯୋଗେଶ ଚନ୍ଦ୍ର ପୁରୋହିତ, ସମ୍ବଲପୁରୀ ରେ ଦିଲୀପ ପୂଜାରୀ, ହିନ୍ଦୀରେ ବିକାଶ ହୋତା ସମସ୍ତ ଦାୟିତ୍ୱ ର୍ନିବାହ କରିଥିଲେ ।

# ବଲାଙ୍ଗିର ଜିଲ୍ଲାର ପ୍ରଥମ ସ୍ୱାଧୀନତା ସଂଗ୍ରାମୀଙ୍କୁ ଉପେକ୍ଷା: ସ୍ୱୀକୃତି ଦେବାକୁ କୁଣ୍ଠାବୋଧ କାହିଁକି ?

ବଲାଙ୍ଗିର ୧୬ ।୧ (ଶ୍ରୁ.ମି) : ଦେଶପ୍ରେମ, ବୀରତ୍ୱ ଓ ସାହସିକତାର ଉଦାହରଣ ଧରମ ସିଂ ମାଝୀ ମାନ୍ଧାତା । ଯେ କି ବଲାଙ୍ଗୀରର ପ୍ରଥମ ସ୍ୱାଧୀନତା ସଂଗ୍ରାମୀ । ଜଣେ ଦକ୍ଷ୍ୟ ଯୋଦ୍ଧା ସହ ଅପାର ସାହାସରେ ସେ ଥିଲେ ଧନୀ । ଏବଂ ଭାରତର ସିପାହୀ ବିଦ୍ରୋହ ର୍ପିବରୁ ହୋଇଥିବା ଘୁମସର କନ୍ଧ ମେଳିର ସେ ଥିଲେ ଜଣେ ଟାଣୁଆ ଯୋଦ୍ଧା । କିନ୍ତୁ ଆଜି ତାଙ୍କୁ କରାଯାଉଛି ଉପେକ୍ଷା । ଆଜିବି ତାଙ୍କୁ ଇତିହାସରେ ମିଳିଲାନି ସ୍ଥାନୟ ଆମେ କହୁଛୁ ବଲାଙ୍ଗୀର ଆଠଗାଁର ଜମିନ ଦାର ସ୍ୱର୍ଗତ ଧରମ ସିଂ ମାଝୀ ମାନ୍ଧାତାଙ୍କ କଥା । ଏବେକାର ବଲାଙ୍ଗୀର ସେତେବେଳେ ପାଟଣା ରାଜ୍ୟ କୁହାଯାଉଥିବା ବେଳେ ଧରମ ସିଂହ ମାଝୀ ମାନ୍ଧାତା ଆଠଗାଁର ଜମିଦାର ଥିଲେୟ ସେ ଜଣେ ଦକ୍ଷ୍ୟ ଯୋଦ୍ଧା ଥିବାବେଳେ ଅପାର ସାହାସରେ ସେ ଥିଲେ ଧନୀ । ଭାରତର ସିପାହୀ ବିଦ୍ରୋହ ପୂର୍ବରୁ ହୋଇଥିବା କନ୍ଧ ମେଳିର ସେ ଜଣେ ଆଗୁଆ ଯୋଦ୍ଧା ଥିଲେ। ବଲାଙ୍ଗୀରର ପ୍ରଥମ ସ୍ୱାଧୀନତା





ସଂଗ୍ରାମୀଙ୍କୁ ଉପେକ୍ଷା , ମାଟିରେ ମିଶିବାକୁ ବସିଲାଣି ସ୍ମୃତିସେହି ସମୟରେ ଅର୍ଥାତ ୧୮୫୩ ମସିହାରେ କନ୍ଧ ନେତା ଚକ୍ର ବିଶୋଇ ଇଂରେଜ ବିରୋଧରେ ଲଢେଇ କରୁଥିଲେ । ଘୁମସର କନ୍ଧ ଆନ୍ଦୋଳନ ଆଜିବି ଇତିହାସରେ ଲିପିବଦ୍ଧ ହୋଇ ରହିଛି । ସେହି ସମୟରେ ଚକ୍ର ବିଶୋଇ ଙ୍କୁ ଇଂରେଜ ମାରିବା ପାଇଁ ଅନେକ ଷଡଯନ୍ତ୍ର କରିଥିଲେ । ଏହା ପରେ ଚକ୍ର ବିଶୋଇ ବଲାଙ୍ଗୀରର ଭୀମ ପାହାଡ ଓ ଆଠଗାଁ ଅଞ୍ଚଳରେ ରହି ଆସୁଥିଲେ । ଏହି ସମୟରେ ଆଠଗାଁ ଜାମିନଦାର ଧରମ ସିଂହ ମାଝୀ ମାନ୍ଧାତା ଆଶ୍ରୟ ଦେଇ ନିଜେ ମଧ କନ୍ଧ ମେଳିରେ ସାମିଲ ହୋଇ ଇଂରେଜ ମାନଙ୍କ ବିରୋଧରେ ଲଢେଇ ଆରମ୍ଭ କରିଥିଲେ । ଯାହାପରେ କନ୍ଧ ମେଳିକୁ ବନ୍ଦ କରିବା ପାଇଁ ନିଯୁକ୍ତ ଥିବା ଇଂରେଜ ଅଧିକାରୀ ଆର ଏ ମେକ ଡନାଲଡ଼ ସୈନ୍ୟ ପଠାଇ ଜମିନଦାରଙ୍କୁ ଗିରଫ କରିଥିଲେ । ତେବେ ସେହି ଦିନ ଠାରୁ ତାଙ୍କର ଆଉ ପତ୍ତା ମିଳି ନ ଥିଲା । ତେବେ ସେ ସମୟରେ ଏହି ଧରମ ସିଂହ ମାଝୀ ମାନ୍ଧାତା ତାଙ୍କ ଅଞ୍ଚଳ ପାଇଁ ଅନେକ ବିକାଶ ମୂଳକ କାମ କରିଥିବା ବେଳେ ତାଙ୍କ ଦ୍ୱାରା ସ୍ଥାପିତ ୧୮୦୦ ମସିହାର ସ୍କୁଲ ଏବେବି ରହିଛି । ସେହିପରି ତାଙ୍କର ଘର, ମନ୍ଦିର ଆଜି ଜରାଜୀର୍ଣ୍ଣ ଅବସ୍ଥାରେ ଥିବାବେଳେ ସେତେବେଳର ଇତିହାସ ନିଜ ଭିତରେ ସାଇତି ରଖିଛି । ଏହାର ପୁନରୁଦ୍ଧାର ନ ହେଲେ ତାହା ଅଧ ଆଗକୁ ମାଟିରେ ମିଶି ଯିବ ଓ ଜଣେ ସଂଗ୍ରାମୀଙ୍କ ଗାଥା ସବୁଦିନ ପାଇଁ ଲିଭି ଯିବ ବୋଲି ଆଶଙ୍କା ପ୍ରକାଶ ପାଇଛି । ତେବେ ୧୮୦୦ ମସିହାରେ ଏହି ଜାମିନଦାର ଧରମ ସିଂହ ମାଝୀ ଯୁଦ୍ଧରେ ପଡୋଶୀ ରାଜ୍ୟ ପଦ୍ମପୁରର ଜାମିନଦାରଙ୍କୁ ହରାଇ ଥିବାରୁ ତାଙ୍କୁ ସେ ସମୟର ପାଟଣା ମହାରାଜ ଭୋପାଳ ଦେଓ ମାନ୍ଧାତା ଉପାଧି ଦେଇଥିଲେୟ ସେ ସମୟର ପାଟଣା ରାଜ୍ୟ ଇଂରେଜ ମାନଙ୍କର ଗୋଟିଏ ପ୍ରିନ୍ସଲି ରାଜ୍ୟ ଭାବରେ ପରିଗଣିତ ହୋଉ ଥିଲା । ଏବଂ ଏଠିକାର ମାହାରାଜ ପ୍ରଥମେ ମରାଠାଙ୍କ ଅଧୀନରେ ଥିବା ବେଳେ ୧୮୦୩ ମସିହାରେ ଇଂରେଜ ମାନଙ୍କ ଅଧୀନରେ ରହି ଆସୁଥିଲେ । ଜମି କର ଓ ଇଂରେଜ ଙ୍କ ଅତ୍ୟାଚ୍ଚର ବିରୋଧରେ ସିପାହୀ ବିଦ୍ରୋହ ପୂର୍ବରୁ ଏହି ଅ□ଳରେ କନ୍ଧ ଆନ୍ଦୋଳନ ହୋଇଥିଲାୟଜିଲ୍ଲାର ଆଠଗାଁ ଜାମିନଦାର ଧରମ ସିଂହ ମାଝୀ ଏଥିରେ ସାମୀଲ ହୋଇ ଇଂରେଜ ବିରୋଧରେ ଲଢ଼ି ଜେଲ ଯାଇଥିଲେ । ହେଲେ ତାଙ୍କର ଏହି ବିର ଗାଥା କେବଳ ପାଟଣା ଗେଜେଟ ରେ ଲିପିବଦ୍ଧ ଥିବା ବେଲେ ଭାରତ ଇତିହାରେ ଏହା ସ୍ଥାଣିତ ହୋଇ ପାରି ନାହିଁୟ ତେବେ ଏଠିକାର ଲୋକ କିନ୍ତୁ ତାଙ୍କ ବିର ଗାଥା କୁ ମନେ ପକାଇ ବିଭିଓ କାର୍ଯ୍ୟକ୍ରମ କରି ଆସୁଛନ୍ତିୟ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପାଖରେ ଏହି ଘଟଣା ବଳିକୁ ଉପସ୍ଥାପିତ କରି ହକ ପାଇଁ ଲଢେଇ ମଧ କରିଛନ୍ତି । କିନ୍ତୁ ଏଯାଏଁ କେନ୍ଦ୍ର କିମ୍ବା ରାଜ୍ୟ ସରକାର ତାଙ୍କ କଥାକୁ ଶୁଣି ନ ଥିବା ବେଳେ ସେ ସମୟରେ ମୁକ ସାକ୍ଷୀ ପାଲଟିଥିବା ଜମିନଦାରଙ୍କ ଘର ଇତ୍ୟାଦିକୁ ମଧ ପୁନରୁଦ୍ଧାର ପାଇଁ କୌଣସି ବିଶେଷ ପଦକ୍ଷେପ ନେଇ ନାହାନ୍ତି । ଜଣେ ସଂଗ୍ରାମୀ ଯିଏ ଇଂରେଜ ବିରୋଧରେ ଲଢେଇ କରିଥିଲେ ତାଙ୍କୁ କାହିଁକି ଜଣେ ସ୍ୱାଧୀନତା ସଂଗ୍ରାମୀର ର ମାନ୍ୟତା ମିଳିଲା ନାହିଁ । କାହିଁକି ଇତିହାସରେ ତାଙ୍କର ଗାଥା ବର୍ଣ୍ଣିତ ହେଲା ନାହିଁ ତାକୁ ନେଇ ଅନେକ ପ୍ରଶ୍ନ ଉଠି ଥିବା ବେଳେ ତାଙ୍କୁ ଏସବୁ ମାନ୍ୟତା ଦିଆ ଯିବାର ଦାବି ହୋଇଛି ।

Printed, Published and Owned by Sri Sarbeswar Mishra, Published at Plot No-794/1318, Paragon city, Johala, Po- Pahala, Bhubaneswar-751032, Dist-Khordha, Odisha and Printed at Gayatri Industries, TS3/193, Mancheswar Industrial Estate, Bhubaneswar- 751010, Dist- Khordha Tel- 9437279415, 9437770874,0674-2460825 E-mail: srutimedia@gmail.com
Editor-Sarbeswar Mishra
ସମ୍ପାଦକ:ସର୍ବେଶ୍ୱର ମିଶ୍ର